# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, November 11/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 345 | ମୂଲ୍ୟ ₹୭/-




## ଭାରତୀୟ ଦଳରେ ସୁନେଲିତା

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳରେ ସୁନେଲିତା ଟପ୍ପୋଙ୍କ ସମେତ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି।

୧୨

୦୨

## ଏକାଠି ଆସିବେ ସଲମାନ-ଅଭିଷେକ


ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ 'ରାଜା ଶିବାଜୀ' ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।



# ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ: ୮ ମୃତ

## ▪ ୨୪ ଗୁରୁତର ▪ ହାଇଆଲର୍ଟରେ ଦିଲ୍ଲୀ ▪ ଆତଙ୍କବାଦୀ ଲିଙ୍କ୍ ନେଇ ଚାଲିଛି ଖୋଳତାଡ଼





ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ସଂଘଟିତ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

**ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୁନ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା କେତେକ ଗାଡ଼ି ଜଳିଯିବା ସହ ଝରକା କାଚ ଭାଙ୍ଗିଯାଇଛି। ସହରକୁ ହାଇ ଆଲର୍ଟରେ ରଖାଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥିତି ଅନୁଧ୍ୟାନ କରୁଛି। ଗତ ୪ ଦିନ ମଧ୍ୟରେ ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ବିପୁଳ ପରିମାଣ ବିସ୍ଫୋରକ ଜବତ ହେବା ସହ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ୩ ଡାକ୍ତରଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଏଥିରୁ କେତେକ ସ୍ଥାନରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିବା ଆଶଙ୍କା ରହିଥିବାବେଳେ ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ବଡ଼ ବିସ୍ଫୋରଣ। ଏହି ଘଟଣା ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହରେ ଖୋଳତାଡ଼ କରାଯାଉଛି। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଟିମ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି।**

**ନୂଆଦିଲ୍ଲୀ, ୧୦ା୧୧**


ଦିଲ୍ଲୀ ଅଗ୍ନିଶମ ବିଭାଗ ଅନୁଯାୟୀ, ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ସମ୍ପର୍କରେ ୬ଟା ୫୫ ମିନିଟ୍‌ରେ ଖବର ମିଳିଥିଲା। ଘଟଣାସ୍ଥଳରେ ୭ଟି ଫାୟାର ଟେଣ୍ଡର ପହଞ୍ଚିଥିଲେ। ଅଫିସରଙ୍କ କହିବା ଅନୁଯାୟୀ, ୫ ମୃତଦେହକୁ ଲୋକନାୟକ ହସ୍ପିଟାଲକୁ ନିଆଯାଇଛି। ସୂଚନା ଅନୁଯାୟୀ, ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନର ୧ ନମ୍ବର ଗେଟ୍ ନିକଟରେ ଥିବା କାର୍‌ରେ ବିସ୍ଫୋରଣ ହୋଇଥିଲା। ଫଳରେ ପାଖରେ ଥିବା ୩ରୁ ୪ଟି ଗାଡ଼ିରେ ନିଆଁ ଲାଗିଯିବା ସହ କ୍ଷତିଗ୍ରସ୍ତ ହୋଇଥିଲା। ଜଳୁଥିବା କାର୍‌ର ଘନ ଧୂମକୁଣ୍ଡଳୀ ଉଠୁଥିବା ଦେଖାଯାଇଛି। ବିସ୍ଫୋରଣ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିସ୍ଫୋରଣ ପରେ ଏକାଧିକ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଆଖପାଖ ଦୋକାନ ଭାଙ୍ଗିଯିବା ସହ ସାମଗ୍ରୀଗୁଡ଼ିକ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା। ଘଟଣାସ୍ଥଳ ଆଖପାଖ ଅଞ୍ଚଳରେ କେତେଜଣ ମୃତକଙ୍କ ହାତ, ଗୋଡ଼, ଅନ୍ୟ ଅଂଶ ପଡ଼ି ରହିଥିଲା। ଘଟଣା ଏତେ ଭୟଙ୍କର ଥିବା ତାହାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ସେ କହିଥିଲେ।

ସୂଚନାଥାଉ କି ଘଟଣାସ୍ଥଳ ହେଉଛି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ। ସେଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାସହ ୧୧ଶହ ମିଟର ଦୂରରେ ରହିଛି ଜାମା ମସଜିଦ୍। ସେହିପରି କିଛି ମିଟର ଦୂରରେ ରହିଛି ଗୁରୁଦ୍ୱାରା ଶିଶ୍ ଗଞ୍ଜ ସାହିବ। ଏଭଳି ଭିଡ଼ ସ୍ଥାନରେ ବଡ଼ଧରଣର ବିସ୍ଫୋରଣ ଘଟିବା ଏକ ସୁଚିନ୍ତିତ ଆତଙ୍କବାଦୀ କାଣ୍ଡ ହୋଇଥାଇପାରେ ବୋଲି ଅନେକେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବାସହ ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଛନ୍ତି।

# ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ

## ▪ ୨୯୦୦ କେ.ଜି. ବିସ୍ଫୋରକ ଜବତ ▪ ୩ ଡାକ୍ତରଙ୍କ ସମେତ ୮ ଗିରଫ





ଗିରଫ ଡା. ମୁଜାମିଲ ଓ ଡା. ଅଦିଲ୍ ରଥର୍।



ଜବତ ମାରଣାସ୍ତ୍ର।

### ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ କ'ଣ

ବ୍ୟବସାୟୀ ଓ ସରକାରୀ ପେସାରେ ଥିବା ବ୍ୟକ୍ତି ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହାକୁ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ କୁହାଯାଇଥାଏ। ହ୍ୱାଇଟ୍ କଲାର ଅପରାଧ ସାଧାରଣତଃ ଆର୍ଥିକ ଫାଇଦା ପାଇଁ କରାଯାଇଥାଏ ଏବଂ ଏଥିରେ ଉଚ୍ଚ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏଥିରେ ଶାରୀରିକ ଶକ୍ତି ପରିବର୍ତ୍ତେ ପେସାଦାରୀ ଓ କର୍ପୋରେଟ୍ ସେଟିଂକୁ ବ୍ୟବହାର କରାଯାଇଥାଏ।

**ଶ୍ରୀନଗର/ ଫରିଦାବାଦ, ୧୦ା୧୧(ପି.ଟି.)**

ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଚାଲିଥିବା 'ହ୍ୱାଇଟ୍ କଲାର' ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହୋଇଛି। ସୁରକ୍ଷା ବଳ ଉପରୋକ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବାବେଳେ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଫଳରେ ବେଆଇନ ଘୋଷିତ ଜୈଶ-ଇ-ମହମ୍ମଦ(ଜେଇଏମ୍) ଏବଂ ଅନ୍‌ସର ଘଜୱାତ୍-ଉଲ୍-ହିନ୍ଦ୍ (ଏଜିୟୁଏଚ୍)ର ଏକ ବଡ଼ଧରଣର ଆକ୍ରମଣ ଯୋଜନାକୁ ସଫଳତାର ସହ ପଣ୍ଡ କରାଯାଇଛି। ଉକ୍ତ ଆତଙ୍କବାଦ ମଡ୍ୟୁଲ୍‌ରେ ଜେଇଏମ୍ ଏବଂଏଜିୟୁଏଚ୍ ସାମିଲ ଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି।

କଶ୍ମୀରର ଡା. ମୁଜାମିଲ୍ ଗନିଙ୍କୁ ଫରିଦାବାଦରୁ ଗିରଫ କରାଯାଇଥିବାବେଳେ ଲକ୍ଷ୍ନୌର ମହିଳା ଡାକ୍ତର ଶାହିନଙ୍କୁ ଗିରଫ କରାଯାଇ ହାଜତ ଜେରା ପାଇଁ ଶ୍ରୀନଗର ନିଆଯାଇଛି। ମହିଳା ଡାକ୍ତରଙ୍କ କାର୍‌ରୁ ଗୋଟିଏ ଏକେ-୪୭ ରାଇଫଲ୍ ଜବତ ହୋଇଛି। ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଏବଂ ହରିୟାଣା ପୋଲିସ ସହ କେନ୍ଦ୍ରୀୟ ଏଜେନ୍ସିର ମିଳିତ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି। ଏଜିୟୁଏଚ୍ ହେଉଛି ଭାରତରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା। ଜବତ ବୋମା ତିଆରି ସାମଗ୍ରୀ ମଧ୍ୟରେ ଆମୋନିୟମ୍ ନାଇଟ୍ରେଟ୍, ପଟାସିୟମ୍ ନାଇଟ୍ରେଟ୍ ଏବଂ ସଲ୍‌ଫର ରହିଛି। ସେଥିରୁ ୩୬୦ କିଲୋଗ୍ରାମ ଦହନଶୀଳ ପଦାର୍ଥ, ଯାହାକୁ ଆମୋନିୟମ୍ ନାଇଟ୍ରେଟ୍ ବୋଲି ସନ୍ଦେହ କରାଯାଉଛି। ଗନିଙ୍କ ହାଇଦ୍ରାବାଦସ୍ଥିତ ଭଡ଼ାଘରୁ କେତେଗୁଡ଼ିଏ ଅସ୍ତ୍ର ଓ ଗୁଳିଗୋଳା ମିଳିଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଜବତ ଅସ୍ତ୍ର ମଧ୍ୟରେ ଚାଇନା ନିର୍ମିତ ଷ୍ଟାର୍ ପିସ୍ତଲ, ବେରେଟ୍ଟା ପିସ୍ତଲ, ଏକେ-୫୬ ରାଇଫଲ, ଏକେ କ୍ରିନ୍‌କୋଭ୍ ରାଇଫଲ ସହ ସମସ୍ତ ଆଗ୍ନେୟାସ୍ତ୍ର ପାଇଁ ଆବଶ୍ୟକ ଗୁଳି ରହିଛି। ଏହା ବ୍ୟତୀତ ବିସ୍ଫୋରକ ସାମଗ୍ରୀ, ରାସାୟନିକ ପଦାର୍ଥ, ରିଏଜେଣ୍ଟ, ଦହନଶୀଳ ପଦାର୍ଥ, ଇଲେକ୍ଟ୍ରୋନିକ୍ ସର୍କିଟ, ବ୍ୟାଟେରି, ତାର, ରିମୋଟ କଣ୍ଟ୍ରୋଲ, ଟାଇମର ☞ପୃଷ୍ଠା-୪

# ୧୫ ଡିଗ୍ରୀ ତଳେ ଭୁବନେଶ୍ୱର ସମେତ ୧୩ ସହର

## ଶୀତ ଲହରି: ୬ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୧୦ା୧୧ (ବନ୍ଦନା ସେଠୀ)**

ରାଜ୍ୟରେ ଏବେ ପାରଦ ତଳମୁହାଁ ରହିଛି। ଧୀରେ ଧୀରେ ଶୀତ ବଢ଼ିବା ସହ ଘନ କୁହୁଡ଼ି କାୟା ବିସ୍ତାର କରୁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହ ପ୍ରବଳ ଶୀତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ସୋମବାର ଭୁବନେଶ୍ୱରରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ସେହିପରି ଫୁଲବାଣୀରେ ୧୧ ଡିଗ୍ରୀ, ଝାରସୁଗୁଡାରେ ୧୧.୬ ଡିଗ୍ରୀ, ରାଉରକେଲାରେ ୧୨.୫ ଡିଗ୍ରୀ, ଅନୁଗୋଳରେ ୧୨.୬ ଡିଗ୍ରୀ, ଢେଙ୍କାନାଳରେ ୧୩.୫ ଡିଗ୍ରୀ, କେନ୍ଦୁଝରରେ ୧୩.୮ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ☞ପୃଷ୍ଠା-୪

# ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର



**ମୁମ୍ବାଇ, ୧୦ା୧୧**

ବଲିଉଡ୍‌ର ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ନିକଟରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଧର୍ମେନ୍ଦ୍ରଙ୍କ ପ୍ରଶଂସକ ମହଲରେ ଚିନ୍ତା ବଢ଼ିଯାଇଥିଲା। ତେବେ ଭେଣ୍ଟିଲେଟରରେ ରଖାଯିବା ଖବର ଏକ ଗୁଜବ ବୋଲି ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କହିଛି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଓ ସେ କ୍ରମେ ସୁସ୍ଥ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶ୍ରେଣୀ ବିପଦ**

# ଆଜି ନୂଆପଡ଼ା ଉପନିର୍ବାଚନ ଭୋଟ

## ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨,୫୪,୪୯୭ ଭୋଟର

**ଭୁବନେଶ୍ୱର/ନୂଆପଡ଼ା, ୧୦ା୧୧ (ସୁନିତ୍ ମିଶ୍ର/ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟିଂ ହେବ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ରାଜ୍ୟର ପ୍ରମୁଖ ୩ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ମୋଟ୍ ୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣର ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଏନ୍‌ଏସି ଏବଂ ୨ଟି ବ୍ଲକକୁ ନେଇ ଗଠିତ ଏହି ନୂଆପଡ଼ା ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୫୪ ହଜାର ୪୯୭ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଏଠରେ ମୋଟ୍ ୩୫୮ଟି ବୁଥ୍ ରହିଥିବାବେଳେ ସେଥିରୁ ୧୦୧ଟି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ୧୦୧ ବୁଥ୍ ମଧ୍ୟରୁ ୪୭ଟି ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳ ବୋଲି କୁହାଯାଇଛି। ତେବେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ☞ପୃଷ୍ଠା-୪




## ବିହାର : ଦ୍ୱିତୀୟ ପର୍ଯ୍ୟାୟ ମତଦାନ

**ପାଟନା, ୧୦ା୧୧(ପି.ଟି.)**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ଏହି ପର୍ଯ୍ୟାୟରେ ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲ। (ଅଧିକ ରିପୋର୍ଟ: ପୃଷ୍ଠା-୨)

# ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ ସନ୍ତାନ ଜନ୍ମ

**ନାକଟିଦେଉଳ, ୧୦ା୧୧ (ବୈକୁଣ୍ଠନାଥ ସାହୁ)**

ବାଇକ୍ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ କନ୍ୟା ସନ୍ତାନ ଜନ୍ମଦେଲେ ସ୍ତ୍ରୀ। ଏପଟେ ଜନ୍ମର କେଇ ଘଣ୍ଟା ପୂର୍ବରୁ ବାପଛେଉଣ୍ଡ ହୋଇଗଲା ଶିଶୁ। ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଦେଖି ଫେରିବା ବେଳେ ଘଟିଥିଲା ଦୁର୍ଘଟଣା। ଏହିପରି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ।

ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝାରବେଡ଼ା ଗ୍ରାମର ଧରଣୀଧର ଦେହୁରୀଙ୍କ ଝିଅ ସଙ୍ଗୀତା ଦେହୁରୀ(୨୬)ଙ୍କର ୨୦୨୫ ଜାନୁୟାରୀରେ ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅନ୍ତର୍ଗତ ପିପିଲିକାନୀ ଗ୍ରାମର ମନୋଜ ମାଝୀ(୩୦)ଙ୍କ ସହିତ ବିବାହ ହୋଇଥିଲା। ସଙ୍ଗୀତା ଗର୍ଭବତୀ ହେବା ପରେ ଗତ ପ୍ରାୟ ୩ ମାସ ହେଲା ନିଜ ବାପଘର ଝାରବେଡ଼ା ଗ୍ରାମରେ ରହୁଥିଲେ। ଗତ ୭ ତାରିଖ ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ସଙ୍ଗୀତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ସ୍ୱାମୀ ମନୋଜ ଏବଂ ଶାଶୁ ମଞ୍ଜୁ ଶନିବାର ଅପରାହ୍ନରେ ନାକଟିଦେଉଳ ଡାକ୍ତରଖାନା ଆସିଥିଲେ। ଏପରିକି ସ୍ୱାମୀ, ଶାଶୁ ଡାକ୍ତରଖାନାରେ ସଙ୍ଗୀତାଙ୍କ ପାଖରେ ରହିଥିଲେ। ରବିବାର ସନ୍ଧ୍ୟାରେ ମା'ପୁଅ ଅର୍ଥାତ୍ ମଞ୍ଜୁ ଓ ☞ପୃଷ୍ଠା-୪



ମା'କୋଳରେ ସଦ୍ୟଜାତ ଶିଶୁକନ୍ୟା।

## ସଂକ୍ଷେପରେ

### ଛାତ ଭୁଶୁଡ଼ି ପରିବାରର ୫ ମୃତ

ସରନ,୧୦।୧୧

ବିହାରର ସରନ ଜିଲାରେ ଏକ ଘରର ଛାତ ଭୁଶୁଡ଼ି ଗୋଟିଏ ପରିବାରର ୩ ପିଲାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ୯ଟା ୪୫ ମିନିଟ୍ ସମୟରେ ଅକିଲପୁର ଥାନା ଅନ୍ତର୍ଗତ ମାନସ ଗ୍ରାମରେ ଛାତ ଭୁଶୁଡ଼ିବା ବେଳେ ପରିବାର ସଦସ୍ୟ ଘରେ ଶୋଇଥିଲେ ବୋଲି ପୋଲିସ କହିଛି। ପୋଲିସ ଟିମ୍ ପହଞ୍ଚି ମୃତଦେହଗୁଡ଼ିକୁ ଭଗ୍ନାବଶେଷ ତଳୁ ବାହାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘରଟି ୩୦ ବର୍ଷର ପୁରୁଣା ହୋଇଥିବାବେଳେ ଦୟନୀୟ ସ୍ଥିତିରେ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ମାଲିରେ ୫ ଭାରତୀୟଙ୍କୁ ଅପହରଣ

ବମାକୋ,୧୦।୧୧(ପି.ଟି.)

ମାଲିରେ ଗତ ସପ୍ତାହରୁ ୫ ଜଣ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିବା ସେଠାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ୬ ତାରିଖରେ ଏହି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରରୁ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିଲା। ସେମାନଙ୍କୁ ଯଥାଶୀଘ୍ର ସୁରକ୍ଷିତ ମୁକ୍ତ କରିବା ଲାଗି ଦୂତାବାସ ପକ୍ଷରୁ ମାଲି କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ କମ୍ପାନୀ ସହ ଯୋଗାଯୋଗ ଜାରି ରହିଥିବା ମିଶନ ପକ୍ଷରୁ କୁହାଯାଇଛି।

### ୟୁଏସ୍, ଜର୍ଜିଆରେ ଭାରତର ୨ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ,୧୦।୧୧

ଭାରତର ୨ ଜଣ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟରଙ୍କୁ ଆମେରିକା ଏବଂ ଜର୍ଜିଆରେ ଗିରଫ କରାଯାଇଛି। ସେମାନେ ହେଲେ ଭେଙ୍କଟେଶ ଗର୍ଗ ଏବଂ ଭାନୁ ରାଣା। ହରିୟାଣା ପୋଲିସ ଓ ଅନ୍ୟ ସୁରକ୍ଷା ଅଧିକାରୀମାନେ ଗର୍ଗଙ୍କୁ ଜର୍ଜିଆରୁ ଏବଂ ରାଣାଙ୍କୁ ଆମେରିକାରୁ ଗିରଫ କରିଛନ୍ତି। ରାଣା ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ। ଉଭୟ ଗ୍ୟାଙ୍ଗଷ୍ଟରଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଭାରତରୁ ୧୨ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗଷ୍ଟର ବିଦେଶରେ ରହି ଅପରାଧ ସିଣ୍ଡିକେଟ୍ ଚଳାଇଛନ୍ତି।

## ଦିଲ୍ଲୀରେ ଆଜି




ଭାଜପା ଦ୍ୱାରା 'ଭୋଟ ଚୋରି' ନେଇ କର୍ଣାଟକ ଜନସାଧାରଣଙ୍କଠାରୁ କଂଗ୍ରେସ ସଂଗ୍ରହ କରିଥିବା ଦସ୍ତଖତଗୁଡ଼ିକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ସୋମବାର ନୂଆଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟଠାରେ ଦେଖାଉଛନ୍ତି। (ଫଟୋ: ଚମନ ଗୌତମ)

# ୧୨୨ ଆସନରେ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

### ଆଜି ବିହାର ଭୋଟ

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ମଙ୍ଗଳବାର ନେପାଳ ସୀମାବର୍ତ୍ତୀ ପଶ୍ଚିମ ଚମ୍ପାରନ୍, ପୂର୍ବ ଚମ୍ପାରନ୍, ସୀତାମାଢ଼ି, ମଧୁବନି, ସୁପୌଲ, ଅରାରିଆ ଏବଂ କିଶନଗଞ୍ଜ ଜିଲାରେ ମତଦାନ ହେବାକୁ ଯାଉଛି। ଏହି ଜିଲାଗୁଡ଼ିକ ମୁସଲମାନ ବହୁଳ ହୋଇଥିବାରୁ ଜୋରଦାର ଲଢ଼େଇ ହେବାକୁ ଯାଉଛି। ଇଣ୍ଡିଆ ବ୍ଲକ୍ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ଉପରେ ନିର୍ଭର କରୁଥିବାବେଳେ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ଏନ୍‌ଡିଏ ଅଭିଯୋଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମଗ୍ର ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ନିର୍ବାଚନ ଡ୍ୟୁଟିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ପ୍ରାର୍ଥୀ ଅଛନ୍ତି ବରିଷ୍ଠ ଜେଡିୟୁ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ। ସେ ସୁପାଉଲ୍ ଆସନରୁ ରେକର୍ଡ ଅଷ୍ଟମ ଥର ପାଇଁ ବିଧାନସଭାକୁ ଯିବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଗୟା ସହରରୁ ବିହାର ମନ୍ତ୍ରୀ ତଥା ଭାଜପାର ପ୍ରେମ କୁମାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ଏହି ଆସନରୁ ୭ ଥର ବିଜୟୀ ହୋଇଛନ୍ତି। ପ୍ରାର୍ଥୀ ହୋଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ଭାଜପାର ରେଣୁ ଦେବୀ (ବେତିଆହ), ନୀରଜ କୁମାର ସିଂ (ଛଟପୁର), ଜେଡିୟୁର ଲେଶି ସିଂ (ଧାମଦାହା), ଶୀଲା ମଣ୍ଡଳ(ଫୁଲପରାସ) ଏବଂ ଜାମା ଖାନ୍ (ଚୈନପୁର)। ଏହା ବ୍ୟତୀତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ତାରକିଶୋର ପ୍ରସାଦ କଟିହାର ଆସନରୁ କ୍ରମାଗତ ୫ମ ଥର ପାଇଁ ଲଢ଼ୁଛନ୍ତି। ଉକ୍ତ ଜିଲାର ବଲରାମପୁର ଏବଂ କଡୱା ଆସନରୁ ଯଥାକ୍ରମେ ସିପିଆଇ(ଏମ୍‌ଏଲ୍) ଲିବରେଶନ ଏବଂ କଂଗ୍ରେସର ବିଧାୟକ ଦଳ ନେତା ମେହବୁବ୍ ଆଲାମ ଏବଂ ଶକିଲ ଅହମଦ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମି ମୋର୍ଚ୍ଚା, ରାଜ୍ୟ ସଭା ସଦସ୍ୟ ଉପେନ୍ଦ୍ର ଖୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏ ଆସନରେ ଲଢ଼ୁଥିବାବେଳେ ଏହି ପର୍ଯ୍ୟାୟ ସେମାନଙ୍କ ପାଇଁ ଶକ୍ତି ପରୀକ୍ଷା ଭାବେ ଦେଖାଯାଉଛି। କଂଗ୍ରେସ ରାଜ୍ୟ ସଭାପତି ରାଜେଶ କୁମାର କୁଟୁମ୍ବା ଆସନକୁ କ୍ରମାଗତ ଦ୍ୱିତୀୟ ଥର ହାତେଇବା ପାଇଁ ଲଢ଼ୁଛନ୍ତି। ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲା।



ବିହାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଜାହାନାବାଦ୍‌ରେ ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ନେଇ ଯାଉଛନ୍ତି।

### କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା**

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା ପାଇଁ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଆଇନ୍ ଅଣାଯାଇଥିଲା। ଏହାର କାର୍ଯ୍ୟକାରିତା ନେଇ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଦେଶରେ ସର୍ବାଧିକ ସଂଖ୍ୟାଲଘୁ ମହିଳା ହୋଇଥିବା ଅନୁଭବ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଅନୁଯାୟୀ ସମସ୍ତ ନାଗରିକଙ୍କର ସମାନ ରାଜନୈତିକ ଓ ସାମାଜିକ ଅଧିକାର ରହିଛି। ଦେଶରେ ପ୍ରାୟ ୪୮ ପ୍ରତିଶତ ମହିଳା ଥିବାବେଳେ ସେମାନଙ୍କ ରାଜନୈତିକ ସମାନତା ସମ୍ପର୍କରେ ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ପ୍ରତିନିଧିତ୍ୱ ପାଇଁ ମହିଳାମାନଙ୍କୁ କୋର୍ଟ ଯିବାକୁ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଛନ୍ତି।

### ଏସ୍‌ଆଇଆର୍ ଭୟ: ପଶ୍ଚିମବଙ୍ଗରେ ୯ ଜଣଙ୍କ ମୃତ୍ୟୁ ଘଟିଲାଣି

କୋଲକାତା,୧୦।୧୧

ପଶ୍ଚିମବଙ୍ଗରେ ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ନେଇ ନିର୍ବାଚନ କମିଶନ ଗତ ମାସରେ ଘୋଷଣା କରିଥିଲେ। ଭୋଟର ତାଲିକାରୁ ବାଦ୍ ପଡ଼ିବା ଭୟରେ ବିଚଳିତ ହୋଇ ବର୍ତ୍ତମାନ ସୁଦ୍ଧା ସେଠାରେ ୬ ଜଣ ଆତ୍ମହତ୍ୟା କରିବା ସମେତ ମୋଟ ୯ ଜଣଙ୍କ ମୃତ୍ୟୁ ଘଟିଲାଣି। ସୋମବାର ନଦିଆ ଜିଲାରେ ଶ୍ୟାମଳ କୁମାର ଶାହା ନାମକ ଜଣେ ୭୦ ବର୍ଷୀୟ ହକରଙ୍କ ମୃତ୍ୟୁ ଘଟିଛି। ୨୦୦୨ ଭୋଟର ତାଲିକାରୁ ତାଙ୍କ ନାଁ କାଟିଦିଆଯାଇଥିବା ଜାଣି ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପାଖରେ ଭୋଟର ପରିଚୟପତ୍ର, ଆଧାର, ପାନ୍‌କାର୍ଡ ଆଦି ବୈଧ ଦସ୍ତାବିଜ୍ ଥିଲେ ମଧ୍ୟ ଭୋଟର ତାଲିକାରୁ ନାଁ କଟିବା ନେଇ ସେ ବିଚଳିତ ହୋଇଯାଇଥିଲେ। ରବିବାର ଜଣେ ୨୭ ବର୍ଷୀୟ ମହିଳା ଓ ତାଙ୍କ ନାବାଳିକା ଝିଅ ଏସ୍‌ଆଇଆର୍ ଭୟରେ ଆତ୍ମହତ୍ୟା ଉଦ୍ୟମ କରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବିବିସି ଡିଜି, ନ୍ୟୁଜ୍ ସିଇଓଙ୍କ ଇସ୍ତଫା

ଲଣ୍ଡନ,୧୦।୧୧




ଟିମ୍ ଡାଭି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭାଷଣକୁ ଏଡିଟିଂ କରିବାକୁ ନେଇ ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ (ବିବିସି) ସମାଲୋଚିତ ହୋଇଥିଲା। ଏହାକୁ ନେଇ ବିବିସିର ମହାନିର୍ଦ୍ଦେଶକ (ଡିଜି) ଏବଂ ନ୍ୟୁଜ୍ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରବିବାର ଇସ୍ତଫା ଦେଇଛନ୍ତି। ଫଳରେ ଉକ୍ତ ବ୍ରଡ୍‌କାଷ୍ଟର ନେତୃତ୍ୱ ସଙ୍କଟର ସମ୍ମୁଖୀନ ହେବା ସହ ରାଜନୈତିକ ଚାପ ବଢ଼ିଛି। ୨୦୨୧ ଜାନୁଆରୀ ୬ରେ ୱାଶିଂଟନ୍‌ର କ୍ୟାପିଟୋଲରେ ବିକ୍ଷୋଭକାରୀ ଆକ୍ରମଣ କରିବା ପୂର୍ବରୁ ଟ୍ରମ୍ପ ଦେଇଥିବା ଉଦ୍‌ବୋଧନକୁ ଏଡିଟିଂ କରିଥିବାରୁ ବ୍ରିଟେନର ଏହି ଜାତୀୟ ଗଣମାଧ୍ୟମ ସମାଲୋଚିତ ହୋଇଥିଲା। ବିବିସି ଡିଜି ଟିମ୍ ଡାଭି ଏବଂ ନ୍ୟୁଜ୍ ସିଇଓ ଦେବୋରା ଟର୍ନେସ୍ ଇସ୍ତଫା ଦେଇଛନ୍ତି। ଏକ ବିବିସି ଡକ୍ୟୁମେଣ୍ଟାରି ପ୍ରସ୍ତୁତି ଲାଗି ଗତବର୍ଷ ଟ୍ରମ୍ପଙ୍କ ଭାଷଣକୁ ଯେଭଳି ଏଡିଟି କରାଯାଇଥିଲା ଓ କେତେକ ଅଂଶକୁ କାଟିଦିଆଯାଇଥିଲା, ତାହା ବିଭ୍ରାନ୍ତିକର। ସମର୍ଥକମାନଙ୍କୁ ଟ୍ରମ୍ପ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାହାନ୍ତି ବୋଲି କହିଥିବାବେଳେ ଉକ୍ତ ଅଂଶକୁ ବାଦ୍ ଦିଆଯାଇଥିଲା।

## ତିରୁପତି ମନ୍ଦିରକୁ ୨୫୦ କୋଟିର ନକଲି ଘିଅ ଯୋଗାଣ

ନୂଆଦିଲ୍ଲୀ,୧୦।୧୧



ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିଚାଳନା ସଂସ୍ଥା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)କୁ ଉତ୍ତରାଖଣ୍ଡର ଏକ ଡାଏରି ଫାର୍ମ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେ.ଜି. ନକଲି ଘିଅ ଯୋଗାଇଥିବା ଜଣାପଡ଼ିଛି, ଯାହାର ମୂଲ୍ୟ ୨୫୦ କୋଟି ଟଙ୍କା। ତିରୁପତି ଲଡ୍ଡୁ ତିଆରି ପାଇଁ ଅଣାଯାଇଥିବା ଏହି ଘିଅ ଭେଜାଲ ବୋଲି ସିବିଆଇ ତଦନ୍ତରୁ ଜଣାପଡ଼ିଛି। ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧଙ୍କୁ ଗିରଫ କରିବା ପରେ ଘିଅ ଭେଜାଲ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରି ନେଲୋର କୋର୍ଟରେ ରିପୋର୍ଟ ଦାଖଲ କରିଛି। ଟିଟିଡିକୁ ଲଡ୍ଡୁ ପ୍ରସାଦମ୍ ପ୍ରସ୍ତୁତି ପାଇଁ ଘିଅ ଯୋଗାଉଥିବା ଭୋଲେବାବା ଅର୍ଗାନିକ ଡାଏରିକୁ ଅଜୟ ମନୋଡାଇଗ୍ଲିସେରାଇଡ୍ ଏବଂ ଏସିଟିକ୍ ଏସିଡ୍ ଇଷ୍ଟର ଭଳି ରାସାୟନିକ ଯୋଗାଉଥିଲେ। ସିବିଆଇ କହିବା ଅନୁଯାୟୀ ପୋମିଲ୍ ଜୈନ ଏବଂ ବିପିନ ଜୈନ ଏହି ନକଲି ଦେଶୀ ଘିଅ କାରଖାନା ବସାଇଥିଲେ। ସେମାନେ ଦୁଗ୍ଧ କିଣା ଓ ଚାଷୀଙ୍କୁ ଅର୍ଥ ପ୍ରଦାନ ସମ୍ପର୍କିତ ଜାଲ୍ ପେମେଣ୍ଟ ରେକର୍ଡ ରଖୁଥିଲେ। ୨୦୨୨ରେ ଉକ୍ତ କମ୍ପାନୀକୁ କଳାତାଲିକାଭୁକ୍ତ କରାଯିବା ସହ ରଦ୍ଦ କରାଯାଇଥିଲା।

## ଫୁରସତ୍

## ୫ ମନ୍ଦିରକୁ ଗଲେ ପୁତ୍ର ସନ୍ତାନ ପ୍ରାପ୍ତି ବିଶ୍ୱାସ ରହିଛି




ଦେଶରେ ଲକ୍ଷ ଲକ୍ଷ ମନ୍ଦିର ଅଛି। କିଛି ମନ୍ଦିର ଅନନ୍ୟ ବିଶ୍ୱାସ ଏବଂ ଚମତ୍କାର ପାଇଁ ଲୋକପ୍ରିୟ। କିଛି ମନ୍ଦିର ପାପରୁ ମୁକ୍ତି ପାଇଁ, କିଛି ଇଚ୍ଛା ପୂରଣ ପାଇଁ, କିଛି ଋଣରୁ ମୁକ୍ତି ପାଇଁ ଏବଂ କିଛି ସନ୍ତାନର ଆଶୀର୍ବାଦ ପାଇଁ ପ୍ରସିଦ୍ଧ।

ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର (ମହୀଶୂର), ହାଲାଭୁ ମକ୍କଲାତୟେ ମନ୍ଦିର (କର୍ଣାଟକ), କୁକ୍କେ ସୁବ୍ରମଣ୍ୟ ମନ୍ଦିର, ବିନ୍ଧ୍ୟବାସିନୀ ଦେବୀ ମନ୍ଦିର (ବିନ୍ଧ୍ୟାଚଳ, ଉତ୍ତର ପ୍ରଦେଶ), ସୀମାସା ମାତା ମନ୍ଦିର ଏବଂ ସନ୍ତନେଶ୍ୱର ମହାଦେବ ମନ୍ଦିର (କାଶୀ) ପରି ମନ୍ଦିରଗୁଡ଼ିକ ସେମାନଙ୍କର ପୁତ୍ର ଏବଂ ସନ୍ତାନ ଜନ୍ମ ପାଇଁ ବହୁତ ପ୍ରସିଦ୍ଧ। ଏହି ମନ୍ଦିରଗୁଡ଼ିକରେ ଭଗବାନ କୃଷ୍ଣ, ଦେବୀ କିମ୍ବା ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ସନ୍ତାନର ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। କର୍ଣାଟକରେ ଅବସ୍ଥିତ, କୁକ୍କେ ସୁବ୍ରମଣିୟ ମନ୍ଦିରକୁ ସନ୍ତାନ ଜନ୍ମ ଏବଂ ନକାରାତ୍ମକ ଶକ୍ତିରୁ ମୁକ୍ତି ପାଇଁ ଏକ ପ୍ରମୁଖ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ। ଭଗବାନ ସୁବ୍ରମଣିୟ (କାର୍ତ୍ତିକେୟ)ଙ୍କୁ ସମସ୍ତ ସର୍ପର ପ୍ରଭୁ ଭାବରେ ପୂଜା କରାଯାଏ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସେମାନଙ୍କର ପୁତ୍ର ପାଇଁ ଇଚ୍ଛା ପୂରଣ ହୁଏ।

### ସିମସା ମାତା ମନ୍ଦିର

ହିମାଚଳ ପ୍ରଦେଶର ମଣ୍ଡି ଜିଲାରେ ଅବସ୍ଥିତ, ସିମସା ମାତା ମନ୍ଦିର ଲାଡଭାରୋଲ ନିକଟରେ ଏକ ସୁନ୍ଦର ପାହାଡ଼ ଉପରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର ପ୍ରାୟ ୨୦୦ ବର୍ଷ ପୂର୍ବେ ମହାଶିବରାତ୍ରିରେ ଭୂମି ଖୋଳିବା ସମୟରେ ଟୋଭା ସିଂହ ନାମକ ଜଣେ ବ୍ୟକ୍ତି ଦେବୀଙ୍କ ପିଣ୍ଡି ଆବିଷ୍କାର କରିଥିଲେ। ଏଠାରେ ପୂଜା କରିବା ଦ୍ୱାରା ଦେବୀ ସ୍ୱପ୍ନରେ ଦର୍ଶନ ଦିଅନ୍ତି ଏବଂ ସନ୍ତାନ ପାଇଁ ଆଶୀର୍ବାଦ କରିଥାନ୍ତି ବୋଲି କୁହାଯାଏ।

### ସନ୍ତନେଶ୍ୱର ମହାଦେବ ମନ୍ଦିର

ବାରଣାସୀରେ ଅବସ୍ଥିତ ଏହି ମନ୍ଦିର ନିଃସନ୍ତାନ ଦମ୍ପତିଙ୍କ ପାଇଁ ଏକ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ, ଯେଉଁମାନେ ସନ୍ତାନର ଆଶୀର୍ବାଦ ପାଇଁ ଭଗବାନ ଶିବଙ୍କୁ ପ୍ରାର୍ଥନା ଏବଂ ପୂଜା କରନ୍ତି।

### ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର

ମହୀଶୂରର ଶ୍ରୀସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର ଭଗବାନ ଶ୍ରୀକୃଷ୍ଣଙ୍କ ଶିଶୁ ରୂପକୁ ସମର୍ପିତ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସନ୍ତାନ ଜନ୍ମ ସହିତ ଜଡ଼ିତ ବାଧା ଦୂର ହୁଏ ଏବଂ ନିଃସନ୍ତାନମାନଙ୍କୁ ଶୀଘ୍ର ସନ୍ତାନ ପାଇବାରେ ସାହାଯ୍ୟ କରେ।

### ବିନ୍ଧ୍ୟବାସିନୀ ଦେବୀ ମନ୍ଦିର

ବିନ୍ଧ୍ୟାଚଳରେ ଅବସ୍ଥିତ ବିନ୍ଧ୍ୟବାସିନୀ ଦେବୀ ମନ୍ଦିରରେ ଲୋକମାନେ ପୁତ୍ର ପାଇଁ ପ୍ରାର୍ଥନା କରନ୍ତି ଏବଂ ସେମାନଙ୍କର ଇଚ୍ଛା ପୂରଣ ହୋଇଥାଏ ବୋଲି କୁହାଯାଏ।

## ଏକାଠି ଆସିବେ ସଲମାନ-ଅଭିଷେକ



ସଲମାନ ଖାନ

ଅଭିଷେକ ବଚ୍ଚନ

**ମୁମ୍ବାଇ:** ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ ଗୋଟିଏ ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏହା ଅନେକ ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ହୋଇପାରେ, କିନ୍ତୁ ଏହା ସତ। ଆସନ୍ତା ବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ରିତେଶ ଦେଶମୁଖ ତାଙ୍କ ଫିଲ୍ମର ନାଁ ଘୋଷଣା କରିଛନ୍ତି, ଯାହାର ନାମ ରାଜା ଶିବାଜୀ। ସେ ମୁଖ୍ୟ ଅଭିନେତା ଭାବରେ ଅଭିନୟ କରିବା ସହିତ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେବେ। ଅଭିନେତା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସଲମାନ ତାଙ୍କ ଅଙ୍ଗରକ୍ଷୀ ଭୂମିକାରେ ଅଭିନୟ କରିବେ। ସେ ଜୀବଜୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି, କିନ୍ତୁ ଫିଲ୍ମଟିର କାହାଣୀ ବହୁତ ବଡ଼।

'ରାଜା ଶିବାଜୀ'ରେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଭାଗ୍ୟଶ୍ରୀ ଏବଂ ଫରଦୀନ ଖାନ ମଧ୍ୟ ତାଙ୍କ ଦଳର ଅଂଶ। ସଞ୍ଜୟ ଦତ୍ତ ଫିଲ୍ମରେ ଅଫଜଲ ଖାନ ଭୂମିକାରେ ଅଭିନୟ କରୁଛନ୍ତି, ତେଣୁ ଜୀବା ମହଲା (ସଲମାନ) ତାଙ୍କ ସହିତ ସିଧାସଳଖ ମୁହାଁମୁହିଁ ହେବେ। ସେ ଛତ୍ରପତି ଶିବାଜୀ ମହାରାଜଙ୍କ ଜଣେ ବିଶ୍ୱସ୍ତ ସହାୟକ ଥିଲେ, ଯିଏ ଅଫଜଲ ଖାନଙ୍କ ସାମ୍ନା କରିବା ସମୟରେ ତାଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ। ଅଭିଷେକ ମଧ୍ୟ ଫିଲ୍ମରେ ଅଛନ୍ତି।




# ଫେରାଇ ଆଣିବାକୁ ଗୁହାରି କଲେ ସାଙ୍ଗ

## ଆମେରିକାରେ ଓଡ଼ିଆ ଯୁବତୀଙ୍କୁ ନିର୍ଯାତନା ଘଟଣା

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ)

ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ଜଣେ ଯୁବତୀ ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କୁ ସେ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସୋମବାର ଯୁବତୀଙ୍କ ସାଙ୍ଗ ଅମର ବାଲେଶ୍ୱର ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଯୁବତୀଙ୍କୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଗୁହାରୀ କରିଛନ୍ତି। ଏନେଇ ସେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ନାୟକ ଘଟଣା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ଝିଅକୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଓଡ଼ିଆ ଯୁବତୀ ପୂଜା ନାୟକ ଛୋଟ ବେଳେ ଟ୍ରେନ୍‌ରେ ମା', ବାପାଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ।

ତେବେ ଏ ସମ୍ପର୍କରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଏଯାଏ ଝିଅ ସହ ସିଧାସଳଖ କୌଣସି ଯୋଗାଯୋଗ ହୋଇପାରିନାହିଁ। ଘଟଣାଟି ଅନ୍ୟ ଦେଶରେ। ତେଣୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନିଆଯିବ। ଯେହେତୁ ଘଟଣା ପୋଷ୍ୟ ସନ୍ତାନ ସମ୍ବନ୍ଧୀୟ, ରାଜ୍ୟ ତଥା କେନ୍ଦ୍ରୀୟ ସଂସ୍ଥା ସହ ଯୋଗାଯୋଗ କରାଯିବ। ଇଏଏମ୍‌ର ସାହାଯ୍ୟ ନିଆଯିବ ବୋଲି ସେ କହିଥିଲେ।

# ଉପନିର୍ବାଚନ ଆଳରେ ଧାନ ସଂଗ୍ରହ ବୈଠକ ବାତିଲ

## ତେଜିଲା ଆନ୍ଦୋଳନ, ପୋଲିସ-ଚାଷୀ ମୁହାଁମୁହିଁ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।

ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଲାଣି। ଜିଲାର ସବୁ ଅଞ୍ଚଳରେ ଚାଷୀମାନେ ନିଜ କଷ୍ଟୋପାର୍ଜିତ ଧାନ ଅମଳ କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ମଣ୍ଡି ଖୋଲିବା ତ ଦୂରର କଥା, ଜିଲାର ପ୍ରାୟ ୫ହଜାର ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକ ଡକାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଆଳ ଦେଖାଇ ଉକ୍ତ ବୈଠକକୁ ବାତିଲ କରାଯାଇଛି। ଏ ନେଇ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟକ ଚାଷୀ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲ ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଅସନ୍ତୁଷ୍ଟ ଚାଷୀମାନେ ଧସେଇ ପଶିବାକୁ ଉଦ୍ୟମ କରିଥିବାବେଳେ ପୋଲିସ-ଚାଷୀ ମୁହାଁମୁହିଁ ହୋଇଥିଲେ। ଖବର ଲେଖାହେବା ସୁଦ୍ଧା(ରାତି ୯ଟା ଯାଏ) ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ଜାରି ରହିଛି।

ଖରିଫ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନବିକ୍ରି ପଞ୍ଜୀକରଣ ନୀତି ଅଣାଯାଇଥିଲା। ଏଥିରେ ଚାଷୀଙ୍କ ବଂଶାବଳୀକୁ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ସେତେବେଳଠୁ ଚାଷୀଙ୍କୁ ଏହା ଅଡୁଆ ସାଜିଥିଲା ଏବଂ ଧାନବିକ୍ରି ପଞ୍ଜୀକରଣ ସରଳୀକରଣ କରିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଚାଷୀଙ୍କ ଚାପରେ ସରକାର ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିଥିଲେ ସୁଦ୍ଧା ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଅନେକ ଚାଷୀ ସେଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଚାଷୀ ସଙ୍ଗଠନଗୁଡ଼ିକ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫେରାଦ ହୋଇଥିଲେ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ୍ୟ ଲେଖି ଜଣାଇଥିଲେ। ଏମ୍‌ପି ପ୍ରଦୀପ ପୁରୋହିତ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ତଥାପି ତାହା ଫଳପ୍ରଦ ହୋଇନାହିଁ।

ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଡକାଯାଇଥିଲା। ବୈଠକକୁ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧିମାନେ ମଧ୍ୟ ପହଞ୍ଚିଥିଲେ। ଅପରପକ୍ଷେ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ମଧ୍ୟ ସେମାନଙ୍କ ସମସ୍ୟା ଜଣାଇବାକୁ ଆସିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି ଲାଗି ଧାନ ସଂଗ୍ରହ କମିଟି ବୈଠକକୁ ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ଏହି ବୈଠକ ହେବ ବୋଲି ଜିଲାପାଳ ଗୋୟଲ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆସନ୍ତା ୧୫ତାରିଖ ପରେ ସମସ୍ତ ଚାଷୀ ପଞ୍ଜୀକୃତ ହେବେ ଏବଂ କୌଣସି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଥିଲେ। ନୂଆପଡ଼ାରେ ଉପନିର୍ବାଚନ ଚାଲିଥିବାବେଳେ ବରଗଡ଼ରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଧାନ ସଂଗ୍ରହ କମିଟି ବୈଠକରେ ଆଦର୍ଶ ଆଚରଣବିଧି ଉଠାଯିବାକୁ ନେଇ ଆନ୍ଦୋଳନ ତେଜି ଉଠିଥିଲା। ନୂଆପଡ଼ାରେ ଉପନିର୍ବାଚନ ହେଉଥିବାବେଳେ ବରଗଡ଼ରେ ଧାନ ସଂଗ୍ରହ କମିଟି ବୈଠକ ପାଇଁ ଆଦର୍ଶ ଆଚରଣବିଧି ଆଳ ଗ୍ରହଣୀୟ ନୁହେଁ ଏବଂ ନିର୍ବାଚନ କମିଶନରଙ୍କ ଗାଇଡଲାଇନରେ ଏହା ଉଲ୍ଲେଖ ନାହିଁ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି।

ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରାଯିବା, ଏଟିଏମ୍ ଭଳି ଚାଷୀଙ୍କୁ ଦିଆଯାଉଥିବା ଟୋକନକୁ ବ୍ୟବହାର କରାଯିବା, ମଣ୍ଡିଗୁଡ଼ିକ ଛୋଟ ଏବଂ ସବୁ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, କଟ୍‌ନୀଛଟ୍‌ନୀ ବନ୍ଦ କରାଯିବା, ମଣ୍ଡିକୁ ଧାନ ଆସିବାର ୪୮ଘଣ୍ଟା ମଧ୍ୟରେ ଗୁଣମାନ ପରୀକ୍ଷା କରି ଧାନ କିଣାଯିବା ବ୍ୟବସ୍ଥା କରାଯିବା ଏବଂ ଆବଶ୍ୟକ ଅନୁସାରେ ମିଲ୍‌କୁ ପଠାଯିବା, ପ୍ରତ୍ୟେକ ମଣ୍ଡିରେ ଏଜେଣ୍ଟ ଏବଂ ଦଲାଲରାଜ ବନ୍ଦ କରାଯିବା, ଜିଲାପାଳଙ୍କୁ ଧାନ ସଂଗ୍ରହ ନୀତିରେ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବାକୁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ଏହି ଦାବି ସମୂହ ନେଇ ଚାଷୀମାନେ ଆନ୍ଦୋଳନ କରିଥିବାବେଳେ ଜିଲାପାଳ ଗୋୟଲ ୧୦ଜଣିଆ ଚାଷୀ ପ୍ରତିନିଧିଙ୍କୁ ସନ୍ଧ୍ୟା ପ୍ରାୟ ୬ଟାରେ ନିଜ କାର୍ଯ୍ୟାଳୟକୁ ଡାକିଥିଲେ। ମାତ୍ର ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀ ପଞ୍ଜୀକରଣ ନେଇ ଠୋସ୍ ପ୍ରତିଶ୍ରୁତି ନ ପାଇବାରୁ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି।

# ୨୭ରୁ ଶୀତ ଅଧିବେଶନ

■ ୨୮ରେ ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୧୦।୧୧
(ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୮ରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ପ୍ରଥମଥର ପାଇଁ ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ରହିଥିବାବେଳେ ୨୯ଟି କାର୍ଯ୍ୟଦିବସ ରହିଛି। ସେଥିମଧ୍ୟରେ ୫ଟି ପ୍ରାଇଭେଟ ମେମ୍ବର ବିଜ୍‌ନେସ୍ ରହିଥିବାବେଳେ ଅନ୍ୟସବୁ ସରକାରୀ କାର୍ଯ୍ୟ ଦିବସ ରହିଛି। ସେହିପରି ଅତିରିକ୍ତ ବଜେଟ ଲାଗି ଡିସେମ୍ବର ୮ରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବାକୁ ରହିଥିବାବେଳେ ତିନିଦିନ ଧରି ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ଏହି ଅଧିବେଶନ କାଳରେ ୬ଟି ଛୁଟି ପଡୁଛି। ଶୀତ ଅଧିବେଶନକୁ ନେଇ ବିଧାନସଭା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୃହ କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାରଙ୍କ ପକ୍ଷରୁ କସରତ ଆରମ୍ଭ ହୋଇଛି।

# ୨୭ରେ ବିଧାନସଭା ଆସିପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

■ ଗୃହ କାର୍ଯ୍ୟ ଆରମ୍ଭ ଦିନ ନିଜର ଅଭିଭାଷଣ ରଖିବେ ରାଷ୍ଟ୍ରପତି ମୁର୍ମୁ
■ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, କେବଳ କାର୍ଯ୍ୟସୂଚୀକୁ ଅପେକ୍ଷା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଆସନ୍ତା ୨୭ରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ହିଁ ରାଷ୍ଟ୍ରପତି ବିଧାନସଭା ଯାଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଆସିବା ଲାଗି ନିମନ୍ତ୍ରଣ କରାଯାଇଛି। ହେଲେ ରାଷ୍ଟ୍ରପତି ଭବନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ସୂଚନା ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ପାଇଁ ସରକାର ଅପେକ୍ଷା କରିଥିବା ବେଳେ ଏହା ପୂର୍ବରୁ ବିଧାନସଭା ପରିସରକୁ ସଫାସୁତୁରାଠାରୁ ନୂଆ ରଙ୍ଗ ଲଗାଯିବା ଆରମ୍ଭ କରିଦିଆଯାଇଛି। ଅନ୍ୟପଟେ ଭାରତର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଦ୍ରୌପଦୀ ମୁର୍ମୁଙ୍କର ଏହା ପ୍ରଥମ ଥର ବିଧାନସଭାକୁ ଗସ୍ତ କାର୍ଯ୍ୟକ୍ରମ ହେବ। ତେଣୁ ଅଧିବେଶନ ଆରମ୍ଭ ଦିନ ସେ ଗୃହରେ ନିଜର ଅଭିଭାଷଣ ରଖିବେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସେପରି ନିର୍ଦ୍ଦିଷ୍ଟ ଭାବେ କୌଣସି ଖବର ଦିଆଯାଇ ନାହିଁ।

# ୧୫ରେ ଆଦିବାସୀଙ୍କ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୦।୧୧
(ରବିନାରାୟଣ ଜେନା)

## ଜନଜାତି ଗୌରବ ଦିବସରେ ହେବ ଜନଶୁଣାଣି

ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଦିବାସୀ ମନ୍ତ୍ରଣାଳୟ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ପ୍ରତ୍ୟେକ ଆଦିବାସୀଙ୍କ ସମସ୍ୟା ଶୁଣିବା ପାଇଁ ଦୁଇଟି ପର୍ଯ୍ୟାୟରେ ଜନଶୁଣାଣି କରାଯିବ। ସାରା ଦେଶ ସମେତ ଓଡ଼ିଶାର ୨୨ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହି ଜନଶୁଣାଣି କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଆଦିବାସୀଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ ସମ୍ପୃକ୍ତ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସଚିବ ପରମେଶ୍ୱରନ୍ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଥର ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଯାକଜମକରେ ପାଳନ କରାଯିବାକୁ ରହିଛି। ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର ରହିଛି। ଏହି ପରିପ୍ରେକ୍ଷୀରେ ୧୫ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଆଦିବାସୀ ବର୍ଗଙ୍କ ଜନଶୁଣାଣି କରାଯିବ। ଆଦି ସେବା କେନ୍ଦ୍ର ମାଧ୍ୟମରେ ଏହି ଜନଶୁଣାଣି କରାଯିବ। ଜିଲାରେ ଯେତେସବୁ ଆଦିବାସୀ ବର୍ଗ ରହିଛନ୍ତି ସେମାନେ ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇ ତାଙ୍କର ସମସ୍ୟା ରଖିବେ। ଏହି ଅବସରରେ ଆଦିବାସୀ ସଂସ୍କୃତି ବିଷୟରେ ଆଲୋଚନା ହେବା ସହିତ ଆଦିବାସୀବର୍ଗଙ୍କୁ ଠିକ୍ ଭାବେ ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା ଉପରେ ମତାମତ ନିଆଯିବ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଦିବାସୀ ବର୍ଗଙ୍କ ସହିତ ତାଙ୍କର ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଗୁଜରାଟରୁ ଏହି କାର୍ଯ୍ୟକ୍ରମ ଲାଇଭ୍ ଟେଲିକାଷ୍ଟ ହେବାକୁ ରହିଛି। ଏଥିରେ ଆଦିବାସୀ ବର୍ଗଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ସଚିବ ପତ୍ରରେ ଦର୍ଶାଇଛନ୍ତି।

# ସ୍କୁଲ ସମସ୍ୟା ଜିଲାପାଳଙ୍କୁ ଜଣାଇବାକୁ ୬ କି.ମି. ଚାଲିଲେ ଛାତ୍ରୀଛାତ୍ର

କୋରାପୁଟ,୧୦।୧୧(ଅମିତାଭ ବେହେରା)


ଛାତ୍ରୀଛାତ୍ର ରାସ୍ତାରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

## ପାଠପଢ଼ାକୁ ନେଇ ବଢୁଛି ଅସନ୍ତୋଷ

କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ଜବାହର ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୋମବାର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ଇତିହାସ ଶିକ୍ଷୟିତ୍ରୀ ଭଲ ପଢ଼ାଉ ନ ଥିବା ଓ ତାଙ୍କ ପାଠ ବୁଝିପାରୁ ନ ଥିବା କହି ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ସମାଧାନ ନ ହେବାରୁ ସୋମବାର ଜାତୀୟ ରାଜପଥ ଉପରେ ୬ କି.ମି. ରାସ୍ତା ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ଅଗଷ୍ଟରୁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଇବା ନିଷ୍ପତ୍ତି ନେଇଥିଲେ। ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ସହ ଆଲୋଚନା ପରେ ପ୍ରାୟ ୬ କି.ମି. ୨୬ ନଂ ଜାତୀୟ ରାଜପଥ ଉପରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲ ଓ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କ ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଝାଶୁଝା କରିଥିବା ବେଳେ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ କରିଲେ ସମସ୍ୟା ସମାଧାନ ହେବ ବୋଲି ଜିଦ୍ ଧରି ବସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରିଥିଲେ। ଇତିହାସ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀ ଓ ଦୁର୍ବ୍ୟବହାର ନେଇ ଦୃଷ୍ଟି ଆକର୍ଷଣ କରିବା ସହ ବିଦ୍ୟାଳୟର ଅନ୍ୟ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବାହାର କରିଥିବା ସୂଚନା ଦେଇଛନ୍ତି। ଅତିଶୀଘ୍ର ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ଯାଏ ପ୍ରଶାସନ ପକ୍ଷରୁ ୨ ଅଧିକାରୀ ନିୟମିତ ବିଦ୍ୟାଳୟ ଯିବା ସହ ପିଲାଙ୍କୁ ପାଠ ପଢ଼ାଇବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ର ମାନିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକ ବସ୍ ଯୋଗେ ବିଦ୍ୟାଳୟ ପଠାଇବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଶାବରୀ ସାଂସ୍କୃତିକ ସମାଜର ଏକବିଂଶତିତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ୭ମ ବାଟାଲିୟନ ସ୍ପୋର୍ଟ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ୧୨ଟା।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ ସଂକ୍ରାନ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ଅପରାହ୍ନ ୪ଟା।
- ସୃଜନୀ ଅନୁଷ୍ଠାନ ପକ୍ଷରୁ ନାରାୟଣ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଓକିଲ ସଂଘ ଓ ରାଜ୍ୟ ପୂଜ୍ୟପୂଜା ଟ୍ରଷ୍ଟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଜ୍ୟୋତିର୍ବିଦ୍, ଲେଖକ ତଥା ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ଅଷ୍ଟଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଟାଇମ୍ ଟୁ ସାଇନ୍ ପକ୍ଷରୁ 'ବାପା ! ଭାରି ମନେ ପଡ଼େ ତୁମ କଥା' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସିଆର୍‌ପି ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବ୍ଲକ ମିଶନ ଶକ୍ତି ଗୃହ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କଳାପାହାଡ଼ ଛକ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ତାଲିମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ :ପୂର୍ବାହ୍ନ ୧୧ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଭଜନ ସମ୍ମିଳନୀ, ସ୍ଥାନ : ମଠ କପୁଣ୍ଡି, ହାଟଡିହୀ, ସମୟ : ସନ୍ଧ୍ୟା ୫ ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା ସାଇକେଲ ରାଲି, ସ୍ଥାନ: ବଡ଼ବିଲସ୍ଥିତ କିରିବୁରୁ ଛକ, ସମୟ : ସକାଳ ୮ ଟା ୩୦।
- ଆନନ୍ଦପୁର ଓ ଷେଣ୍ଢପୁରରେ ରାଧାକୃଷ୍ଣଙ୍କ ଦର୍ଶନ, ସ୍ଥାନ: ଆନନ୍ଦପୁର, ସମୟ : ସନ୍ଧ୍ୟା ୭ ଟା ୩୦।

## ମୟୂରଭଞ୍ଜ

- ଜିଲା କଂଗ୍ରେସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଜୁନିୟର ଡ୍ୟାନ୍ସ ଗ୍ରୁପ୍‌ର ଫାଇନାଲ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ ଯାତ୍ରା ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ହେଲିପ୍ୟାଡ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ : ସକାଳ ୯ ଟା ।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଟନାୟକ(ଆଜ୍ଞା)ଙ୍କ ଜୟନ୍ତୀ, ସ୍ଥାନ: ବନବାସୀ, ବାଲିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ

- କବି ବୁଦ୍ଧଦେବ ନାୟକଙ୍କ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଭବନ, ସମୟ: ଅପରାହ୍ନ ୩ଟା

## ଅନୁଗୋଳ

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅବସରରେ ଚାଷୀ ଓ ବିଶେଷଜ୍ଞଙ୍କ ସହ ଆଲୋଚନା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ଯୁବମହୋତ୍ସବ ପାଇଁ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଘଟିକା।

## ଜଗତ୍‌ସିଂହପୁର

- ନୀଳାଚକ୍ର ୟୁଥ୍ କ୍ଲବ ପକ୍ଷରୁ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଉଡ଼ିଆ ନଦୀ ବନ୍ଧ, ଲକପଡ଼ା ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ ଟା।
- ଫାଇନାନ୍ସିଆଲ ଲିଟେରାସି କ୍ୟାମ୍ପ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ:ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ-ସଂଧ୍ୟା ୬ଟା ।
- ଶ୍ରୀ କାର୍ତ୍ତିକେଶ୍ୱର ଦେବଙ୍କ ମିଳନ ଉତ୍ସବ, ସ୍ଥାନ:ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସଂଧ୍ୟା ୬ଟା ।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ:ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର, ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡା, ମାଆ ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମାଆ ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ:ସଂଧ୍ୟା ୭ଟା ।

## ଯାଜପୁର

- ରାହାସ କୁଞ୍ଜ ଯାତ୍ରା, ସ୍ଥାନ : ରସୁଲପୁର ବ୍ଲକର ହରିପୁର ଜଗନ୍ନାଥ ମଠ ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା ।

## ରାୟଗଡ଼ା

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ରାଜସ୍ୱ ବିଭାଗର ମାସିକ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧାନ କିଣା ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା।

## କୋରାପୁଟ

- କିଶୋରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଭୀମ ଆର୍ମି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଠେମର ଗ୍ରାମ, ସମୟ : ସକାଳ ୯ଟା ୩୦।
- ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ କୃଷକ ସମାବେଶ, ସ୍ଥାନ:ଜମାଦାରପାଲିସ୍ଥିତ ଚାଷୀର ରେଖା, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ଭାଜପା ପକ୍ଷରୁ ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ମୈଥିଳୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ୪ର୍ଥ ଜାତୀୟ ଇଏମ୍‌ଆରଏସ୍ କ୍ରୀଡ଼ା ସମାବେଶ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୮ଟା।
- ମୋ ଶିକ୍ଷା ଅଭିଯାନ, ସ୍ଥାନ: ସେକ୍ଟର-୫ ଅଭିରାମପାଲୀ, ସମୟ: ସକାଳ ୯ଟା।
- ଠିକାଦାର ଶ୍ରମିକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଟେରୋ ମହାବିଦ୍ୟାଳୟ ପକ୍ଷରୁ ଶିଶୁ ମହୋତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୪ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠଗାର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ପରିଷଦ ଗ୍ରାମୀଣ ଗୃହ ନିର୍ମାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓ ଉଦ୍ୟାନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼, ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଗୋକୁଳାଷ୍ଟମୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ସାମାଜିକ ସ୍ତରରେ ଆଦରଣୀୟ ହେବେ ଓ ଲୋକସମ୍ପର୍କ ବଢ଼ିବ। ସଭାସମିତିରେ ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କର୍ମାରମ୍ଭ ସକାଶେ ଉତ୍ସାହିତ ରହିବେ। ପାରିବାରିକ କ୍ଷେତ୍ର, ପରିବହନ ଏବଂ ଯୋଗାଯୋଗରୁ ବ୍ୟତିକ୍ରମର ସାମ୍ନା କରିବେ। ଅର୍ଥ ସଙ୍କଟ ଥିଲେ ମଧ୍ୟ ସରକାରୀ ସାହାଯ୍ୟ ପାଇବେ।

**ବୃଷ** ରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ମୃଦୁମନ୍ଦ ଗତିରେ କର୍ମସମ୍ପାଦନ କରିବେ। ବିଜାତୀୟ ବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** ଦୁଃସ୍ଥାନସ୍ଥ ବୁଧ ଓ ମଙ୍ଗଳ ବନ୍ଧୁଙ୍କ ସହ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। କୌଣସି ଦୁଃଖାନ୍ତକ ଖବର ମନକୁ ନିସ୍ତେଜ କରିଦେବ। ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସାଙ୍ଗକୁ ଆପଣଙ୍କ ଆଶା ପୂରଣ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଆଶାତୀତ ସଫଳତା ପାଇବେ। ଆଜିର କର୍ମାରମ୍ଭ ପ୍ରୀତିପ୍ରଦ ହେବ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ଶୁକ୍ର ସମ୍ପର୍କ ପ୍ରଭାବରୁ କୌଣସି ପଡ଼ୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କୁ ପଛକୁ ଫେରିଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ। କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟିହେବା ବହୁ ସମ୍ଭାବନା ରହିଛି।

**କନ୍ୟା** ଶନିଙ୍କ ଦୃଷ୍ଟି ଆପଣଙ୍କୁ ଶାରୀରିକ ଏବଂ ମାନସିକ ଦୃଷ୍ଟିକୋଣରୁ ଶିଥିଳତା ପ୍ରଦାନ କରିପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାମ ହାସଲ ପାଇଁ ଖର୍ଚ୍ଚାନ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ କାମ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ । ଆଜି ଯାତ୍ରା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନାହିଁ ।

**ତୁଳା** ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନଜନକ ସ୍ଥିତିରେ ରଖିବା ସାଙ୍ଗକୁ ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। କିନ୍ତୁ ମୁଖଭାବରେ ବୁଧ ଓ ମଙ୍ଗଳଜନିତ ଶାଣିତ ବ୍ୟବହାର ବନ୍ଧୁସମ୍ପର୍କକୁ କ୍ଷୁଣ୍ଣ କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ସହ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରେ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ପ୍ରତୀକ୍ଷିତ ଶୁଭଖବର ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି।

**ଧନୁ** ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମକ୍ଷେତ୍ରରେ ପ୍ରବୃତ୍ତ ହେବେ। ଶନିଙ୍କ ପ୍ରଭାବରୁ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ।

**ମକର** ସପ୍ତମସ୍ଥ ଗ୍ରହମାନେ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି। ଦୀର୍ଘଦିନରୁ ଦେଖି ନ ଥିବା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟିହେବ। ସାହିତ୍ୟ ସାଧନାରେ, ସାମ୍ବାଦିକତାରେ ସଫଳତା ମିଳିବ। ପରିବାର ଭିତରେ, ପରିବହନରେ ଏବଂ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ସଂସ୍ଥିତିରୁ ପୃଷ୍ଠ ସାହାଯ୍ୟ ବଳରେ ପ୍ରତ୍ୟେକ ସମସ୍ୟା ସମାଧାନରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ।

**ମୀନ** ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ପୂର୍ବାଭାଦ୍ରପଦ ନକ୍ଷତ୍ରର ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହି ନ ପାରେ। ନିକଟତର ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁଙ୍କ ସମର୍ଥନ ରହିବ।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମାର୍ଗଶିର କୃଷ୍ଣ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୫୬ ଗତେ, ଘ.୦୬।୪୧ ମଧ୍ୟେ, ଘ.୦୮।୪୩ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ ।

## ଅଭିନେତା ଧର୍ମେନ୍ଦ୍ରଙ୍କ ...

ହେଉଥିବା ଟିମ୍ ସ୍ପଷ୍ଟ କରିଛି। ଅଭିନେତା ଅବ୍‌ଜରଭେଶନରେ ରହିଛନ୍ତି, ଚିନ୍ତା କରିବାର କୌଣସି କାରଣ ନାହିଁ। ବର୍ତ୍ତମାନ ସମୟରେ ପ୍ରିଭେସି ଜରୁରୀ ବୋଲି ଟିମ୍ କହିଛି। ଧର୍ମେନ୍ଦ୍ର ଗତ ମାସରେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ହୃଦ୍‌ସ୍ପନ୍ଦନ, ରକ୍ତଚାପ ଆଦି ସ୍ଥିର ରହିଥିଲା। ସେ ଆଇସିୟୁରେ ରହିଥିବା ଗତ ୧ ତାରିଖରେ ହସ୍ପିଟାଲର ଜଣେ କର୍ମଚାରୀ କହିଥିଲେ। ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଗତ ୪ ତାରିଖରେ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ହେମାମାଳିନୀ ବିମାନବନ୍ଦରରେ ଗଣମାଧ୍ୟମକୁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଶୀ ବରଷରେ ହେତୁ ନାଶ ଯାଏ**
**କଷି ନାଶ ଯାଏ କୁହୁଡ଼ି ପାତେ**
**ବସି ଖାଇଲେ ଯେ ଧନ ନାଶ ଯାଏ**
**ଅସ୍ତ୍ର ନାଶ ଯାଏ ହାତୁ ଦି'ହାତେ ।**

ବୟସ ଅତ୍ୟଧିକ ହୋଇଗଲେ ମଣିଷର ସ୍ମୃତିଶକ୍ତି ଲୋପ ପାଇଯାଏ। ଅତ୍ୟଧିକ କୁହୁଡି ପଡିଲେ ଆମ୍ବକଷି ଝଡ଼ି ଯାଇଥାଏ। ଉପାର୍ଜନ ନ କରି ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଚାଲିଲେ ତାହା ଅଚିରେ ଶେଷ ହୋଇଯାଇଥାଏ। ସେହିପରି ହାତ ହତିଆର ହାତରୁ ଦି ହାତ ହେଲେ ଗୁଣ ହରାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧା ଭୋଜନ,**
**ବୁଢ଼ୀ ଗାଈ ଦାନ।**

ଅଧା ଭୋଜନରେ ପେଟ ପୂରି ନ ଥାଏ କି ଆତ୍ମତୃପ୍ତି ମିଳି ନ ଥାଏ। ସେହିପରି ଦାନ ସୂତ୍ରରେ ମିଳିଥିବା ବୁଢ଼ୀ ଗାଈ କୌଣସି ପ୍ରକାର ଆବଶ୍ୟକତାକୁ ମେଣ୍ଟାଇପାରି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ନିରର୍ଥକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆଜି ନୂଆପଡ଼ା ...

ଚାଲିବ। ସେହିପରି ସାଧାରଣ ଭୋଟ୍ ଗ୍ରହଣ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ଚାଲିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଓବାଦୀ ପ୍ରଭାବିତ ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡିଆ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଉଛି ୩୨୦-ସୋସେଙ୍ଗ, ୩୨୧- ସୋସେଙ୍ଗ(୨), ୩୨୨ ଦେଓସିଲ, ୩୨୪ ସୁନାବେଡ଼ା(୧), ୩୨୫ ସୁନାବେଡ଼ା ୧(କ), ୩୨୬ ଜାମଗାଁ, ୩୨୭ ଗୋଡିବେଡ଼ା ଓ ୩୨୮ ଗୋଡିବେଡା(୨) ରହିଛି। ଏହି ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିଂପାର୍ଟି ସୁରକ୍ଷିତ ଯିବା ସହିତ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରି ଫେରିବା ପାଇଁ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯାଇଛି। ମାଓବାଦୀ ପ୍ରଭାବିତ ୮ ବୁଥ୍ ଲାଗି ୬ ଜଣ ଲେଖାଏ ମୋଟ୍ ୪୮ ଜଣ ପୋଲିଂପାର୍ଟି ନିୟୋଜିତ ହୋଇଛନ୍ତି। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଥରକରେ ୬ ଜଣ ଲେଖା ୮ଥରରେ ପୋଲିଂପାର୍ଟିକୁ ଦୁର୍ଗମ ଅଞ୍ଚଳରେ ଥିବା ବୁଥ୍‌ରେ ସୁରକ୍ଷିତ ଛଡ଼ାଯାଇଛି।

ଅନ୍ୟପଟେ ଏହି ଉପନିର୍ବାଚନ ଲାଗି ରହିଥିବା ମୋଟ୍ ୩୫୮ ବୁଥ୍ ମଧ୍ୟରୁ ୬ଟି ସଖୀ ବୁଥ୍ ରହିଛି। ସଖୀ ବୁଥ୍‌କୁ ମହିଳା ପୋଲିଂପାର୍ଟି ପରିଚାଳନା କରିବେ। ନୂଆପଡ଼ା ଓ ଖରିଆର୍ ରୋଡ୍‌ରେ ୩ଟି ଲେଖାଏ ସଖୀ ବୁଥ୍ କରାଯାଇଛି। ଉପନିର୍ବାଚନ ଲାଗି ଜିଲା ପ୍ରଶାସନ ୩୯୬ ପୋଲିଂପାର୍ଟି ପ୍ରସ୍ତୁତ କରିଛନ୍ତି। ପୋଲିଂ ପାର୍ଟି ନୂଆପଡ଼ା ନ୍ୟାଶନାଲ୍ କଲେଜଠାରୁ ବିଭିନ୍ନ ବୁଥ୍‌କୁ ଯିବା ବ୍ୟବସ୍ଥା କରାଯାଇଛି। ନ୍ୟାଶନାଲ କଲେଜରେ ଷ୍ଟ୍ରଙ୍ଗ ରୁମ୍ ରହିଛି। ସେଠାରୁ ପୋଲିଂପାର୍ଟିକୁ ଇଭିଏମ୍ ଓ ଭିଭିପିଏଟି ସହ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଅନ୍ୟପଟେ ଅବାଧ ଓ ନିରପେକ୍ଷ ସହିତ ଶାନ୍ତିଶୃଙ୍ଖଳାରେ ଉପନିର୍ବାଚନକୁ କରିବା ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ ପକ୍ଷରୁ ସୀମାନ୍ତ ବା ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ଏପରିକି ଚେକ୍‌ପୋଷ୍ଟ କରି ପୋଲିସ ୨୪ ଘଣ୍ଟା ପହରା ଦେଉଛି। ଏଥିରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ୨ ସେକ୍ସନ ୬ ପ୍ଲାଟୁନ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଜଣେ ଏସ୍‌ପି, ୬ ଡିଏସ୍‌ପି, ୯ ଜଣ ଇନ୍‌ସପେକ୍ଟର, ୧୫୧ ଜଣ ସବ୍-ଇନ୍‌ସପେକ୍ଟର ଓ ଅତିରିକ୍ତ ଇନ୍‌ସପେକ୍ଟର, ୧୦୩ ଜଣ ହାବିଲଦାର, ୪୭୭ ଜଣ କନ୍‌ଷ୍ଟେବଲ, ୧୫୯ ଜଣ ଏପିଆର୍ କନ୍‌ଷ୍ଟେବଲ, ୩୭ ଜଣ ଓଏପିଏଫ, ୨୮୭ ଜଣ ହୋମଗାର୍ଡ ନିୟୋଜିତ ଅଛନ୍ତି। ଶାନ୍ତିଶୃଙ୍ଖଳା ଲାଗି ପ୍ରତ୍ୟେକ ପୋଲିଂପାର୍ଟି ସହିତ ଜଣେ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନ ୪ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ବର୍ତ୍ତମାନ ବିଭିନ୍ନ ଦଳର କର୍ମୀ ଓ ସମର୍ଥକ ଶେଷ ପର୍ଯ୍ୟାୟ ଲଢ଼େଇ ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ପ୍ରଚାର ଶେଷ ହେବାପରେ ବିଭିନ୍ନ ସ୍ଥାନରେ ଅନ୍ଧାରି ବିଜେ ଦେଖିବାକୁ ମିଳୁଛି। ବିଭିନ୍ନ ଦଳର କର୍ମୀମାନେ ଘରକୁ ଘର ବୁଲି ଚିରକୁଟି ବାଣ୍ଟିବା ଆରମ୍ଭ କରିଛନ୍ତି। ଯେଉଁ ଗାଁ ବା ପଡ଼ାରେ ଦୁର୍ବଳ ସ୍ଥିତି ଦେଖୁଛନ୍ତି ତାହା ଉପରେ ଅଧିକ ନଜର ରଖୁଛନ୍ତି। ଅନ୍ୟପଟେ ବିଭିନ୍ନ ଦଳର ବଡ଼ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭିଡିଓ ବାର୍ତ୍ତା ଜରିଆରେ ଅନୁରୋଧ କରିବା ଆରମ୍ଭ କରିଛନ୍ତି। ପ୍ରଚାର ବନ୍ଦ ହୋଇଯାଇଥିବାରୁ ସବୁ ଦଳ ପକ୍ଷରୁ ସେମାନଙ୍କ ପୁରୁଣା ଭିଡିଓ ପ୍ରଚାର ସମୟରେ ଯାହା ଉତ୍ତୋଳନ କରାଯାଇଥିଲା ସେଗୁଡ଼ିକୁ ବିଭିନ୍ନ ମାଧ୍ୟମରେ ଶେୟାର କରିବାରେ ଲାଗିଛନ୍ତି, ଯାହାଫଳରେ ଇଣ୍ଟରନେଟ୍ ଜରିଆରେ ସେମାନଙ୍କ ପ୍ରାର୍ଥୀ ପ୍ରତି ଆକୃଷ୍ଟ କରିପାରିବେ।

## ହ୍ୱାଇଟ୍ କଲାର ...

ଏବଂ ମେଟାଲ ଶିଟ୍ ଜବତ ହୋଇଛି। ଗନି ହରିୟାଣାର ଅଲ୍ ଫଲାହ ୟୁନିଭର୍ସିଟିରେ ଶିକ୍ଷକ ଥିବାବେଳେ ଶ୍ରୀନଗରରେ ଜେଇଏମ୍‌କୁ ସମର୍ଥନ କରି ପୋଷ୍ଟର ଲଗାଇବାରେ ସେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଶ୍ମୀର ପୋଲିସର ୱାଣ୍ଟେଡ୍ ତାଲିକାରେ ଥିଲେ। ଗିରଫ ୮ ଜଣଙ୍କ ମଧ୍ୟରୁ ୭ ଜଣ କଶ୍ମୀରର। ଆରିଫ ନିସାର ଦର ଓରଫ ସହିଲ, ୟାସିର-ଉଲ୍-ଅଶ୍ରଫ ଏବଂ ମକସୁଦ ଅହମଦ ଦର ଓରଫ ଶହିଦଙ୍କ ଘର ଶ୍ରୀନଗରର ନାଓଗାମ୍ ହୋଇଥିବାବେଳେ ମୌଲବୀ ଇର୍ଫାନ ଅହମଦଙ୍କ ଘର ଶୋପିଆନ, ଜମିର ଅହମଦ ଅହଙ୍ଗେର ଓରଫ ମୁତ୍‌ଲାଶାଙ୍କ ଘର ଗଣ୍ଡରବାଲର ୱାକୁରାର। ଡ. ମୁଜାମିଲ୍ ଅହମତଦ ଗନି ଓରଫ ମୁସାଇବଙ୍କ ଘର ପୁଲ୍‌ୱାମା ଏବଂ ଡ. ଆଦିଲଙ୍କ ଘର କୁଲଗାମ୍‌ର ୱାନ୍‌ପୋରା ବୋଲି ଜଣାପଡ଼ିଛି। ଡା. ଶହିନଙ୍କ ଘର ଲକ୍ଷ୍ନୌରେ। ଗନି ଏବଂ ଆଦିଲଙ୍କ ଫୋନ୍‌ରୁ ବହୁ ପାକିସ୍ତାନୀ ନମ୍ବର ମିଳିଛି। ସେମାନେ ଆତଙ୍କବାଦୀ ନେଟ୍‌ୱର୍କର ପରିଚାଳକ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଗତ ମାସ ୧୯ରେ ଶ୍ରୀନଗରର ବୁନ୍‌ପୋରା ନାଓଗାମ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜେଇଏମ୍‌ର ଏକାଧିକ ପୋଷ୍ଟର ଲଗାଯାଇ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦିଆଯାଇଥିଲା। ଏହା ଉପରେ ତଦନ୍ତ ଚାଲୁଥିବାବେଳେ ଆନ୍ତଃରାଜ୍ୟ ଟେରର ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଉନ୍ନତ ପେସାରେ ଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରମାନେ ପାକିସ୍ତାନ ଓ ଅନ୍ୟାନ୍ୟ ଦେଶରୁ ପରିଚାଳିତ ବିଦେଶୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିବାରୁ ହ୍ୱାଇଟ୍ କଲାର ଟେରର ଇକୋସିଷ୍ଟମ୍ ସାମ୍ନାକୁ ଆସିଛି। ଏହି ଗ୍ରୁପ୍ ପ୍ରଶିକ୍ଷଣ, ସମନ୍ୱୟ, ପାଣ୍ଠି ଏବଂ ଲଜିଷ୍ଟିକ୍ ଯୋଗାଣ ଲାଗି ଏନ୍‌କ୍ରିପ୍ଟେଡ୍ ଚ୍ୟାନେଲ୍ ବ୍ୟବହାର କରୁଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ସାମାଜିକ ବା ଦାତବ୍ୟ କାର୍ଯ୍ୟ ନାମରେ ପେସାଦାର ଏବଂ ଶିକ୍ଷା ନେଟ୍‌ୱର୍କ ଜରିଆରେ ପାଣ୍ଠି ସଂଗ୍ରହ କରାଯାଉଛି। ଅଭିଯୁକ୍ତମାନେ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କଠୋରପନ୍ଥୀ କରି ଆତଙ୍କବାଦୀ ର୍‍ୟାଙ୍କରେ ନିଯୁକ୍ତି ଦେଉଥାନ୍ତି। ଏଥିସହିତ ସେମାନେ ପାଣ୍ଠି ଉଠାଇବା, ଲଜିଷ୍ଟିକ୍ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବୋମା ପ୍ରସ୍ତୁତି ସାମଗ୍ରୀ କ୍ରୟ କରିଥାନ୍ତି।

## ସ୍ୱାମୀଙ୍କ ମୃତ୍ୟୁର ...

ମନୋଜ ନିଜ ଘର ପିପିଲିକାନୀକୁ ବାଇକ୍‌ରେ ଫେରୁଥିଲେ। ରେଢ଼ାଖୋଲ ଆଦର୍ଶ ବିଦ୍ୟାଳୟ ଛକରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଏଥିରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ତେବେ ସବୁଠାରୁ ଦୁଃଖଦ ଘଟଣା ହେଉଛି ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ୱାମୀ ମନୋଜଙ୍କର ମୃତ୍ୟୁ ଘଟିଥିବାବେଳେ ନାକଟିଦେଉଳ ଡାକ୍ତରଖାନାରେ ସଙ୍ଗୀତା ରାତ୍ର ପ୍ରାୟ ସାଢ଼େ ୯ଟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମା' ଗର୍ଭରୁ ଭୂମିଷ୍ଠ ହେବାର ପ୍ରାୟ ଅଢେଇ ଘଣ୍ଟା ପୂର୍ବରୁ ଜଣେ ଶିଶୁ ବାପଛେଉଣ୍ଡ ହୋଇଯାଇଥିଲେ। ଏହି ଘଟଣା ଉଭୟ ପରିବାରକୁ ମର୍ମାହତ କରିଛି ।

## ୧୫ ଡିଗ୍ରୀ ତଳେ ...

୧୪ ଡିଗ୍ରୀ, କୋରାପୁଟରେ ୧୪.୨ ଡିଗ୍ରୀ, ବଲାଙ୍ଗୀରରେ ୧୪.୫ ଡିଗ୍ରୀ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୪.୯ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ତେବେ ଶୀତ ଲହରିକୁ ନେଇ ମଙ୍ଗଳବାର ଓ ବୁଧବାର ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇଦିନ କଟକ, ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ବିଶେଷକରି ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶୀତ ସହ ଅଧିକ କୁହୁଡି ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୫ଦିନରେ ୫ ଡିଗ୍ରୀ ହ୍ରାସ

ରାଜଧାନୀ ଭୁବନେଶ୍ୱରରେ ୫ ଦିନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ପାଇଛି। ହଠାତ୍ ଥଣ୍ଡା ବଢ଼ିଯିବାରୁ ରାତିରେ ସହରର ଜନଜୀବନ ପ୍ରଭାବିତ ହେଉଛି। ଗୁରୁବାର ଭୁବନେଶ୍ୱର ତାପମାତ୍ରା ୧୮.୫ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୧୯.୮ ଡିଗ୍ରୀ, ଶନିବାର ୧୮.୯ ଡିଗ୍ରୀ, ରବିବାର ୧୭.୪ ଡିଗ୍ରୀ ଏବଂ ସୋମବାର ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ମଧ୍ୟ ଭୁବନେଶ୍ୱର ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବା ନେଇ ପୂର୍ବାନୁମାନ କରାଯାଇଛି।

# ମାସେ ପରେ ମୁଖ୍ୟ ଅଭିଯୁକ୍ତ ଶିବା ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ପୂର୍ବରୁ ବାପ, ପୁଅ ସମେତ ୪ଜଣ ଗିରଫ ହୋଇଥିଲେ
- ଜିମ୍‌ରେ ହୋଇଥିଲା ଧମକ ଦିଆନିଆ

ଭୁବନେଶ୍ୱର,୧୦।୧୧(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ପ୍ରାୟ ମାସେ ପରେ ଦାଦାପୁଅ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସଦାଶିବ ପ୍ରଧାନ ଓରଫ ଶିବାଙ୍କୁ ସୋମବାର ଗିରଫ କରିଛି। ଶିବା ପୋଲିସକୁ ଚକ୍ମା ଦେଇ କଟକ, ନିଆଳି, ଅଡ଼ଶପୁର, ବନମାଳିପୁର ଆଦିରେ ଘୂରି ବୁଲୁଥିଲେ। ପୋଲିସ ତାଙ୍କୁ ପିଛା କରି ପଞ୍ଚପାଳ-ବାଲିଅନ୍ତା ରାସ୍ତାରୁ ଧରିଥିଲା। ଅଭିଯୁକ୍ତ ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଓ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ତେବେ ଶିବା ବନ୍ଧୁକ କେଉଁଠୁ ଆଣିଲେ, ତାହା ଜାଣିବାକୁ ପ୍ରୟାସ ଚାଲିଥିବା ଏସିପି ପ୍ରକାଶ କରିଛନ୍ତି।


ଶିବା

ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ବିବାଦ ଲାଗି ରହୁଥିଲା। ଏପରି କି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲୁ ରହିଛି। ମୃତ୍ୟୁ ପୂର୍ବରୁ ଜେଜେ ମା' ବିଳାସିନୀ ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ଅକ୍ଟୋବର ୧୩ ସକାଳ ୯ଟା ବେଳେ ବାଇକ୍ ଯୋଗେ ଏମ୍ସକୁ ଡ୍ୟୁଟି ଲାଗି ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କ ଉପରକୁ ଶିବା ଗୁଳିମାଡ଼ କରି ହତ୍ୟା କରିଥିଲେ। ସୁଧାଂଶୁଙ୍କ ସାନ ଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ମାମଲା (ନଂ.୭୩୮/୨୦୨୫) ରୁଜୁ କରିଥିଲା। ତେବେ ଶିବା ଓ ସୁଧାଂଶୁ ସ୍ଥାନୀୟ ଅଞ୍ଚଳର ଏକ ଜିମ୍‌କୁ ଯାଉଥିବାବେଳେ ସେଠାରେ ପାରିବାରିକ ବିବାଦକୁ ନେଇ ଧମକ ଦିଆନିଆ ହେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

### ବାଲି ବସ୍ତା ରଖି ଗୁଳିଚାଳନା ଅଭ୍ୟାସ କରୁଥିଲେ

ଅଭିଯୁକ୍ତ ଶିବାଙ୍କ ପାଖରୁ ଏକ ମୋବାଇଲ୍ ଜବତ ହୋଇଥିବାବେଳେ ସେଥିରୁ ଏକ ସାଙ୍ଘାତିକ ଭିଡିଓ ମିଳିଛି, ଯାହା ପୋଲିସକୁ ଚକିତ କରିଦେଇଛି। ଶିବା ୬ ମାସ ପୂର୍ବରୁ ସୁଧାଂଶୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ବନ୍ଧୁକ ଧରି ଗୁଳିଚାଳନା ଅଭ୍ୟାସ କରୁଥିଲେ। ଘରେ ବାଲିବସ୍ତା ଥୋଇ ଲକ୍ଷ୍ୟ ସାଧନା ପାଇଁ ବନ୍ଧୁକ ଚଳାଉଥିଲେ। ଏହାକୁ ବଡ଼ଭାଇ ଛବି ମୋବାଇଲରେ ଶୁଟିଂ କରିଥିଲେ। ତେବେ ଏହି ଭିଡିଓ ଥିବା ମୋବାଇଲକୁ ପୋଲିସ ଶିବାଙ୍କଠାରୁ ଜବତ କରିଛି। ଏହି ଭିଡିଓକୁ ବଳିଷ୍ଠ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନା କରାଯିବ ବୋଲି ଏସିପି ପ୍ରଧାନ କହିଛନ୍ତି।

**୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶାକୁ ମାଓବାଦୀମୁକ୍ତ କରିବାକୁ କସରତ**

# ରାଜ୍ୟରେ ଅଛନ୍ତି ୮୦ ମାଓବାଦୀ

ଭୁବନେଶ୍ୱର,୧୦।୧୧(ସତ୍ୟଜିତ ରାଉତ)

- ୧୦ ମାସରେ ୧୯ ଏନ୍‌କାଉଣ୍ଟର, ୭ ଗିରଫ, ୧୧ଜଣଙ୍କ ଆତ୍ମସମର୍ପଣ
- କେକେବିଏନ୍ ମାଓ ଡିଭିଜନକୁ ଅଧିକ ଫୋକସ୍

ଦେଶର କେତେକ ରାଜ୍ୟରେ ମାଓବାଦୀଙ୍କ ହିଂସାକାଣ୍ଡ ଚିନ୍ତାର କାରଣ ପାଲଟିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ସବୁ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ୍ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର କୋମ୍ବିଂ ଅପରେଶନ କରାଯାଇ ବହୁ ସଂଖ୍ୟାରେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଉଛି। ଏପରିକି କିଛି ମାସ ତଳେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଗଣସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାକୁ ଧାର୍ଯ୍ୟ ତାରିଖ ସୁଦ୍ଧା ମାଓବାଦୀମୁକ୍ତ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ଓଡ଼ିଶାରେ ଏବେ ମୋଟ କେତେ ମାଓବାଦୀ ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟାରେ ଅଣଓଡ଼ିଆ ଏବଂ ମାଓବାଦୀମାନେ ବିଶେଷକରି କେଉଁ ଡିଭିଜନରେ ଅଧିକ ଚଳପ୍ରଚଳ କରୁଛନ୍ତି, ପୋଲିସ ଏହାର ବିବରଣୀ ପ୍ରସ୍ତୁତ କରି ସବୁ ମାଓବାଦୀ ଡିଭିଜନ୍‌କୁ ମୂଳପୋଛ କରିବାକୁ ଅଭିଯାନ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୯ ଜିଲା ମାଓବାଦୀ ପ୍ରଭାବିତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ବୌଦ୍ଧ। ଛତିଶଗଡ଼ ସୀମାକୁ ଲାଗି ଥିବା ଜିଲାଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଉଛି। ତେବେ ୪ ମାଓବାଦୀ ଡିଭିଜନ୍ ଓଡ଼ିଶା ମଧ୍ୟରେ ଆସୁଥିବାବେଳେ ସେଗୁଡ଼ିକ ହେଲା ଡିଜିଏନ (ଧମତ୍ରୀ-ଗରିଆବନ୍ଦ-ନୂଆପଡ଼ା), କେକେବିଏନ୍ (କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼), ବିଜିଏନ (ବଂଶଧାରା-ଘୁମୁସର-ନାଗାବଳୀ) ଓ ବିବିଏମ (ବଲାଙ୍ଗୀର-ବରଗଡ଼- ମହାସମନ୍ଦ)। ଏଗୁଡ଼ିକ ମଧ୍ୟରୁ ଧମତ୍ରୀ, ଗରିଆବନ୍ଦ ଓ ମହାସମନ୍ଦ ଛତିଶଗଡ଼ରେ ଆସୁଛି। ତଥ୍ୟ ଅନୁଯାୟୀ, ଏବେ ଓଡ଼ିଶାରେ ମୋଟ ୮୦ ମାଓବାଦୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୪ଜଣ ଓଡ଼ିଶାର। ୨୦୨୫ ଜାନୁଆରୀରୁ ଏଯାଏ ରାଜ୍ୟରେ ୧୯ ଜଣ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଓଡ଼ିଶା ପୋଲିସ ଏବଂ ରାଜ୍ୟର ସୀମାନ୍ତରେ ଛତିଶଗଡ଼-ଓଡ଼ିଶା ପୋଲିସ ମିଳିତ ଅପରେଶନରେ ଏସବୁ ମାଓବାଦୀଙ୍କୁ ନିହତ କରାଯାଇଛି। ୭ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୧ଜଣ ମାଓବାଦୀ ବନ୍ଧୁକ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଥିବା ମାଓବାଦୀଙ୍କ ପାଇଁ ସୁନ୍ଦରଗଡ଼ ଜିଲାରେ ବିପଦ ଘନେଇଛି। କିଛିମାସ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଓଡ଼ିଶା ସୀମାରେ ପଶି ସୁନ୍ଦରଗଡ଼ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରଣ୍ଡା ଜଙ୍ଗଲକୁ ଲାଗି ଓଡ଼ିଶା ସୀମା ସୁନ୍ଦରଗଡ଼ ଜିଲାରେ ୩ଟି ସିଆର୍‌ପିଏଫ୍(ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ) କ୍ୟାମ୍ପ ସ୍ଥାପନା କରାଯାଇଛି। ଗତମାସରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସ୍ପେଶାଲ ଜୋନାଲ କମିଟିର ୫ ଜଣ, ୨ଜଣ ମିଲିଟାରି ପ୍ଲାଟୁନ୍ କମାଣ୍ଡର ଏବଂ ୨ଜଣ ଡିଭିଜନାଲ କମିଟି ସଦସ୍ୟଙ୍କ ସୂଚନା ଦେବା ପାଇଁ ପୁରସ୍କାର ରାଶି ଘୋଷଣା ସହ ପୋଷ୍ଟର ଜାରି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଓଡ଼ିଶାର। ତେବେ ଆଗାମୀ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେଉଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ରାଜ୍ୟର କନ୍ଧମାଳ ଓ ଏହାର ପଡ଼ୋଶୀ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ) ଓ ସିଆର୍‌ପିଏଫ୍ ସହଯୋଗରେ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଉଛି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର (୯୪୩୭୬୪୩୩୯) ମଧ୍ୟ ଜାରି କରାଯାଇଛି। ତେବେ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଏଡିଜି ପଣ୍ଡା କହିଛନ୍ତି।

**ଥାନାରେ ନାବାଳକଙ୍କୁ ମାଡ଼ ଅଭିଯୋଗ ଘଟଣା**

# ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି

ଭଦ୍ରକ/ତିହିଡ଼ି,୧୦।୧୧
(ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ପୀରହାଟ ଥାନାରେ ଏକ ମୋବାଇଲ ଚୋରି ମାମଲାରେ ଜଣେ ନାବାଳକଙ୍କୁ ପୋଲିସର ମାଡ଼ ମାରିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଏହି ଘଟଣାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ଅସ୍ୱୀକାର କରିଛନ୍ତି। ନାବାଳକ ଏବଂ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ନାବାଳକଙ୍କୁ ଯେମିତି ପଚାରିବା କଥା ପୋଲିସ ସେମିତି ପଚରାଉଚରା କରିଥିଲା। କିନ୍ତୁ କେତେଜଣ ଲୋକଙ୍କ ପ୍ରରୋଚନାରେ ପଡ଼ି ପୋଲିସ ମାଡ଼ ମାରିଥିବା ନେଇ ମିଥ୍ୟା ଅଭିଯୋଗ ହୋଇଛି। ଯଦି ଏଥିରେ ସତ୍ୟତା ଥିବ, ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ରାତିରେ ଏସ୍‌ପି କହିଛନ୍ତି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଏକ ମୋବାଇଲ ଚୋରି ଘଟଣାକୁ ନେଇ ଶରତ ମାଝୀଙ୍କ ପରିବାର ସହ ଅନ୍ୟ ଏକ ପରିବାରର ବିବାଦ ଉପୁଜିଥିଲା। ଅପରପକ୍ଷର ଜଣେ ମହିଳା ଗତ ମାସ ୨୭ ତାରିଖରେ ଶରତଙ୍କ ନାବାଳକ ପୁଅ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ

**ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

ପୋଲିସ ଜଣାଇଥିଲା। ଶରତ, ତାଙ୍କ ନାବାଳକ ପୁଅ ଏବଂ ଅପରପକ୍ଷ ଥାନାରେ ପହଞ୍ଚିଥିଲେ। ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ମୋବାଇଲ ଚୋରି କରି ନ ଥିବା ନାବାଳକ ଜଣକ କହିବା ପରେ ଥାନାର ଜଣେ ଏସ୍‌ଆଇ ତାଙ୍କୁ ବାହାରକୁ ଟାଣି ନେଇ ଥାନା ବାହାରେ ଏକ ଅନ୍ଧାରୁଆ ସ୍ଥାନରେ ମାଡ଼ ମାରିଥିଲେ ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଶାର୍ଟ, ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିବା ପରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ସମେତ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନାର ସିସିଟିଭି ଫୁଟେଜ ଆଧାରରେ ପୋଲିସର ମାଡ଼ ଘଟଣାର ସତ୍ୟାସତ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଥିଲେ। ଏପରିକି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରା ନ ଗଲେ ସପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିବେ ବୋଲି ଶରତ ଚେତାବନୀ ଦେଇଛନ୍ତି।

# ଲାଏ ଡିଟେକ୍ସନ ଟେଷ୍ଟ ଆବେଦନର ଶୁଣାଣି ହୋଇନି

ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ସୋମବାର ହୋଇପାରି ନାହିଁ। ତଦନ୍ତକାରୀ ଅଧିକାରୀ କୌଣସି କାରଣବଶତଃ କୋର୍ଟରେ ହାଜର ହୋଇ ନ ଥିବାରୁ ଶୁଣାଣି ହୋଇପାରିନି ବୋଲି ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। କୋର୍ଟଙ୍କ ଅନୁମତି ପରେ ଅଭିଯୁକ୍ତଦ୍ୱୟଙ୍କ ଭୁବନେଶ୍ୱର ଷ୍ଟେଟ୍ ଫରେନ୍‌ସିକ୍ ଲାବ୍‌ରେ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି।

ସିଲିକନ ଟେକ୍‌ର ମୁଖ୍ୟ ସୁରେଶ ଓ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ପରେ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦ ଦାସଙ୍କୁ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟ ହାଜର କରିଥିଲା। ଶଙ୍କରଙ୍କୁ ଜେରା ବେଳେ ଅନେକ ତଥ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଶଙ୍କର ସତ କହିଥିଲେ ନା ନାହିଁ, ତାହା ଏବେ ସନ୍ଦେହ ଘେରରେ। ସେପଟେ ସୁରେଶ ଓ ଶଙ୍କରଙ୍କ ଭିତରେ କ'ଣ ଡିଲ୍ ହୋଇଥିଲା ତାହା ଜଣାପଡ଼ିନାହିଁ। ଏହି ୨ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହେଲେ ସତ ଜଣାପଡିବ ବୋଲି କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଥିଲେ।

## Business

# ଅପଗ୍ରେଡ୍ ହେବ ସମ୍ବଲପୁର ଡିଭିଜନରେ ବିଦ୍ୟୁତୀକରଣ ପ୍ରଣାଳୀ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏହାର ଟ୍ରାକ୍ସନ ପାୱାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହାଦ୍ୱାରା ସିଙ୍ଗାପୁର ରୋଡ-ଟିଟିଲାଗଡ଼ ସେକ୍ସନରେ ବିଦ୍ୟମାନ ୧X୨୫ କେଭି ଓଭରହେଡ ବିଦ୍ୟୁତୀକରଣ (ଓଏଚ୍‌ଇ) ସିଷ୍ଟମକୁ ଉନ୍ନତ ୨X୨୫ କେଭି ସିଷ୍ଟମରେ ଅପଗ୍ରେଡେଶନ କରାଯିବ, ଯେଉଁଥିରେ ସମ୍ବଲପୁର ଡିଭିଜନର ଟିଟିଲାଗଡ଼-ବଡ଼ମାଲ ଏବଂ ଟିଟିଲାଗଡ଼-ମୁରିବାହାଲ ଟ୍ରିପଲ ଲାଇନ ସେକ୍ସନ ରହିଛି । ଏହି ପ୍ରକଳ୍ପ ୧୫୩ ରୁଟ୍ କିଲୋମିଟର ଏବଂ ୫୭୫ ଟ୍ରାକ କିଲୋମିଟରକୁ ଅନ୍ତର୍ଭୁକ୍ତ କରି ୪୭୫.୪୭ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ପ୍ରସ୍ତାବିତ ହୋଇଛି। ଏହି କାର୍ଯ୍ୟ ଭାରତୀୟ ରେଳପଥରେ ବୈଦ୍ୟୁତିକ ଟ୍ରାକ୍ସନ ସିଷ୍ଟମକୁ ଉନ୍ନତ କରିବା ପାଇଁ ଏହା ରେଳୱେ ବୋର୍ଡ ପଦକ୍ଷେପର ଏକ ପ୍ରମୁଖ ଅଂଶ, ଯାହା ପାଇଁ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତୀକରଣ ହୋଇଥିବା ରୁଟ୍‌ର କ୍ଷମତା ବୃଦ୍ଧି କରିବା ପାଇଁ ଦେଶବ୍ୟାପୀ ପ୍ରାୟ ୧୨,୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି। ୨X୨୫ କେଭି ଟ୍ରାକ୍ସନ ସିଷ୍ଟମ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବିଦ୍ୟୁତୀକରଣ ବିନ୍ୟାସ, ଯାହା ୫୦କେଭିରେ ଶକ୍ତି ପରିବହନ କରେ ଏବଂ ନିୟମିତ ବ୍ୟବଧାନରେ ସ୍ଥାପିତ ଅଟୋଟ୍ରାନ୍ସଫର୍ମର ମାଧ୍ୟମରେ ଟ୍ରେନଗୁଡ଼ିକୁ ୨୫କେଭି ପ୍ରଦାନ କରେ। ଏହା ସ୍ଥିର ଭୋଲଟେଜ ସୁନିଶ୍ଚିତ କରିବା ସହିତ ବିଦ୍ୟୁତ କ୍ଷତିକୁ କମ୍ କରେ ଏବଂ ବୈଦ୍ୟୁତିକ ଲୋକୋମୋଟିଭର ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ କରେ। ଅପଗ୍ରେଡ ସିଷ୍ଟମ ସେମି-ହାଇ-ସ୍ପିଡ ଯାତ୍ରୀବାହୀ ଟ୍ରେନ ଏବଂ ଅତ୍ୟଧିକ ଲୋଡ ହୋଇଥିବା ମାଲବାହୀ ଟ୍ରେନଗୁଡ଼ିକର ନିର୍ବିଘ୍ନ କାର୍ଯ୍ୟକୁ ସକ୍ଷମ କରିବ, ନିର୍ଭରଯୋଗ୍ୟତା, ଉନ୍ନତ ପରିବହନ କ୍ଷମତା ଏବଂ ହ୍ରାସିତ ରକ୍ଷଣାବେକ୍ଷଣ ଆବଶ୍ୟକତା ସୁନିଶ୍ଚିତ କରିବ। ସିଙ୍ଗାପୁର ରୋଡ-ଟିଟିଲାଗଡ଼ କରିଡର ପୂର୍ବତଟ ରେଳପଥ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ମାର୍ଗ, ଯାହା ଖଣିଜ ପଦାର୍ଥ, କୋଇଲା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ସହଜ କରିଥାଏ। ୨X-୨୫କେଭି ସିଷ୍ଟମ ଗ୍ରହଣ କରିବା ଦ୍ୱାରା ସେକ୍ସନର ପରିବହନ ଶକ୍ତି ବୃଦ୍ଧି ହେବ, ଭୋଲଟେଜ ନିୟନ୍ତ୍ରଣରେ ଉନ୍ନତି ଆସିବ ଏବଂ ଯାତ୍ରୀ ଏବଂ ମାଲ୍ ପରିବହନ କାର୍ଯ୍ୟରେ ଭବିଷ୍ୟତର ଅଭିବୃଦ୍ଧିକୁ ସମଯୋଚିତ କରାଯିବ।



### ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୦।୧୧

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି। ଏହି ତ୍ରୈମାସିକ ପାଇଁ ଇବିଆଇଟିଡିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି। ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ(ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଞ୍ଚିଛି। ଏସମ୍ପର୍କରେ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି ଯେ, ଆମର ନିରନ୍ତର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି।

# ଖିମ୍‌ଜୀ ଗ୍ରୁପର ୨୪ ଜଣ କଲେ ରକ୍ତଦାନ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ଖିମଜୀ ଗ୍ରୁପ ଓ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ) ର ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏନ୍‌ଏସ୍‌ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ କର୍ପୋରେଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପର ୨୪ଜଣ କର୍ମଚାରୀଙ୍କ ସହିତ ଏନ୍‌ଏସ୍‌ଆଇସି ପରିସରରୁ ୧୦ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ଖିମ୍‌ଜୀ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ମିତେଶ ଖିମ୍‌ଜୀ ଏବଂ ଆଇଆର୍‌ଏସ୍ ମେଡିକାଲ ଅଫିସର ଡା. ରଘୁନାଥ ବେହେରା, ରେଡକ୍ରସ୍ ପ୍ରତିନିଧି ଗୁଲ୍‌ଶନ କୁମାର ଦାଶ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ସଂଯୋଜକ ପ୍ରମୁଖ ଏହି ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ, 'ରକ୍ତ ହେଉଛି ଲାଲ୍ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଜଣେ ବ୍ୟକ୍ତି ସମାଜ ପ୍ରତି ନିଜର ଅନ୍ୟତମ ଉଲ୍ଲେଖନୀୟ ଅବଦାନ ଭାବରେ ରକ୍ତଦାନ କରିପାରିବେ। ଖିମ୍‌ଜୀରେ ଆମେ ବିଶ୍ୱାସ ରଖୁଛୁ ଯେ, ପ୍ରତ୍ୟେକ ୟୁନିଟ୍ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ପ୍ରୟାସ ଅନୁକମ୍ପା, ଯତ୍ନ ଏବଂ ପିଢି ପରେ ପିଢି ଆମ ଉପରେ ବିଶ୍ୱାସ ରଖିଆସୁଥିବା ସମାଜ ପ୍ରତି ପ୍ରତିଦାନ ରଖିବା ନିମନ୍ତେ ଆମର ଦୀର୍ଘସ୍ଥାୟୀ ମୂଲ୍ୟବୋଧର ଏକ ବାସ୍ତବ ପ୍ରତିଫଳନ ହୋଇଛି।




# ଦୈନିକ ୩.୫ ଲକ୍ଷ ଡିଜିଟାଲ ବୁକିଂ କରିବ ରେଡବସ୍

ଭୁବନେଶ୍ୱର,୧୦।୧୧
(ଅନୁରାଧା ମହାରଣା)

ବିଶ୍ୱର ସର୍ବବୃହତ ଅନ୍‌ଲାଇନ ବସ୍ ଟିକେଟିଂ ପ୍ଲାଟଫର୍ମ ରେଡବସ୍ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହ ଏହାର ସହଭାଗିତା ଘୋଷଣା କରିଛି। ଏହି ସହଯୋଗ ରେଡବସ୍ ବ୍ୟବହାରକାରୀଙ୍କୁ ରେଡବସ୍ ପ୍ଲାଟଫର୍ମ ମାଧ୍ୟମରେ ଓଏସ୍‌ଆର୍‌ଟିସିରେ ବୁକିଂ କରିବାକୁ ଅନୁମତି ଦେବ, ଯେଉଁଥିରେ ଏହାର ସହଯୋଗୀ ସେବା ଯେପରିକି ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ସିଏମ୍ ବସ ସେବା ଓ ମୁଖ୍ୟମନ୍ତ୍ରୀଙ୍କ ବସସେବା ଅନ୍ତର୍ଭୁକ୍ତ। ରେଡବସ୍ ଏବେ ରାଜ୍ୟ ମାଲିକାନାରେ ଥିବା ବସ ପରିବହନ ନିଗମର ୩.୫ ଲକ୍ଷ ଦୈନିକ ଯାତ୍ରୀଙ୍କୁ ରେଡବସ ଆପ ମାଧ୍ୟମରେ ସହଜରେ ସେମାନଙ୍କ ସିଟ୍ ବୁକ କରିବାକୁ ସକ୍ଷମ କରିବ। ରେଡବସ୍‌ରେ ୧୪ ହଜାର ସିଟ(ପ୍ରତିଦିନ)ର ଇନଭେଣ୍ଟାରୀ ରଖିବାକୁ ସକ୍ଷମ କରିଥାଏ, ଯାହା ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମଧ୍ୟପ୍ରଦେଶରୁ ନିଗମ ପାଇଁ ଅନଲାଇନ ଟିକଟ ବିକ୍ରୟକୁ ବୃଦ୍ଧି କରିଥାଏ। ଓଏସ୍‌ଆର୍‌ଟିସିର ଫ୍ଲିଟ ଅନ୍ତର୍ଭୁକ୍ତ ହେବା ସହ ରେଡବସରେ ଉପଲବ୍ଧ ମୋଟ ବସ ସଂଖ୍ୟା ଓଡ଼ିଶାରେ ପ୍ରାୟ ୬୦% ବୃଦ୍ଧି ପାଇବ। ରେଡବସ୍‌ର ସିବିଓ ମନୋଜ ଅଗ୍ରୱାଲା କହିଛନ୍ତି ଯେ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହିତ କାମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ, ବ୍ୟବସାୟିକ ଏବଂ ଗ୍ରାହକ ଦୃଷ୍ଟିକୋଣରୁ ଏହା ମହତ୍ତ୍ୱପୂର୍ଣ୍ଣ।

# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସମ୍ପର୍କ




ଭୁବନେଶ୍ୱର,୧୦।୧୧

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଘରେ ଉତ୍ପାଦିତ ଜୈବିକ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ପ୍ରଦାନ କରାଯାଇଛି। ମହିଳା ଏବଂ ଅଙ୍ଗନୱାଡିକର୍ମୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।

# କାର୍ବନ ନିର୍ଗମନ ହ୍ରାସକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଗୁରୁତ୍ୱ

ଭୁବନେଶ୍ୱର,୧୦।୧୧

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଏହାର ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ କରିଛି, ଯାହା ଡିକାର୍ବୋନାଇଜେଶନ, ସର୍କୁଲାରିଟି ଏବଂ ଗୋଷ୍ଠୀମାନଙ୍କ ସଶକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମାପଯୋଗ୍ୟ ଅଗ୍ରଗତିକୁ ସୂଚିତ କରିଛି। ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ (ଜିଆର୍‌ଆଇ) ୨୦୨୧, ୟୁରୋପିଆନ ସଷ୍ଟେନେବିଲିଟି ରିପୋର୍ଟିଂ ଷ୍ଟାଣ୍ଡାର୍ଡସ (ଇଏସ୍‌ଆର୍‌ଏସ), ଇଣ୍ଟିଗ୍ରେଟେଡ ରିପୋର୍ଟିଂ (ଆଇଆର) ଏବଂ ବ୍ୟବସାୟିକ ଦାୟିତ୍ୱ ଏବଂ ସଷ୍ଟେନେବିଲିଟି ରିପୋର୍ଟିଂ (ବିଆର୍‌ଏସଆର) ଭଳି ବିଶ୍ୱ ମାନକ ସହିତ ସମନ୍ୱୟ ରକ୍ଷା କରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ସର୍କୁଲାରିଟିକୁ ଗ୍ରହଣ କରିବା ପାଇଁ ଏଏମ୍‌ଏନ୍‌ଏସ ଇଣ୍ଡିଆର ପ୍ରୟାସ ସମ୍ପର୍କରେ ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ସ୍ଥାୟିତ୍ୱ ଆମର ବ୍ୟବସାୟ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ନବସୃଜନକୁ ପ୍ରୋତ୍ସାହନ, ଜାତୀୟ ଜଳବାୟୁ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରେ ଯୋଗଦାନ ଏବଂ ଆମର କର୍ମଚାରୀ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରୁଛି।

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ଶ୍ରେଣୀ ବିପଦ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ପୁନେର ମୁନ୍ଧୱା–କେରୋଗାଁଓ ପାର୍କ ଅଞ୍ଚଳରେ ୪୦ ଏକର ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ କିଣିବା ବିଷୟ ପ୍ରଘଟ ହେବା ପରେ ମହାରାଷ୍ଟ୍ର ରାଜନୀତିରେ ଉତ୍ତାପ ବୃଦ୍ଧି ପାଇଛି। ଏହି ଜମିର ମୂଲ୍ୟ ୧,୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ତାହାକୁ କାରସାଦି କରାଯାଇ କିଣାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଭାଜପା ପରିଚାଳିତ ମହାୟୁତି ସରକାର ଅଡୁଆରେ ପଡ଼ିଛନ୍ତି। ସୂଚନା ଦିଆଯାଇପାରେ ଯେ, ସେଠାରେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ରୁ ଅଜିତ ପାୱାର ଓ ଶିବ ସେନାରୁ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଭାଜପା ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ ବୋଲି କହୁଥିବା ବେଳେ ମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀଙ୍କ ପୁଅ ଜମି ହେରଫେରରେ ଜଡ଼ିତ ରହିବା ମହାରାଷ୍ଟ୍ର ରାଜନୀତିକୁ ଗରମ ରଖିବା ସ୍ୱାଭାବିକ। ସବୁଠାରୁ କୌତୂହଳ କଥା ହେଉଛି ସ୍ୱୟଂ ଅଜିତ ପାୱାର କହିଛନ୍ତି, କିଣାଯାଇଥିବା ଜମି ସରକାରଙ୍କର ବୋଲି ତାଙ୍କ ପୁଅ ଓ ସହଯୋଗୀମାନେ ଜାଣି ନ ଥିଲେ। ବିରୋଧୀ ଦଳଗୁଡ଼ିକ ଉପମୁଖ୍ୟମନ୍ତ୍ରୀ ଅଜିତଙ୍କ ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ନୈତିକ ଦୃଷ୍ଟିକୋଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ସେମାନେ ନ୍ୟାୟିକ ତଦନ୍ତ ମଧ୍ୟ ଦାବି କଲେଣି।

> ଦେଶରେ କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

ଏଠାରେ ଉଲ୍ଲେଖଯୋଗ୍ୟ, ଆଜିର ଭାରତରେ ତୁଳନାତ୍ମକ ଭାବରେ ଦେଖିଲେ ଅଜିତ୍ ପାୱାରଙ୍କ ପୁତ୍ର ସରକାରୀ ଜମି ପାଇଁ ଅତ୍ୟଧିକ ଅର୍ଥ ଦେଇ ଜମି ହାତେଇଛନ୍ତି। ଅନ୍ୟ ଗୋଟିଏ ଉଦାହରଣ ଦେଖାଯାଉ। ବିହାରର ଭାଗଲପୁର ଜିଲାରେ ଆଦାନୀ କମ୍ପାନୀକୁ କୋଇଲା ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କାରଖାନା ସ୍ଥାପନ କରିବା ପାଇଁ ୧,୦୫୦ ଏକର ଜମି ରାଜ୍ୟ ସରକାର ୩୩ ବର୍ଷ ପାଇଁ ଲିଜ୍ ଆକାରରେ ଦେଇଛନ୍ତି। ଆଦାନୀକୁ ମୂଲ୍ୟ ଭାବେ ପ୍ରତ୍ୟେକ ବର୍ଷ ଏକର ପିଛା ୧ ଟଙ୍କା ଦେବାକୁ ବାଧ୍ୟ କରାଯିବ। ଅର୍ଥାତ୍ ୧,୦୫୦ ଏକର ପାଇଁ ବାର୍ଷିକ ୧,୦୫୦ ଟଙ୍କା ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲିଜ୍ ଦିଆଗଲା। ଅନିର୍ଦ୍ଦିଷ୍ଟ କାଳ ଏଇଥିପାଇଁ କୁହାଯାଉଛି କାରଣ ସରକାରୀ ଜମିକୁ ଯେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ସେହି ଉଦ୍ଦେଶ୍ୟରେ ଯଦି ବ୍ୟବହାର କରାଯାଏ, ତେବେ ସବୁବେଳେ ଲିଜ୍ ନବୀକରଣ ହୋଇଚାଲୁଥିବ। ଉଲ୍ଲେଖଯୋଗ୍ୟ ଯେ, ଭାଗଲପୁର ଜମି ଉପରେ ଥିବା ପ୍ରାୟ ୧୦ ଲକ୍ଷ ଗଛ କଟାଯିବା ଆରମ୍ଭ ହୋଇଛି, ଯାହାକୁ ଚାଷୀ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ପରବର୍ତ୍ତୀ ସମୟରେ, ଉତ୍ପାଦନ ଆରମ୍ଭ ହେବା ପରେ, କମ୍ପାନୀ ତାହାର ବିଦ୍ୟୁତ୍ ୟୁନିଟ୍ ପିଛା ୬ ଟଙ୍କାରେ ରାଜ୍ୟ ସରକାରଙ୍କୁ ବିକ୍ରି କରିବ।

ଏଭଳି ପ୍ରଚ୍ଛଦପଟରେ ଗୋଟିଏ ବିଷୟ ମନକୁ ଆସୁଛି। ସମସ୍ତେ ମନେରଖିବା ଉଚିତ ହେବ ଯେ ଦେଶ ଏବଂ ସମାଜ ପାଇଁ ଅଧିକରୁ ଅଧିକ କୋଟିପତି ସୃଷ୍ଟି ହେବା ମଙ୍ଗଳମୟ। ଚାଇନା ଭଳି କମ୍ୟୁନିଷ୍ଟ ଦେଶରେ ମଧ୍ୟ ବୁଦ୍ଧି ଖଟାଇ କୋଟିପତି ହେବାର ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ତେବେ ଏହି କୋଟିପତିମାନେ ସରକାରୀ କାର୍ଯ୍ୟ, ନିର୍ବାଚନ ପ୍ରକ୍ରିୟା ଏପରିକି ଗଣମାଧ୍ୟମର ମାଲିକାନା କିମ୍ବା ପରିଚାଳନାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଚାଇନାରେ ବ୍ୟବସ୍ଥା ଅଛି। ଅନ୍ୟ ଭାଷାରେ କହିବାକୁ ଗଲେ କୋଟିପତି ହେବା ଅପରାଧ ନୁହେଁ ଏବଂ ଜଣେ ହୋଇପାରିବେ। କିନ୍ତୁ କୋଟିପତି ଶ୍ରେଣୀ ସୃଷ୍ଟି କଲେ ତାହା ଦେଶ ପାଇଁ କ୍ଷତିକାରକ ହେବ। ଏହାର କାରଣ ମୁଖ୍ୟତଃ ବୁଝାପଡ଼େ ଯେ ସେହି ଅତୁଳନୀୟ ସମ୍ପତ୍ତିର ମାଲିକମାନେ ସବୁ କ୍ଷେତ୍ରରେ ମୁଣ୍ଡ ପୂରାଇଲେ ପରବର୍ତ୍ତୀ ସମୟରେ ସେମାନେ ପଛରେ ରହି ଦେଶର ମଙ୍ଗ ଧରିବାକୁ ପ୍ରଚେଷ୍ଟା କରିବେ। ଗୋଟିଏ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଆଦାନୀ ଓ ଟାଟାଙ୍କ ଭଳି ହାତଗଣତି କେତେ କମ୍ପାନୀକୁ ଯଦି ଆକାଶଠୁ ଭୂମି ପର୍ଯ୍ୟନ୍ତ ସବୁକିଛି ଟେକି ଦିଆଯାଏ, ତେବେ ଖୁବ୍‌ଶୀଘ୍ର ଜନସାଧାରଣଙ୍କ କ୍ଷତି ଘଟିବ।

ଶେଷରେ ଅଜିତ୍ ପାୱାରଙ୍କ ପୁତ୍ର ହାତେଇ ନେଇଥିବା ସରକାରୀ ଜମିକୁ ବ୍ୟବହାର କରିବେ କି ନାହିଁ ତାହା କେହି କହିପାରିବେ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ସେହି ଜମିକୁ କୌଣସି ଗୋଟିଏ ବଡ଼ କର୍ପୋରେଟ ହାଉସ୍‌କୁ ଆହୁରି ଅଧିକ ଅର୍ଥରେ ବିକ୍ରି କରିଦେଇପାରନ୍ତି। ତେଣୁ ମୁଖ୍ୟ ବିଷୟ ହେଲା କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 3 | | 8 | 4 |
| | | | | | 7 | 1 | | 9 |
| | | 6 | | | | | 5 | |
| | 3 | | | | | | 1 | |
| | | | | | 5 | 7 | | |
| | 8 | 2 | | | | | | |
| | | | | 6 | | 8 | | |
| | | | 2 | | 9 | | | |
| 8 | | | | | | | 9 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 3 | 7 | 6 | 5 | 4 |
| 4 | 6 | 7 | 9 | 5 | 8 | 2 | 1 | 3 |
| 5 | 2 | 3 | 4 | 1 | 6 | 7 | 8 | 9 |
| 2 | 5 | 6 | 1 | 8 | 4 | 3 | 9 | 7 |
| 3 | 4 | 8 | 7 | 9 | 2 | 5 | 6 | 1 |
| 7 | 9 | 1 | 5 | 6 | 3 | 4 | 2 | 8 |
| 8 | 7 | 5 | 6 | 4 | 1 | 9 | 3 | 2 |
| 9 | 3 | 2 | 8 | 7 | 5 | 1 | 4 | 6 |
| 6 | 1 | 4 | 3 | 2 | 9 | 8 | 7 | 5 |

ଗତକାଲିର ଉତ୍ତର

# ଦେଶ ପ୍ରଗତିରେ ସମବାୟ



ପ୍ରତାପ ଚନ୍ଦ୍ର ସାମଲ

ଭାରତରେ ସ୍ୱାଧୀନତାର ବହୁ ପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କିନ୍ତୁ ତାହା କୃଷିଋଣ ପ୍ରଦାନ ମଧ୍ୟରେ ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ତଥା ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ କିଛି ଯୁଗାନ୍ତକର ପଦକ୍ଷେପ ନିଆଯାଇଛି। ଦେଶର ଅର୍ଥନୈତିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ରୂପେ ସମବାୟ ପ୍ରତିପାଦିତ। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଗ୍ରାମାଞ୍ଚଳର ଲୋକଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ମାଧ୍ୟମରେ ସଚେତନ କରିଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରାଯାଇଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ଅଲ୍ ଇଣ୍ଡିଆ ରୁରାଲ ସର୍ଭେ କମିଟି ରିପୋର୍ଟ ୧୯୫୪ ମସିହାରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ଯେ, ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି, ଏହାକୁ ସଫଳ କରିବା ପାଇଁ ସରକାର ସମବାୟକୁ ନିର୍ଣ୍ଣାୟକ ଭୂମିକା ରୂପେ ଗ୍ରହଣ କରିଛନ୍ତି। ଯେଉଁ ସବୁ କୃଷି ପରିବାର ସାହୁକାରଙ୍କଠାରୁ ଋଣ ଗ୍ରହଣ କରୁଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଏବେ ଦେଶରେ ବିନିଯୋଗ ହୋଇଥିବା ମୋଟ୍ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତୀକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ଜୈବିକ କୃଷି ତଥା ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧି ଏବଂ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି କରାଇବା ପାଇଁ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ।

ଜମିର ଉନ୍ନତୀକରଣ ପାଇଁ ଗଭୀର କୂପ ଓ ନଳକୂପ ଖନନ, କେନାଲ ଓ ନଦୀର ପ୍ରବାହିତ ଜଳକୁ ପମ୍ପଦ୍ୱାରା ଚାଷଜମିକୁ ପାଣି ମଡ଼ାଇବା ନିମନ୍ତେ ଆର୍ଥିକ ସହାୟତା, ବିଭିନ୍ନ ପ୍ରକାର ଫଳ ବଗିଚା ପାଇଁ ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳଗୁଡ଼ିକରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ପାନ ଦୋକାନୀ, ପରିବା ଓ ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଜନସେବା କେନ୍ଦ୍ର, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡି.ଟି.ପି. ପ୍ରକାଶନ, ବହି ବନ୍ଧେଇ, ମନୋହରି ଓ ତେଜରାତି ଦୋକାନ ପାଇଁ ଋଣ ପ୍ରଦାନ କରୁଛନ୍ତି। ଫଳରେ ଉକ୍ତ ବ୍ୟବସାୟରୁ କିଛି ଲାଭ ପାଇ




ଲୋକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ସହିତ ବେକାରି ସମସ୍ୟା ଦୂରୀଭୂତ ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଣ, ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଅର୍ଥନୈତିକ ଓ ଗୁଣାତ୍ମକ ପ୍ରଗତି ପ୍ରକ୍ରିୟାରେ ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧ, ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନ ଓ ଜନସଚେତନତା ସୃଷ୍ଟି କରାଯାଇ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଏବଂ ଦୃଢ଼ ମନୋବଳର ବାତାବରଣ ସୃଷ୍ଟିକରି ସର୍ବସାଧାରଣଙ୍କର ଉନ୍ନତି ସାଧନ ପାଇଁ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।

ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଅଧିକ ଦକ୍ଷତା ହାସଲ କରିପାରିବେ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନର ସୁବିଧା ଅନେକ ସଭ୍ୟ ପାଇପାରିନାହାନ୍ତି। ଆଜି ମଧ୍ୟ ସମିତି କର୍ମଚାରୀଙ୍କ ଦ୍ୱାରା କିଷାନ୍ କ୍ରେଡିଟ୍ କାର୍ଡଧାରୀଙ୍କର ବ୍ଲାଙ୍କ୍ କିଷାନ୍ କ୍ରେଡିଟ୍ ଚେକ୍ ଓ ବ୍ଲାଙ୍କ ବ୍ୟାଙ୍କ ଚେକ୍ ଉପରେ ଦସ୍ତଖତ ନିଆଯାଇ କିଷାନ୍ କ୍ରେଡିଟ୍ ପାସ୍‌ବୁକ୍ ସହିତ ସମିତିରେ ମହଜୁଦ ରଖାଯାଉଛି। କାର୍ଡଧାରୀମାନଙ୍କୁ ନ ଜଣାଇ ସମୟ କ୍ରମେ ସେବା ସମବାୟ ସମିତିର ସମ୍ପାଦକମାନେ ବ୍ଲାଙ୍କ୍ ଚେକ୍‌କୁ ପୂରଣ କରି ବ୍ୟାଙ୍କ କର୍ମଚାରୀମାନଙ୍କ ସଲାସୁତରାରେ କାର୍ଡଧାରୀମାନଙ୍କ ନାମରେ ଋଣ ଉଠାଇ ନିଜ ନିକଟରେ ରଖି କେତେକ କ୍ଷେତ୍ରରେ କିଛି ପରିମାଣର ଋଣ ଦିଅନ୍ତି। ଚାଷୀଟି ସମିତି ସମ୍ପାଦକଙ୍କୁ ବିଶ୍ୱାସ କରି ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ଦେଉଥିଲାବେଳେ ସମିତି ସମ୍ପାଦକ ଋଣୀର ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି। କିଷାନ କ୍ରେଡିଟ୍ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ରହିଥାଏ। ଋଣୀ ସଭ୍ୟଟି କେତେ ଟଙ୍କା ଋଣ ନେଲା ତାହା ଜାଣିପାରେ ନାହିଁ। ଚାଷୀମାନଙ୍କୁ କୃଷିଋଣ ବିଷୟରେ ସଚେତନ କରାଯାଏ ନାହିଁ।

ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ। ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା ଏବଂ ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନ କୌଶଳର ପ୍ରକୃଷ୍ଟ ବିନିଯୋଗ, ଉଜ୍ଜ୍ୱଳ ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ସହ କାର୍ଯ୍ୟ କରିପାରିଲେ ଦେଶ ପ୍ରଗତିର ବଳିଷ୍ଠ ମାଧ୍ୟମ ରୂପେ ଜନସାଧାରଣଙ୍କୁ ସମବାୟ ମାଧ୍ୟମରେ ସେବା ଯୋଗାଇ ଦେବାର ଅବକାଶ ରହିଛି। ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିର ଋଣ ତନଖି କାର୍ଯ୍ୟ ସୁପରିଚାଳନା ପାଇଁ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇଲେ ଏହାର ସୁଫଳ ଜନସାଧାରଣ ପାଆନ୍ତେ। ଋଣ ଦୁର୍ନୀତର ମୂଳୋତ୍ପାଟନ ପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ତତ୍କାଳୀନ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଦରକାର। ସେମାନଙ୍କଠାରୁ ଧାର୍ଯ୍ୟ ଅର୍ଥ ତତ୍କାଳିକଭାବେ ଆଦାୟ କରାଗଲେ ଦେଶ ପ୍ରଗତିରେ ସମବାୟର କାର୍ଯ୍ୟ ପ୍ରଶଂସନୀୟ ହୋଇପାରିବ। ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ। ଏହାର ବିଲୋପ ହେବା ଆବଶ୍ୟକ। ନାବାର୍ଡ ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭାର ଦିଆଯିବା ଆବଶ୍ୟକ। ନଚେତ୍ ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇ ଦୂରତ୍ୱ ବୃଦ୍ଧିପାଉଛି। ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ।

ମୋ: ୯୦୯୦୩୨୫୮୦୨

# ମୋତେ କ୍ଷମା କର



ଡ. ସତ୍ୟ ନାରାୟଣ ମିଶ୍ର

ଜୀବନର ଗତିପଥରେ ମଣିଷର ଭୁଲ୍ ହୋଇଗଲେ ତାହାର ସଂଶୋଧନ ପାଇଁ ତାକୁ କିଛି ଦେବାକୁ ପଡ଼ିଥାଏ। ତାହା ଅର୍ଥର ରାଶି, କିଛି ସାମଗ୍ରୀ ବା ପାରିଶ୍ରମିକ ଇତ୍ୟାଦି ହୋଇପାରେ। କିନ୍ତୁ ଏତଦ୍ ଭିନ୍ନ ଅନ୍ୟ ଗୋଟିଏ ସଂଶୋଧନ ପାଇଁ ପନ୍ଥା ରହିଥାଏ ଯାହା ଥାଏ କ୍ଷମା। ଅନେକ ସମୟରେ ମଣିଷ ଭୁଲ୍ କଲେ ନିଜର ଆତ୍ମସଂଶୋଧନ ଓ ଆତ୍ମଜାଗରଣ ପାଇଁ କ୍ଷମା ଯାଚନା କରିଥାଏ। ମାତ୍ର ପ୍ରଶ୍ନ ଉଠେ ବ୍ୟକ୍ତି କ୍ଷମା ମାଗିବାବେଳେ ତା'ପ୍ରତି କେତେ ଅନୁରାଗ ଓ ସମ୍ବେଦନଶୀଳତା ଥାଏ ? କାରଣ ଭୁଲ୍ ପାଇଁ କ୍ଷମା ମାଗିବାବେଳେ ଭୁଲ୍‌ର ପୁନରାବୃତ୍ତି ନ ହେବା ପାଇଁ ବ୍ୟକ୍ତି ସଙ୍କଳ୍ପବଦ୍ଧ ହେବା ସହ ସେଥିପ୍ରତି ସଚେତନ ହୋଇଥାଏ। ମାତ୍ର ଯଦି ମଣିଷ ବାରମ୍ବାର ଭୁଲ୍ କରେ ଓ ବାରମ୍ବାର କ୍ଷମା ମାଗେ, ତେବେ ସେ କ୍ଷେତ୍ରରେ କ୍ଷମା ଏକ ପ୍ରହସନ ହୋଇଯାଏ। ବ୍ୟକ୍ତି ପାଲଟିଯାଏ ଏକ ନୀତିହୀନ ମଣିଷ। ଅତଏବ ଜ୍ଞାତସାରରେ ଭୁଲ୍ ନ କରିବା, ବାରମ୍ବାର କ୍ଷମା ଯାଚନା ନ କରିବା ହେଉଛି ବିବେକବାନ୍ ମଣିଷର ଅନ୍ତର୍ଦୃଷ୍ଟି।

ତେବେ କ୍ଷମା ମାଗିବା ଓ କ୍ଷମା ପ୍ରଦାନ କରିବା ମଧ୍ୟରେ ଥାଏ ଏକ ସେତୁ, ଯାହାକୁ ଅତିକ୍ରମ କରିବା ହେଉଛି ଏକ ସଂଘର୍ଷର ପୃଷ୍ଠଭୂମି। କଥୋପକଥନରେ ଭୁଲ୍ କରି ବାରମ୍ବାର ମୋତେ କ୍ଷମାକର କହିବା ହେଉଛି ଏକ ଅପରିଣାମଦର୍ଶୀ ଭିକ୍ଷା ବୃତ୍ତି। କ୍ଷମା ମାଗିବା ମୂଳତଃ କୌଣସି କାର୍ଯ୍ୟ ବା ନିଜର ନିଷ୍କ୍ରିୟତାକୁ ଯଥାର୍ଥ କରି ରକ୍ଷାକରିବା ପାଇଁ ବ୍ୟବହୃତ ଏକ ସୁପରିକଳ୍ପିତ ବ୍ୟାଖ୍ୟା, ଯାହା ପ୍ରାୟତଃ ଦାୟିତ୍ୱ ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ ଅନେକେ ବ୍ୟବହାର କରିଥାନ୍ତି। କ୍ଷମା ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ୟକ୍ତିଗତ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ ଓ ଅନେକ ସମୟରେ ଏଥିରେ ସମ୍ପର୍କ ନଷ୍ଟ ହୋଇଥାଏ। କ୍ଷମା ପ୍ରାୟତଃ ଦୋଷ ବଦଳାଇବା, ଦୋଷକୁ କମ୍ କରିବା ବା ଦୋଷ ହ୍ରାସକାରୀ ପରିସ୍ଥିତିକୁ ଅଧିକ ଉଜ୍ଜୀବିତ କରେ। କ୍ଷମା ମାଗି ବ୍ୟକ୍ତିମାନେ ଏକ ସକାରାତ୍ମକ ଆତ୍ମ-ପ୍ରତିଛବି ବଜାୟ ରଖିବାକୁ ଚେଷ୍ଟା କରିପାରନ୍ତି ଓ ଦୋଷ କିମ୍ବା ବିଫଳତାକୁ ସ୍ୱୀକାର କରିବାର ଅସୁବିଧାକୁ ଏଡ଼ାଇ ପାରନ୍ତି, ମାତ୍ର ସ୍ଥିତି ଓ ପରିସ୍ଥିତିର ସମନ୍ୱୟରେ ଅନେକ ସମୟରେ ମଣିଷ କ୍ଷମା ନିକଟରେ ପରାସ୍ତ ହୋଇ ନିଜକୁ ଧିକ୍କାର କରିଥାଏ।

କ୍ଷମା ମଣିଷକୁ ଅସ୍ଥାୟୀ ଆନନ୍ଦ ଦେଇପାରେ ମାତ୍ର ତାହା ଥାଏ ବ୍ୟକ୍ତିର ଦୀର୍ଘକାଳୀନ ନକାରାତ୍ମକ ପରିଣାମ, କାରଣ ମଣିଷ ଭୁଲ୍‌ରୁ ଶିକ୍ଷାଲାଭ କରିଥାଏ। ଯଦି ଭୁଲ୍ ନ କରିବା ପାଇଁ ମଣିଷ ସଚେତନ ହୁଅନ୍ତା ତେବେ କ୍ଷମାର ନଜରବନ୍ଦୀରୁ ମୁକ୍ତି ପାଇପାରନ୍ତା। ମାତ୍ର ବାରମ୍ବାର କ୍ଷମା ଭିକ୍ଷା ବିଶ୍ୱାସ ଓ ସମ୍ପର୍କକୁ କ୍ଷତି ପହଞ୍ଚାଇଥାଏ। କାରଣ ସେତେବେଳେ ବ୍ୟକ୍ତି ପ୍ରାୟତଃ ପ୍ରତାରଣା ବା ଉତ୍ତରଦାୟିତ୍ୱର ଅଭାବ ସହ ଜଡ଼ିତ ହୋଇଥାଏ। ଅସ୍ୱାଭାବିକତା ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ କ୍ଷମା ଏକ ସରଳ ଉପାୟ।



ଅତଏବ ଅନେକ ସମୟରେ କ୍ଷମା ଭିକ୍ଷା ବା କ୍ଷମାକୁ ଏକ ତ୍ରାହିର ଆଧାର କରିବା ଅପେକ୍ଷା ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। କ୍ଷମା କରିବାର ଅର୍ଥ କ୍ଷମା ମାଗିବାକୁ ପ୍ରଥମେ ବୁଝାଇଥାଏ, ଯାହା ଥାଏ ଅନ୍ୟର ଦୟା ଓ ଅନୁକମ୍ପା ତଥା ବଦାନ୍ୟତା। ମାତ୍ର ବ୍ୟକ୍ତି ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଆଧାରକରି ଯଥେଷ୍ଟ ଯତ୍ନବାନ୍ ହୋଇ କ୍ଷମାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କ୍ଷମା ଓ ବାସ୍ତବତା ପରିସ୍ଥିତି ପ୍ରତି ଭିନ୍ନ ଆଭିମୁଖ୍ୟକୁ ପ୍ରତିପାଦିତ କରେ, ବିଶେଷତଃ ଯେତେବେଳେ ଘଟଣା ଯୋଜନା ଅନୁଯାୟୀ ହୁଏ ନାହିଁ। ଅନେକ ସମୟରେ ବ୍ୟକ୍ତି କ୍ରୋଧ ଓ ଅନ୍ୟ ଉପରେ ଆକ୍ରୋଶ ରଖି କିଛି ଭୁଲ୍ କରିଥାଏ ଏବଂ ଫଳ ସ୍ୱରୂପ ପୁଣି ନିଜକୁ ରକ୍ଷାକରିବା ବା ଦୋଷମୁକ୍ତ କରିବା ପାଇଁ କ୍ଷମା ପ୍ରାର୍ଥୀ ହୋଇଥାଏ। ଆଜିକାଲି ସମାଜରେ ମଣିଷ ହିତାହିତ ଜ୍ଞାନ ନ ରଖି ସମାଜରେ ପରିବାରରେ ତଥା ସର୍ବଜନରେ ଅକରଣୀୟ କାର୍ଯ୍ୟ କରୁଛି। ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଓ ନିଜକୁ ବଞ୍ଚାଇବା ପାଇଁ କ୍ଷମା ପ୍ରାର୍ଥୀ ହେଉଛି। ପ୍ରତ୍ୟେକ କଥାରେ ମୋତେ କ୍ଷମାକର କହି ନିଜକୁ ଗୌଣ କରୁଛି।

କ୍ଷମା ଏକ ମହତ୍ ଗୁଣ, ମାତ୍ର ଏହାର ଶ୍ରେୟଃ ତାହା ପାଇଁ, ଯିଏ କ୍ଷମା ପ୍ରଦାନ କରେ। ଯିଏ କ୍ଷମା ପ୍ରାର୍ଥୀ ହୁଏ ସେ ନିଜକୁ କେତେ ନିମ୍ନ ମନେକରେ ତାହା ସ୍ୱାଭିମାନୀ ବ୍ୟକ୍ତି ଅନୁଭବ କରିଥାଏ। ଭାରତୀୟ ସମ୍ବିଧାନରେ ବ୍ୟକ୍ତିର ଗର୍ହିତ ଭୁଲ୍ ବା ତ୍ରୁଟି ପାଇଁ ଦୋଷୀର ଦଣ୍ଡ କୋହଳକରି ଜେଲରୁ ମୁକ୍ତି ଦିଆଯାଏ। ଅତିରିକ୍ତ ଭାବରେ ରାଷ୍ଟ୍ରପତି ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିକୁ ମଧ୍ୟ କ୍ଷମାକରି କୋହଳ କରିଥାନ୍ତି ଯାହା ନିର୍ଭର କରିଥାଏ ବ୍ୟକ୍ତିର ଚରିତ୍ର, ବ୍ୟବହାର ଓ ଦୋଷର ଗଭୀରତା ଉପରେ। ରାମାୟଣ, ମହାଭାରତ, ଭାଗବଦ୍ ଗୀତା ଆଦି ଗ୍ରନ୍ଥରେ ଏପରିକି ବାଇବେଲ, କୋରାନ ଆଦିରେ ଭଗବାନ୍ ମଣିଷକୁ ଅନେକ କ୍ଷେତ୍ରରେ କ୍ଷମାଦେଇ ତାକୁ ସଂଶୋଧିତ ହେବା ପାଇଁ ସୁଯୋଗ ଦେଇଛନ୍ତି। ମାତ୍ର ମଣିଷ ସେ ସଂଶୋଧନକୁ କମ୍ ବ୍ୟବହାର କରି ଭୁଲ୍‌ର ପୁନରାବୃତ୍ତି କରିଚାଲିଛି ଏବଂ ଆତ୍ମ ସ୍ୱାର୍ଥ ପାଇଁ କ୍ଷମା ମାଗୁଛି।

ମହାଭାରତରେ, ବିଭିନ୍ନ ଚରିତ୍ରମାନେ ସେମାନଙ୍କର କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ଯଥାର୍ଥ କିମ୍ବା ଦୋଷକୁ ଦୂରେଇରଖିବା ପାଇଁ କ୍ଷମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା। ରାମାୟଣରେ ମଧ୍ୟ କାର୍ଯ୍ୟ କିମ୍ବା ନିଷ୍ପତ୍ତିକୁ ଯଥାର୍ଥ କରିବା ପାଇଁ କ୍ଷମା ପ୍ରାୟତଃ ବ୍ୟବହୃତ ହୋଇଛି। ବିଶେଷତଃ ଯେଉଁ ପରିସ୍ଥିତିରେ ଚରିତ୍ରମାନେ ଧାର୍ମିକ ଆଚରଣରୁ ବିଚ୍ୟୁତ ହୋଇଛନ୍ତି ବା ନୈତିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି। ଆଧୁନିକ ସମାଜରେ ସମ୍ପ୍ରତି ନିଜର ଆକ୍ରୋଶ, ଈର୍ଷା ବା ପ୍ରତିଶୋଧକୁ ଶାନ୍ତିକରିବା ପାଇଁ ଅନେକ କ୍ଷେତ୍ରରେ କେତେଜଣ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ନିର୍ଦ୍ଦୋଷରେ ଘଟଣାଚକ୍ରରେ ଦୋଷୀ ସାବ୍ୟସ୍ତ କରି ଭୁଲ୍ ନ ଥାଇ ଭୁଲ୍‌କୁ ସ୍ୱୀକାରକରାଇ କ୍ଷମା ପ୍ରାର୍ଥୀ କରି ନିଜେ ଆନନ୍ଦିତ ହୋଇଥାନ୍ତି। ଅତଏବ କ୍ଷମାର ମହନୀୟ ଚିନ୍ତାଧାରାରେ ମଣିଷ ମାର୍ଜିତ ଓ ପରିମାର୍ଜିତ ହୋଇ ଭୁଲ୍‌ର ବାରମ୍ବାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହେବା ଉଚିତ, ଯେଉଁଠି ନ ଥିବ ବାରମ୍ବାର ଅନୁରୋଧର ଅନିଚ୍ଛାକୃତ ଶବ୍ଦ ପ୍ରବାହ 'ମୋତେ କ୍ଷମା' କର।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ବେଙ୍ଗାଲୁରୁ ସହରର ବିଭିନ୍ନ ସ୍ଥାନରେ ରହୁଥିବା ଅବହେଳିତ ବର୍ଗର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି ଏମ୍. ନାଗାରାଜେୟା। ସେ ପ୍ରଗତି ଚାରିଟେବଲ୍ ଟ୍ରଷ୍ଟ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ୨୦୦୫ ବେଙ୍ଗାଲୁରୁ ବନ୍ୟା ସମୟରେ ବସ୍ତିରେ ରହୁଥିବା ଗରିବ ପରିବାର ଓ ସେମାନଙ୍କ ପିଲାଙ୍କ ସ୍ଥିତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ବିଶେଷକରି ପିଲାମାନେ ସ୍କୁଲ ପଢ଼ା ଛାଡ଼ି ଶିଶୁଶ୍ରମିକ ଭାବେ କାମ କରୁଥିଲେ କିମ୍ବା ଅନେକେ ଆଦୌ ସ୍କୁଲ ନ ଯାଇ ଘରେ ରହୁଥିଲେ। ଏହି ପିଲାମାନଙ୍କୁ ନାଗାରାଜେୟା ସହରର କେମ୍ପାପୁରା, ସୁମନହାଲି ଓ ଅମୃତାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲି ଦୀର୍ଘ ୨୦ ବର୍ଷ ହେଲା ପଢ଼ାଉଛନ୍ତି। ପିଲାମାନଙ୍କୁ ଗଣିତ, ଇଂଲିଶ ପଢ଼ାଯିବା ସହ ନାଚ, ଗୀତ ଓ ଖେଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀ ଶିକ୍ଷକ ଅଛନ୍ତି। ଗୋଟିଏ ଶିକ୍ଷା କେନ୍ଦ୍ର ପରିଚାଳନା ପାଇଁ ମାସକୁ ପାଖାପାଖି ୨୭,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସମସ୍ତ ଖର୍ଚ୍ଚ ଲୋକଙ୍କ ଦାନ ଅର୍ଥରେ ଚାଲୁଛି। ଶିକ୍ଷା କେନ୍ଦ୍ରରେ ପ୍ରଥମେ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରାଯାଇ ପରେ ସରକରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ନଭେମ୍ବର ୧୯୭୬

- ଭାରତ ଓ ଇଟାଲୀ ମଧ୍ୟରେ ବୃତ୍ତି ବିନିମୟ ଏବଂ ସିନେମା ସଙ୍ଗୀତ, ଥିଏଟର ଓ କଳାର ସମ୍ପ୍ରସାରଣ ନିମନ୍ତେ ପ୍ରଥମ ଥର ଲାଗି ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ କ୍ଷେତ୍ରରେ ଶକ୍ତି ପ୍ରୟୋଗ ପରିହାର ଲାଗି ରୁଷର ପ୍ରସ୍ତାବକୁ ଜାତିଂସଘ ସାଧାରଣ ପରିଷଦ ଅନୁମୋଦନ କରିଛି।

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ପ୍ରେସ୍କ୍ରିପ୍ସନରେ କଫ ସିରପ୍ ବିକ୍ରି

ମହାଶୟ,

ଭାରତରେ ବିଭିନ୍ନ ସମୟରେ କଫ ସିରପ୍ ଖାଇ ଶିଶୁ ଓ ବୟସ୍କମାନେ ମୃତ୍ୟୁମୁଖରେ ପଡୁଥିବା ଖବର ପ୍ରକାଶ ପାଇ ଆସୁଛି। ଓଡ଼ିଶାରେ ମଧ୍ୟ ଏଭଳି କଫ ସିରଫ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଦେଖାଯାଏ ରଥଯାତ୍ରା ଓ ଦୁର୍ଗାପୂଜା ସମୟରେ ସରକାରଙ୍କର ଅବକାରୀ ବିଭାଗ ମଦଦୋକାନଗୁଡିକୁ ବନ୍ଦ କରିଥାନ୍ତି । ସେହି ସମୟରେ ମଦ୍ୟପମାନେ ଔଷଧ ଦୋକାନରୁ କୋରେକ୍ସ, ଟସେକ୍ସ, ଫେନ୍‌ସିଡିଲ ଜିଞ୍ଜର ଇତ୍ୟାଦି କିଣିନେଇ ପିଇ ନିଶାଗ୍ରସ୍ତ ହୋଇଯାନ୍ତି । ଏହି ଔଷଧଗୁଡ଼ିକ ଥଣ୍ଡା, ଶ୍ୱାସ, କାଶ ପାଇଁ ଉଦ୍ଦିଷ୍ଟ । ଔଷଧ ଦୋକାନୀ ବିନା ପ୍ରେସ୍କ୍ରିପ୍ସନରେ ଚଢ଼ା ଦାମ୍‌ରେ ଏଗୁଡ଼ିକୁ ବିକ୍ରି କରିଥାନ୍ତି । ସବୁଠୁ ବଡ଼ କଥା ହେଉଛି , ବାରମ୍ବାର କଫ୍ ସିରପ ଜନିତ ମୃତ୍ୟୁ ଘଟୁଥିଲେ ମଧ୍ୟ ତାହାକୁ ଏଯାବତ ନିୟନ୍ତ୍ରଣ କରାଯାଇପାରୁନାହିଁ ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାଇବର ଠକେଇ ରୋକିବା ପାଇଁ ସଚେତନତା ହିଁ ପ୍ରମୁଖ ଅସ୍ତ୍ର



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ମାଲକାନଗିରି,୧୦।୧୧(ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ଜିଲା ପୋଲିସ ବିଭାଗ ତରଫରୁ ଚିତ୍ରକୋଣ୍ଡା ସଦର ବ୍ଲକରେ ଥିବା ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଥାନାର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସାଇବର ଠକେଇରୁ ଜନସାଧାରଣ କିପରି ସୁରକ୍ଷା ପାଇପାରିବେ ସେ ସମ୍ବନ୍ଧରେ ସଚେତନ କରିଥିଲେ। ସାଇବର ଠକେଇ ରୋକିବା ପାଇଁ ସଚେତନତା ହିଁ ପ୍ରମୁଖ ଅସ୍ତ୍ର। ସାଇବର ଅପରାଧୀମାନେ ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ, ଜିମେଲ ଓ ଫୋନ୍ ମାଧ୍ୟମରେ ତୁମ ଆକାଉଣ୍ଟରେ ଭୁଲ୍ ଅଛି, ଏଟିଏମ୍ ଖରାପ ହୋଇଯାଇଛି, ଏତେ ଟଙ୍କା ପୁରସ୍କାର ମିଳିଛି, ତୁମ ନମ୍ବରରେ ଗାଡ଼ି ଆସିଛି ବୋଲି କହି ବହୁ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ତେବେ ଯେକୌଣସି ଅଜଣା ନମ୍ବରରୁ କଲ୍ ଆସିଲେ ଉକ୍ତ କଲ୍ ନମ୍ବରକୁ ମନେରଖି ସଙ୍ଗେସଙ୍ଗେ ପୋଲିସକୁ ଖବର ଦେଲେ ପୋଲିସ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳ, ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ସୌମ୍ୟରଞ୍ଜନ ଦାସ, ବଡ଼ପଡ଼ା ମହାବିଦ୍ୟାଳୟ ଅଧକ୍ଷ ଗିରିଜା ଶଙ୍କର ପାଣି, ଚିତ୍ରକୋଣ୍ଡା ବରିଷ୍ଠ ନାଗରିକ ଏସ୍. ଚିଡ଼ି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଚିତ୍ରକୋଣ୍ଡାରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିସହ ଚିତ୍ରକୋଣ୍ଡାର ବୁଦ୍ଧିଜୀବୀ, ଜନସାଧାରଣ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ।

# ଆଧାରକାର୍ଡ ନ ଥିବାରୁ ମିଳୁନି ସରକାରୀ ସହାୟତା

ନନ୍ଦପୁର,୧୦।୧୧(ତୁଷାରକାନ୍ତ ମହାନ୍ତି) ଆଧାରକାର୍ଡ ନ ଥିବାରୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଖୁର୍ଜି ପଞ୍ଚାୟତର ବଡ଼ପଦର ଗ୍ରାମର ୨୨ ବର୍ଷୀୟ ପ୍ରଶାନ୍ତ ଗୁଣ୍ଟା ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ଉକ୍ତ ମାନସିକ ଅସୁସ୍ଥ ଓ ଅନାଥ ପ୍ରଶାନ୍ତଙ୍କ ଜନ୍ମ ପୂର୍ବରୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ପୁଅ ମାନସିକ ଅସୁସ୍ଥ ଜାଣି ମା' ଅନ୍ୟତ୍ର ବାହା ହୋଇଯାଇଥିଲେ। ସେବେଠୁ ବାପା ଓ ଦାଦା ତାଙ୍କ ଦେଖାରଖା କରିଥିଲେ। ପ୍ରଶାନ୍ତ ଚାଉଳ, ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ଆଦିରୁ ବଞ୍ଚିତ ଥିବା ଦାଦା ନିଧି ଗୁଣ୍ଟା ଓ ଖୁଡ଼ୀ ବିମଳା କହିଛନ୍ତି। ଆଧାରକାର୍ଡ ନ ଥିବାରୁ ଭିନ୍ନକ୍ଷମ ପ୍ରମାଣପତ୍ର ହୋଇପାରୁ ନାହିଁ। ଏହାଯୋଗୁ ସେ ଭତ୍ତା ଆବେଦନ କରିପାରୁ ନ ଥିବା ନିଧି କହିଛନ୍ତି। ନନ୍ଦପୁରରେ ଥିବା ଆଧାର କେନ୍ଦ୍ରକୁ ନେଲେ ବିଭିନ୍ନ କାରଣ ଦେଖାଇ ଆଧାର କେନ୍ଦ୍ରଗୁଡ଼ିକ ଫେରାଇ ଦେଉଥିବା ନିଧି କହିଛନ୍ତି। କିଛିଦିନ ତଳେ ଚିକିତ୍ସା ସହାୟତା ଯୋଗାଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାରେ କୋରାପୁଟ ନେଇଥିଲେ। ପ୍ରଶାନ୍ତ ସିଜୋଫ୍ରେନିଆ ରୋଗରେ ଆକ୍ରାନ୍ତ ଥିବା ଡାକ୍ତର କହିଥିଲେ। ଏହା ଜନ୍ମଗତ ରୋଗ ଯୋଗୁ ଚିକିତ୍ସା ନାହିଁ ବୋଲି ଡାକ୍ତର କହୁଛନ୍ତି। ପ୍ରଶାନ୍ତଙ୍କ ଦାୟିତ୍ୱ ଆଉ କେତେଦିନ ବୁଝିପାରିବି ବୋଲି ତାଙ୍କ ଦାଦା କହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ପ୍ରଶାନ୍ତଙ୍କ ଆଧାରକାର୍ଡ କରି ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି। ଏ ନେଇ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଶାନ୍ତଙ୍କ ଆଧାରକାର୍ଡ ପ୍ରସ୍ତୁତ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୯, ତାରିଖ: ୦୭।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ତିନିବର୍ଷର ଅବଧି ପାଇଁ ଟାଟାନଗରଠାରେ ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ଜଳଯୋଗାଣ, ପ୍ୟାଡ୍‌ଲକିଂ/ଅନ୍‌ଲକିଂ, ପ୍ଲାଟ୍‌ଫର୍ମ ଫେରନ୍ତା/ଷ୍ଟେବଲ୍‌ଡ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ ତଥା ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ବାୟୋଲୋଜିକାଲ ଟଏଲେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ₹୧୫,୩୭,୪୦,୩୧୪.୦୫ । **ବିଡ୍ ଅମାନତ:** ₹୯,୧୮,୭୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/– । **ଟେଣ୍ଡର ଖୋଲାଯିବା ସ୍ଥାନ:** ବରିଷ୍ଠ ମଣ୍ଡଳ ମେକାନିକାଲ୍ ଯନ୍ତ୍ରୀ/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-820)

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ୍ର-ସିଏଚ୍‌ଜି-୨୫-୨୬-ପ୍ୟାନେଲ୍ସ-୩୩, ତାରିଖ: ୦୮।୧୧।୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ–ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । **କାର୍ଯ୍ୟର ନାମ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଷ୍ଟେସନରେ ପୁରୁଣା ପ୍ୟାନେଲ୍ସ ତଥା ଜରୁରୀ ଆସେସୋରିଗୁଡ଼ିକୁ ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹୨,୬୬,୪୧,୬୬୦.୮୭ । **ଇଏମ୍‌ଡି/ବିଡ୍ ଅମାନତ:** ₹୨,୮୩,୨୦୦/– । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି । (PR-821)



**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ବାଲିଗୁଡ଼ା ଶାଖା, ବାଳକ ଉଚ୍ଚ ବିଦ୍ୟାଳୟ ସାମ୍ନା, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଓଡ଼ିଶା-୭୬୨୧୦୩, ମୋ.: ୮୮୯୫୧୪୮୮୮୨** | | |
| ୧. | **ଅମରେଶ ଆଚାର୍ଯ୍ୟ,** ଏଚ୍‌ଓ: ଦୁଆର ମଳିକ, ସା: ବାଲାକିଆ, ପୋ: ରେବିଙ୍ଗିଆ, ଜିଲ୍ଲା: କନ୍ଧମାଳ / ୨୮୨୮୧୬୬୩୦୦୦୦୨୬୯ | ୩୬.୦୦ | ୩୮.୯୭ |
| | **ମୁଣ୍ଡମରାଇ ଶାଖା, ସା/ପୋ: ମୁଣ୍ଡମରାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୪, ମୋ.: ୯୯୩୭୪୬୧୫୬୬** | | |
| ୧. | **ମିଥୁନ ସେଠୀ,** ପିତା: ରାଜେନ୍ଦ୍ର ସେଠୀ, ୩୪, ଉଲମା, ରୁଗୁମୁ, ଗଞ୍ଜାମ, ଓଡ଼ିଶା-୭୬୧୧୦୭ / ୦୮୫୨୧୬୫୪୦୦୦୦୮୭୦ | ୧୦.୫୦ | ୧୩.୫୦ |
| | **ପୋଲସରା ଶାଖା, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | **ଗୌରହରି ସେଠୀ,** ପିତା: ବିଶ୍ୱନାଥ ସେଠୀ, ବି. ମଧୁସୂଦନପୁର, ଓଡିଆ ସାହି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୫୩୧୦ | ୧୦.୦୦ | ୧୮.୭୦ |
| ୨. | **ପଞ୍ଚୁ ପାତ୍ର,** ୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୯୦୭୦ | ୧୭.୦୦ | ୧୮.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବ୍ରହ୍ମପୁର, ତାରିଖ : ୧୦.୧୧.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା



ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବୋଇପାରୀଗୁଡ଼ା,୧୦।୧୧ (କଳ୍ପତରୁ ମହାନ୍ତି) କୋରାପୁଟ ଜିଲା ବୋଇପାରୀଗୁଡ଼ା ବ୍ଲକ ଅଧୀନ ଚନ୍ଦ୍ରପଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଏକ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୫ ପ୍ରକଳ୍ପ ପ୍ରଦର୍ଶନ କରାଯାଇ ୬୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଗୁଡ଼ିକ ମଧ୍ୟରୁ ୭ ପ୍ରକଳ୍ପକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ମାନ୍ୟତା ମିଳିଥିଲା। ୮ କୃତୀ ପ୍ରକଳ୍ପଧାରୀଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସନ୍ତା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଏହି ସମସ୍ତ ପ୍ରକଳ୍ପ ମନୋନୀତ କରାଯାଇଥିବା ସୂଚନା ଦିଆଯାଇଛି। ସୁପ୍ରଜ୍ଞାନ ପରିଡ଼ା, ସବିଦ୍ୟାନ ପରିଡ଼ା, ସ୍ମୃତି ସ୍ୱରୂପାମହାନ୍ତି, ଆରାଧ୍ୟା ଚର୍ଚ୍ଚି, ଏସ୍.ସୁଭ୍ରାଂଶୁ ରାଓ, ଚୁମୁକି ପାଙ୍ଗୀ ଏବଂ ୟଶବୀର ସିଂ ପ୍ରମୁଖ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ଅଧକ୍ଷ ଶଶୀଭୂଷଣ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରେଶ୍ମାରାଣୀ ପଲେଇ ଏହାକୁ ପରିଚାଳନା କରିଥିଲେ। କଳା ଶିକ୍ଷକ ଭିସାଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ମୋବାଇଲ ଲୁଟ୍ ଅଭିଯୋଗ

ଜୟପୁର,୧୦।୧୧(ପବନ ପାଣିଗ୍ରାହୀ) ଛୁରି ଦେଖାଇ ମୋବାଇଲ ଲୁଟ୍ ହୋଇଥିବା ନେଇ ଜୟପୁର ସଦର ଥାନାରେ ସୋମବାର ଅଭିଯୋଗ ହୋଇଛି। ଗତ ୨୨ ତାରିଖରେ ଉଙ୍ଗରଗୁଡ଼ା ଗ୍ରାମର ପଦ୍ମନ ଗାଦବା ଓ ତାଙ୍କ ସାଙ୍ଗ ଲକ୍ଷଣ ଗାଦବା ମିଶି କୋଲାବରେ ଶୌଚ କରି ସଦର ଥାନା ଅଧୀନ ମୁଖୀଗୁଡ଼ି ନିକଟରେ ଠିଆ ହୋଇଥିବା ବେଳେ ୨ ଯୁବକ ସ୍କୁଟିରେ ଆସି ଟଙ୍କା ପଇସା ମାଗିଥିଲେ। ଟଙ୍କା ପଇସା ନ ମିଳିବାରୁ ଛୁରି ଦେଖାଇ ମୋବାଇଲ ଲୁଟ୍ କରିଥିଲେ। ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅବକାରୀ ଚଢ଼ାଉ, ଜଣେ ଗିରଫ

କୋରାପୁଟ,୧୦।୧୧(ଅମିତାଭ ବେହେରା) କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ଭେଜାପୁଟ ଓ ପୁଟରାଘାଟି ଗ୍ରାମରେ ଚଢ଼ାଉ କରି ୧୬ ଲିଟର ଦେଶୀ ମଦ ଜବତ କରି ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ କୋରାପୁଟ ବ୍ଲକ୍ ପୁଟରାଘାଟି ଗ୍ରାମୀ ଖଗେଶ୍ୱର ସାହୁ (୩୫)। ଏ ନେଇ ୬୯/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବ୍ୟବହୃତ ବାଇକ୍‌କୁ ଜବତ କରାଯାଇଛି। ଚଢ଼ାଉରେ କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁ, ଓଆଇସି ଜଗବନ୍ଧୁ ଜାନି, ସୁରେନ୍ଦ୍ର କୁମାର ପଣ୍ଡା, ମିର ମାଙ୍କଶଦ ଅଲି, ମମତା ମୟୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 48/ET/SBP/ENGG/2025-26, ତା.04.11.2025ରିଖ

(1) ଇ-ଟେଣ୍ଡର ସଂ.50-eT-SDENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 105 ସଂଖ୍ୟକ ଷ୍ଟେସନ / ଗୁମଟିରେ ରିଙ୍ଗ ଆର୍ଥ (Ring Earth)ର ବାଡ଼ ଲଗାଇବା କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,28,35,186.94, ବିଡ୍ ସିକ୍ୟୁରିଟି : ₹ 3,64,200/-

(2) ଇ-ଟେଣ୍ଡର ସଂ.09-eT-SDENW-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ ପରିସୀମା ଅଧିନସ୍ଥ (1) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR-63.630 TKM, (2) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR(TO)-150 ସେଟ୍, (3) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TTR(FS+TWS+WCMSC)-07 ସେଟ୍, (4) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TBR-1.513 TKM ଏବଂ (5) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TWSEJ-208 ସେଟ୍‌ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,81,68,547.67, ବିଡ୍ ସିକ୍ୟୁରିଟି : ₹ 2,40,900/-

(3) ଇ-ଟେଣ୍ଡର ସଂ.04-eT-BRIDGE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର / ବ୍ରିଜ୍ / ଟିଟିଲାଗଡ଼ ପରିସୀମା ଅଧିନରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଥେରୁବାଲି-ସିଙ୍ଗାପୁର ରୋଡ୍ ମଧ୍ୟରେ ବ୍ରିଜ୍ ନଂ. 588UP (2X76.2M TOWG + 1X18.3M PG) ଏବଂ ବେଲସୋଣ୍ଡା-ଆରଙ୍ଗ ମହାନଦୀ ମଧ୍ୟରେ ବ୍ରିଜ୍ ନଂ. 77DN (1X12.2M PSC + 1X24.4M PSC + 11X30.5M TOWG + 14X24.4M PSC + 1X12.2M PSC)ରେ ମାନବବିହୀନ ବାୟବୀୟ ପ୍ରଣାଳୀ ଡ୍ରୋନ ସର୍ଭେ (ଯଥାରୀତି)ର ପରିଚ୍ଛଳନା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,03,750.00, ବିଡ୍ ସିକ୍ୟୁରିଟି : ₹ 18,100/-

**କାର୍ଯ୍ୟ ଶେଷ ହେବା ଅବଧି :** 12 (ବାର) ମାସ (କ୍ରମ ସଂ. 1 ଓ 2 ନିମନ୍ତେ) ଏବଂ 04 (ଚାରି) ମାସ (କ୍ରମ ସଂ. 3 ନିମନ୍ତେ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 28.11.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-781/Q/25-26



**TENDER NOTICE**

Sealed Tenders are invited from reputed suppliers for supply & installation of the following items at Taj Puri Resort & Spa, Odisha by 20th November, 2025 (08:30 A.M.) to 22nd November, 2025 (09:30 P.M.).

| Sl. No. | Description/Details of Item | Quantity |
|---|---|---|
| 1. | 10'x10' Bamboo/Steel/Wooden Stall | 01 pc |
| 2. | Rectangular Table with White Cloth Cover | 03 pcs. |
| 3. | Chair with White Cloth Cover | 15 pcs. |
| 4. | 6' x 4' Flex Board including installation* | 05 pcs. |
| 5. | 6' x 4' Electronic Display Board including installation * | 03 pcs. |
| 6. | Colour Booklets with Spiral Binding * | 25 pcs. |
| 7. | 300ml. Distilled Water Bottle | 300 pcs. |
| 8. | Flower Bouquets | 25 pcs. |
| 9. | Pen | 30 pcs. (Red-15 pcs, Blue-15 pcs.) |
| 10. | Pencil | 30 pcs. |
| 11. | A4 Paper (75 GSM) | 02 packets |
| 12. | Paper Weight | 15 pcs. |
| 13. | File Folder | 25 pcs. |
| 14. | Highlighter | 05 pcs. |
| 15. | Paper Flag | 05 packets |
| 16. | Stapler (Small size) with Pin | 05 pcs. |
| 17. | Stapler (Big size) with Pin | 03 pcs. |
| 18. | Quotes (to be colour printed 18" x 12") * | 10 pcs. |
| 19. | File Clip - Big | 05 packets |
| 20. | File Clip - Small | 05 packets |
| 21. | Jems Clip | 05 packets |
| 22. | Notepad | 30 pcs. |
| 23. | Towels (Small) | 25 pcs. |
| 24 | Napkin | 15 packets |
| 25. | Snacks (Kachuri 02 pcs, Dry Fruit 50 gms., Sweets 02 pcs , 01 Juice Tetra pack | 25 packets per day for 03 days (20.11.25 to 22.11.25) |
| 26. | Tea/ Coffee with 4 pc cookie each time (20 x 02 times per day) | 40 nos. for 03 days (20.11.25 to 22.11.25) |
| 27. | Standard Lunch | 25 packets per day for 03 days (20.11.25 to 22.11.25) |
| 28. | Name Plates (10"x 6")* | 10 pcs |
| 29. | Name Plates (10" x 12")* | 04 pcs |
| 30. | Sambalpuri Shawl/Stole | 25 pcs. |
| 31. | Handcrafted Memento | 25 pcs. |
| 32. | Jute Bags (1.5' x 2') | 25 pcs. |

* Content will be supplied by office and all items should be of the best quality. Additional items be supplied as & when required. Rates be given as per MRP/Market price.
Interested suppliers may submit their rates including all kind of taxes and charges for the afore-mentioned items on or before 16.11.2025 in the following address '.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur,**
**Bhubaneswar, Odisha-751016, Tele : 0674-2747631,345,**
**E-mail: deobhub-stats@nic.in**



**HDFC BANK** We understand your world

**AUCTION SALE NOTICE**

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-Nov-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75257338 | ALIZA DEHURY | 1305100 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 2 | 76072684 | SAKTI PATNAIK | 1188500 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 76073953 | SAKTI PATNAIK | 518000 | |
| 4 | 4000696314 | BULU GOCHAYAT | 308400 | |
| 5 | 75505950 | PRITAM BAIDHANK | 60700 | |
| 6 | 50200078558960 | BIDU LATA JENA | 750300 | |
| 7 | 75668606 | PRAKASH SAHU | 728900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 8 | 75863703 | SUNIL KUMAR LENKA | 225000 | |
| 9 | 75730784 | PRINCE KUMAR SINGH | 166800 | |
| 10 | 75572813 | SUNIL KUMAR LENKA | 155900 | |
| 11 | 75818834 | ABHAYA NAIK | 28400 | |
| 12 | 75888452 | TAPAS KUMAR SASMAL | 108500 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 13 | 400015534 | N K TAPAN | 220700 | HDFC BANK LTD, BAJRAKABATI ROAD, CUTTACK-753001 |
| 14 | 75281173 | RISHAB OJHA | 65700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 15 | 75617736 | SASMITA MOHAPATRA | 1038900 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 16 | 76030084 | SEKH ARASAD | 174000 | |
| 17 | 75754853 | KISHORE KUMAR NAYAK | 496000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18 | 75869280 | P RAJESH SUBUDHI | 160200 | |
| 19 | 75498875 | RITIK KUMAR DAS | 322800 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 20 | 75798940 | RAHUL NAIK | 241800 | |
| 21 | 75414355 | SIBA SAHOO | 308200 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 22 | 75670443 | CHANDAN KUMAR SAHOO | 170100 | |
| 23 | 75723936 | CHANDAN KUMAR SAHOO | 153400 | |
| 24 | 75347916 | SUJIT MOHNTY | 75800 | |
| 25 | 75602437 | SABAHAT AFRIN | 14700 | |
| 26 | 75731668 | SANJEEB KUMAR PATRO | 65000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 27 | 75509309 | DEBARAJ SAHU | 13000 | |
| 28 | 75394945 | BHUPENDRA RANA | 38000 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 29 | 75482240 | BHUPENDRA RANA | 26000 | |
| 30 | 75184883 | SANJUKTA PRADHANI | 87,100 | |
| 31 | 75329977 | SIBA RAM SABAT | 300000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 32 | 75720187 | MANAS RANJAN PRADHAN | 220500 | HDFC BANK LTD, GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 33 | 75365724 | MOHAMMED ULFAT HUSSAIN | 24100 | HDFC BANK LTD, GROUND FLOOR, OPP. BHARAT PETROL PUMP, DHANUPALI, SAMBALPUR-768005 |
| 34 | 4000652022 | UTKALRAM JENA | 130900 | HDFC BANK LTD, HATATOTA, TALCHER, ANGUL-759100 |
| 35 | 4000567560 | SANGRAM JENA | 294000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 36 | 75947915 | KAILAS CHANDRA PANDA | 190000 | |
| 37 | 74155434 | KRUSHNA CHANDRA NAYAK | 184000 | |
| 38 | 4000556702 | PRIYANKA TAKRI | 86000 | |
| 39 | 4000613086 | SANGRAM JENA | 60000 | |
| 40 | 75986513 | BASANTI CHAUDHURY | 602000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 41 | 75476223 | PRAKASHCHANDRA PATNAYAK | 200000 | |
| 42 | 75232366 | RAJALAXMI DAKUA | 179000 | |
| 43 | 75710807 | MAHESWAR POLAI | 72000 | |
| 44 | 75735824 | BABITA BISHOYI | 670800 | |
| 45 | 74219128 | JITENDRA KUMAR ROUT | 71400 | HDFC BANK LTD, MAHIPAL, KENDRAPARA-754211 |
| 46 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 47 | 75231907 | MAHESWAR PRADHAN | 83400 | |
| 48 | 75289025 | BIPIN NAYAK | 281500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 49 | 75273800 | PUSHPALATA SAHU | 86300 | |
| 50 | 75272266 | SANDHYA SWAIN | 80400 | |
| 51 | 75959972 | SUDHANSU PANIGRAHY | 641000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 52 | 75879454 | PRASANTA PRADHAN | 257500 | |
| 53 | 75830683 | JITENDRA RAULA | 125000 | |
| 54 | 75539824 | BALAJI SAHU | 52000 | |
| 55 | 75596784 | SUSANT KUMAR BEHERA | 153000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 56 | 4000085963 | SATYABRAT MANGARAJ | 40800 | |
| 57 | 75206808 | SANJUKTA PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 58 | 75939471 | ANITA SIKHAPUCHA | 215000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 59 | 75823990 | MEELA SANKAR | 55000 | |
| 60 | 75212924 | MEELA SANKAR | 39000 | |
| 61 | 74527808 | S HARISH | 35000 | |
| 62 | 74879513 | AJESH PALA | 31000 | |
| 63 | 75460242 | MADHU SUDAN MALI | 275900 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 64 | 75460571 | MADHU SUDAN MALI | 223100 | |
| 65 | 74842839 | DEBANANDA SAHU | 59300 | |
| 66 | 75283347 | BARUN BISWAKARMA | 57400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 67 | 75238682 | GUPTA ADAKATIA | 47100 | |
| 68 | 75666014 | ABINASH MAHAPATRA | 451500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 69 | 73978125 | ASWINI KUMAR LENKA | 201000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 70 | 75853054 | SABITA MOHAPATRA | 129000 | |
| 71 | 75439867 | PRATAP CHANDRA GHADEI | 49000 | |
| 72 | 4000134689 | SHANKAR NAYAK | 138800 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 73 | 75934126 | BABLU YADAV | 430000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 74 | 75822562 | BISWABANDITA SAHOO | 277000 | |
| 75 | 75525700 | SUBRAT KUMAR JENA | 255000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 76 | 75358637 | E ANAND | 170800 | |
| 77 | 75333902 | SANJAY MOHANTY | 791100 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 78 | 75937347 | RAJAT KUMAR SAHOO | 186800 | |
| 79 | 75856930 | SAMIR BEHERA | 87000 | |
| 80 | 75964169 | KROMTON SAHOO | 72200 | |
| 81 | 75863378 | SABYASACHI LENKA | 52000 | |
| 82 | 76035771 | SUKUMAR NAYAK | 636500 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 83 | 74652740 | RANJIT KUMAR JENA | 379000 | |
| 84 | 75767879 | NIRANJAN ROUT | 98000 | |
| 85 | 4000535410 | NIRANJAN ROUT | 75000 | |
| 86 | 4000714722 | NIRANJAN ROUT | 54000 | |
| 87 | 75311060 | AKSHAYA KUMAR SAHU | 109829.5 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 88 | 75602558 | SANTOSH KUMAR PALAI | 1837000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 89 | 75210142 | SANJAY KUMAR SAMAL | 41100 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 90 | 74213276 | HARISHCHANDRA KHATUA | 34500 | |
| 91 | 75839033 | KAMALAKANTA SAHU | 83800 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 92 | 75862210 | KHIROD SUNA | 38000 | |
| 93 | 75843714 | SMRUTIMAYEE SAHU | 968000 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 94 | 75897728 | RANJIT KUMAR SAHOO | 73100 | |
| 95 | 4000435668 | ANUP KUMAR BEHRA | 55800 | |
| 96 | 75416921 | JITENDRA KUMAR JENA | 40000 | |
| 97 | 75433851 | TILOTTAMA GOUDA | 1130000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 98 | 75583530 | AMITA KHADIRATNA | 79000 | HDFC BANK LTD, VIP PLAZA, VIP ROAD, PURI-752001 |
| 99 | 75531294 | JAGADISH BARIK | 382900 | HDFC BANK LTD, 1ST FLOOR, DALA CHHAK,JAJPUR ROAD,755019 |
| 100 | 75282637 | IMRAN ALI KHAN | 181900 | |
| 101 | 4000635608 | FIROJ EKKA | 157000 | |
| 102 | 76002840 | AKSHYA KUMAR PANDA | 1920000 | HDFC BANK LTD, BHABA NAGAR SQUARE,BRAHMAPUR,760004 |
| 103 | 75651101 | MONIKA JENA | 542000 | |
| 104 | 75039872 | MONIKA JENA | 415000 | |
| 105 | 75927001 | MONIKA JENA | 242000 | |
| 106 | 4000481285 | MOHAMMED ULFAT HUSSAIN | 39200 | HDFC BANK LTD, C/O PRITI AUTO COMBINE, GOL BAZAR,SAMBHALPUR,768001 |
| 107 | 75645275 | JITU KUMAR NAIK | 175600 | HDFC BANK LTD, DWIBEDI BHAWAN,BISRA ROAD,ROURKELA,769001 |
| 108 | 75572237 | RAJESH KUMAR DAS | 167000 | |
| 109 | 4000670512 | DIBYAPRAKASH PANIGRAHI | 209800 | HDFC BANK LTD, F M CIRCLE,BALASORE,756001 |
| 110 | 75137490 | JYOTIPRAKASH DASH | 104000 | |
| 111 | 75854444 | TRUPTILATA JENA | 63000 | |
| 112 | 75712530 | SAROJ PRADHAN | 164200 | HDFC BANK LTD, GROUND FLOOR, SHANTILATA MANDAP,CHANDIKHOL,JAJPUR,754296 |
| 113 | 75967580 | BIJULI SITAKANTA BAL | 359900 | HDFC BANK LTD, GROUND FLOOR, POKHARIAPADA,PATTAMUNDAI,754215 |
| 114 | 4000601403 | SUDESHNA BEHERA | 181900 | |
| 115 | 75881156 | EMDI PHIROJ | 32000 | HDFC BANK LTD, NEAR NEW BUS STAND,BIRAMITRAPUR,770033 |
| 116 | 75759710 | SUNITA BEHERA | 83000 | HDFC BANK LTD, PANCHGACHIA,BARAIPALI,SAMBALPUR,768006 |
| 117 | 76060542 | SASMITA PRADHAN | 268500 | HDFC BANK LTD, PLOT NO - 239/2048/2323, GROUND FLOOR,BALIABADI,KHORDHA,752056 |
| 118 | 75337048 | NASIM AKTAR | 204000 | |
| 119 | 75409431 | RAJ KISHOR JAGDEV | 63000 | |
| 120 | 4000492000 | KANHU RANA | 49300 | HDFC BANK LTD, PLOT NO 2528,RATHA SAHI,RAIRAKHOL,768106. |
| 121 | 50200029556381 | PRADEEP KUMAR SUTAR | 683407.14 | HDFC BANK LTD, PLOT NO -484/1908, MADHUSUDAN NAGAR,BHUBANESWAR,751012 |
| 122 | 75868101 | SNEHAMAYEE BHATTACHARYA | 25900 | HDFC BANK LTD, PLOT NO 6, SANTOSHI BHAWAN,MAHANADI VIHAR,753004 |
| 123 | 75305583 | MEERA KAR | 218700 | HDFC BANK LTD, PLOT NO E/11, KOEL NAGAR,ROURKELA,769014 |
| 124 | 75512790 | KUMUDINI BISWAL | 177400 | |
| 125 | 75306976 | MEERA KAR | 172600 | |

| S No | Loan No | Nominee Name | Loan Amount | Place of Auction (Branch Address) |
|---|---|---|---|---|
| 1 | 75206808 | SANJUKTA PRADHANI WIFE OFRABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 2 | 75184883 | SANJUKTA PRADHANI WIFE OFRABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 11/11/2025, Place : ODISHA** — **Sd/- Authorized Officer, HDFC BANK LTD.**

# ବଜାରରେ ବିକ୍ରିହେଉଛି ଏକ୍ସପାଏରି ମୃତ୍ୟୁ ପାନୀୟ

ରାୟଗଡ଼ା,୧୦।୧୧(ଆଶିଷ ରଞ୍ଜନ ପଣ୍ଡା)



ଏକ୍ସପାଏରି ହୋଇଥିବା ଖାଦ୍ୟ ସାମଗ୍ରୀ ପ୍ୟାକେଟ୍।

■ ଖାଦ୍ୟ ନିରାପତ୍ତା ବିଭାଗର ନିୟନ୍ତ୍ରଣ ନାହିଁ
■ ନିୟମିତ ଯାଞ୍ଚ ହେଉନି ଖାଦ୍ୟ ସାମଗ୍ରୀ

ରାୟଗଡ଼ା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଏକ୍ସପାଏରି ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି। ରାୟଗଡ଼ା ସଦର ମହକୁମାରେ ଥିବା ବିଭିନ୍ନ ଦୋକାନରେ ବି ନେଚୁରାଲର ଗୁଆଭା ଜୁସ୍, ଅମୂଲ କମ୍ପାନୀର ଟ୍ରୁ ନାମକ ଚକୋଲେଟ, କମଳା ଓ ମ୍ୟାଙ୍ଗୋ ଜୁସ୍ ସମେତ ପୋଦାରାନ୍ କମ୍ପାନୀର ମେଙ୍ଗୋ ଜୁସ୍ ଆଦି ଏକ୍ସପାଏରି ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଗ୍ରାହକଙ୍କୁ ବିକ୍ରି କରାଯାଉଛି। ଏ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଖାଦ୍ୟ ନିରାପତ୍ତା ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରିଛନ୍ତି। ଏ ନେଇ କେତେଜଣ ଦୋକାନୀଙ୍କୁ ପଚାରିବାରେ ଭୁଲ୍‌ରେ ରହିଯାଇଛି ବୋଲି କହିଥିବା ବେଳେ ଏକ୍ସପାଏରି ଅବଧି ପରେ ସମ୍ପୃକ୍ତ କମ୍ପାନୀର ଡିଲର ତାହା ଫେରାଇ ନେଇ ନୂତନ ପ୍ୟାକେଟ ଦେଉନାହାନ୍ତି ବୋଲି କହିଛନ୍ତି। ଏଭଳିକି ଭାରତର ସବୁଠୁ ପୁରୁଣା କମ୍ପାନୀ ଅମୂଲର ପ୍ରଡକ୍ଟରେ ମଧ୍ୟ ଏହି ସୁବିଧା ନାହିଁ ବୋଲି ଦୋକାନୀମାନେ ପ୍ରକାଶ କରିଛନ୍ତି। ତେଣୁ ଦୋକାନୀମାନେ ନିଜର କ୍ଷତି ନ ହେବା ଆଶାରେ ଏକ୍ସପାଏରି ସାମଗ୍ରୀ ବିକ୍ରି କରୁଥିବା ସ୍ୱୀକାର କରିଛନ୍ତି। ଅନ୍ୟପଟେ ଖାଦ୍ୟ ନିରାପତ୍ତା ଅଧିକାରୀ ରାୟଗଡ଼ାରେ ରହୁଥିଲେ ମଧ୍ୟ ନିୟମିତ ଯାଞ୍ଚ କରାଯାଉ ନ ଥିବା କାରଣରୁ ଦୋକାନୀ ଏବଂ ଡିଲରମାନେ ଏଭଳି ଏକ୍ସପାଏରି ଜିନିଷ ବିକ୍ରି କରୁଥିବା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି।

ଖାଦ୍ୟ ନିରାପତ୍ତା ବିଭାଗ ଜିଲାରେ ସ୍ଥାଣୁ ପାଲଟିଯାଇଥିବାରୁ ବ୍ୟବସାୟୀ ଖୁଲମଖୁଲା ବେଆଇନ ଭାବେ ଏକ୍ସପାଏରି ସାମଗ୍ରୀ ବିକ୍ରି କରୁଛନ୍ତି ବୋଲି ଦୁର୍ଗା କହିଛନ୍ତି । ଏନେଇ ଖାଦ୍ୟ ନିରାପତ୍ତା ନିରୀକ୍ଷକ ଜ୍ୟୋତି ପ୍ରକାଶ ସୋରେନ୍‌ଙ୍କୁ ପଚାରିବାରୁ ଏ ନେଇ ଖବର ପାଇବା ପରେ ବର୍ତ୍ତମାନ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ପୂର୍ବରୁ ଓଆର୍‌ଏସ୍‌ରେ ଏଭଳି ଅନିୟମିତତା ହୋଇଥିବା କାରଣରୁ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେଗୁଡ଼ିକୁ ନଷ୍ଟ କରାଯାଇଥିଲା ବୋଲି ସୋରେନ୍ କହିଛନ୍ତ । ତେବେ ଏ ନେଇ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ପଦ୍ମପୁରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି




ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

ପଦ୍ମପୁର, ୧୦।୧୧ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ରାୟଗଡ଼ ଡିଏସ୍‌ପି ରବୀନ୍ଦ୍ର ନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲ। ଏଥିରେ ପଦ୍ମପୁର ବ୍ଲକ ଅଧୀନ ୧୩ଗୋଟି ପଞ୍ଚାୟତର ଜନସାଧାରଣଙ୍କ ଦ୍ୱାରା ମୋଟ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭ଟି ସାମୂହିକ ଓ ୨୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ତହସିଲଦାର ସୁବାଶିଷ ଶତପଥୀ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନି, ପଦ୍ମପୁର ବ୍ଲକ୍ କୃଷି ବିଭାଗ ଅଧିକାରୀ କମଳାକାନ୍ତ କଟାରି, ପଦ୍ମପୁର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ରତ୍ନପୂର୍ଣ୍ଣା ପଟ୍ଟନାୟକ, ପଦ୍ମପୁର ବିଇଓ ହୃଷୀକେଶ ରଥ, ପଦ୍ମପୁର ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ବ୍ଲକ ଯୋଗାଣ ଅଧିକାରୀ ଅମର ଶବର, କନିଷ୍ଠ ଯନ୍ତ୍ରୀ ଅଳକାରାଣୀ ସାହୁ, ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନ, ଆର୍‌ଡି ବିଭାଗ ଏସ୍‌ଡିଓ ଚିତ୍ତରଞ୍ଜନ ପଣ୍ଡା, ଗୁଣପୁର ଏଡିଓ ଦିବ୍ୟ ସ୍ୱରୂପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ନବରଙ୍ଗପୁର,୧୦।୧୧
(ସଦାଶିବ ପ୍ରହରାଜ)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ଆରତ ଛାତିଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ଜଜ୍ ବାସୁଦେବ ଆଚାର୍ଯ୍ୟ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ୨୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିଲେ।

୫ ମାସ ପୂର୍ବେ ନାବାଳିକା ଜଣକ ସନ୍ଧ୍ୟାରେ ଶୌଚହେବାକୁ ଯାଇଥିବାବେଳେ ଏକ ଆମ୍ବତୋଟାରେ ଆରତ ତାଙ୍କୁ ବଳାତ୍କାର କରିଥିଲେ। କିଛିଦିନ ପରେ ନାବାଳିକା ଜଣକ ଏ ନେଇ ତାଙ୍କ ପିଇସୀଙ୍କୁ ଜଣାଇଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଆରତଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଉ ନ ଥିଲେ। ଏନେଇ ନାବାଳିକାଙ୍କ ପରିବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। କେସ୍ ନମ୍ବର ୧୨୩/୧୫ରେ ଏକ ମାମଲା ରୁଜୁକରି ପୋଲିସ କୋର୍ଟକୁ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦନ ସ୍ୱାଇଁ ପରିଚାଳନା କରୁଥିଲେ।

# ରାଜ୍ୟସ୍ତରୀୟ ଛାୟା ପାର୍ଲାମେଣ୍ଟ ପ୍ରତିଯୋଗିତା ପାଇଁ ଯଶୋଦା ମନୋନୀତ

ଟିକିରି,୯।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ୍ ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଯଶୋଦା ପୁରୁସେଟ୍ଟି ରାଜ୍ୟସ୍ତରୀୟ ମଡେଲ ପାର୍ଲାମେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। ଏହା ପ୍ରଥମେ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ସ୍ତରରୁ ଯଶୋଦା ପୁରୁସେଟି, ପାୟଲ ବିଶୋଇ, ମନୀଷା ବିଶୋଇ, ଶ୍ରାବଣୀ ନାୟକ ଜିଲାସ୍ତରରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ରାୟଗଡ଼ ଜିସିଡି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଯଶୋଦା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ବକୁଳାରାଣୀ ଦାସ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଜିଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ଭାଗନେଇଥିବା ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ।

# ପଞ୍ଚାୟତସ୍ତରରେ ନାହିଁ ଗ୍ରାହକ ସେବାକେନ୍ଦ୍ର, ହିତାଧିକାରୀ ହଇରାଣ



ଗ୍ରାହକ ସେବାକେନ୍ଦ୍ର ସମ୍ମୁଖରେ ଭିଡ଼ ଜମାଇଥିବା ଆଦିବାସୀ ମହିଳା, ପୁରୁଷ।

କଲ୍ୟାଣସିଂହପୁର,୧୦।୧୧
(ଦୀପକ କୁମାର ପରିଡ଼ା )

ପୂର୍ବ ସରକାରଙ୍କ ଅମଳରେ ପଞ୍ଚାୟତସ୍ତରରେ ଆର୍ଥିକ କାରବାର ସୁଦୃଢ଼ କରିବା ପାଇଁ ଗ୍ରାହକ ସେବାକେନ୍ଦ୍ର ଆରମ୍ଭ କରିଥିଲେ। ଗ୍ରାହକମାନେ ଯେଉଁଭଳି ନିଜ ନିଜ ପଞ୍ଚାୟତରେ ନୂତନ ଭାବେ ବ୍ୟାଙ୍କ ଖାତା ଖୋଲିବା, ଟଙ୍କା ଦେଣନେଣ କରିବା,ବୃଦ୍ଧାବୃଦ୍ଧ ନିଜ ଗାଁରେ ଭତ୍ତା ଟଙ୍କା ଉଠାଇବା ସହଜ ପାଇଁ ପ୍ରତି ପଞ୍ଚାୟତସ୍ତରରେ ଗ୍ରାହକ ସେବାକେନ୍ଦ୍ର ଖୋଲାଯାଇଥିଲା। କିନ୍ତୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଗ୍ରାହକ ସେବାକେନ୍ଦ୍ରର ଅପରେଟରମାନେ ନିଜ କାର୍ଯ୍ୟସ୍ଥଳକୁ ଯାଉ ନ ଥିବା ଅଭିଯୋଗ ହେଉଛି। କଲ୍ୟାଣସିଂହପୁର ବ୍ଲକ୍‌ର କେତେକ ପଞ୍ଚାୟତରେ ପୂର୍ବରୁ ଇଣ୍ଟରନେଟ୍ ନେଟ୍‌ୱର୍କ ନ ଥିବାରୁ ସେବାକେନ୍ଦ୍ର ଅପରେଟରମାନେ କଲ୍ୟାଣସିଂହପୁର ମାର୍କେଟରେ ଗ୍ରାହକ ସେବାକେନ୍ଦ୍ର ଖୋଲି ସେବା ଯୋଗାଇ ଆସୁଥିଲେ। କିନ୍ତୁ ଏବେ ସବୁ ପଞ୍ଚାୟତରେ ନେଟ୍‌ୱର୍କ ଥିବା ସତ୍ତ୍ୱେ ଅପରେଟରମାନେ ନିଜ ନିଜ କାର୍ଯ୍ୟସ୍ଥଳୀକୁ ଯାଉ ନ ଥିବା ଅଭିଯୋଗ ହୋଇଛି । ପଞ୍ଚାୟତସ୍ତରରେ ଗ୍ରାହକ ସେବାକେନ୍ଦ୍ର ଖୋଲିବାକୁ ଗତ ବର୍ଷ ବିଭିନ୍ନ ଗ୍ରାମର ଲୋକେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଆକାରରେ ଅଭିଯୋଗ କରିଥିଲେ । କିନ୍ତୁ ସେବାକେନ୍ଦ୍ର ମାଲିକ ସରକାରୀ ନିୟମ ମାନୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପଞ୍ଚାୟତସ୍ତରରେ ଗ୍ରାହକ ସେବାକେନ୍ଦ୍ର ନ ଥିବାରୁ ନିରୀହ ଆଦିବାସୀ ହିତାଧିକାରୀ ମାତ୍ର ୫୦୦ ଟଙ୍କା ଭତ୍ତା ଉଠାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । କିଛିଦିନ ତଳେ ନିୟମଗିରି ଅଞ୍ଚଳର ଏକ ବୃଦ୍ଧ ଦମ୍ପତି କଲ୍ୟାଣସିଂହପୁରକୁ ଭତ୍ତା ଟଙ୍କା ଉଠାଇବା ପାଇଁ ଆସୁଥିବାବେଳେ ବଡ଼ଦୁଆର ସାହି ବ୍ରିଜ ନିକଟରେ ମହୁମାଛି ଆକ୍ରମଣର ଶିକାର ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତେବେ ଏ ସମ୍ପର୍କରେ କଲ୍ୟାଣସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ପଚାରିବାରୁ ବ୍ୟାଙ୍କ ମ୍ୟାନେଜରଙ୍କ ସହ କଥା ହୋଇ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ କଲ୍ୟାଣସିଂହପୁର ବ୍ୟାଙ୍କ ମ୍ୟାନଜର ଦୀପକ ସାହୁଙ୍କୁ ପଚାରିବାରୁ ସମସ୍ତ ଅପରେଟରମାନଙ୍କୁ ନେଇ ଏକ ବୈଠକ ରଖାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

# ରାଜ୍ୟସ୍ତରୀୟ 'ସୁରଭି'ରେ ଭାଗନେବେ ଗୁଡ଼ାରି ଛାତ୍ରୀଛାତ୍ର

ଗୁଡାରି,୧୦।୧୧
(ପ୍ରମୋଦ କୁମାର ପତି)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାରେ ଭାଗନେବା ପାଇଁ ଗୁଡାରି ବ୍ଲକର ୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ରାୟଗଡାରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ 'ସୁରଭି'ରେ ବ୍ଲକର ସାନହୁମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏଲ.ଏଲ. ପୁର ସେବାଶ୍ରମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀର ଅଧ୍ୟୟନରତ ସୁନୀଲ ଶବର ଏବଂ ସ୍ଥାନୀୟ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ୭ ଜଣିଆ ନୃତ୍ୟ ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁନୀଲ ପିଏମ୍ ପୋଷଣ ଶିଳ୍ପକଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ୭ ଜଣିଆ ଟିମ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରୁପ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୧୨, ୧୩ ଓ ୧୪ ତାରିଖରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସେମାନେ ୧୧ ତାରିଖରେ ରାଜଧାନୀ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ଏହି ସଫଳତା ପାଇବା ପରେ ଛାତ୍ରୀଛାତ୍ରଙ୍କୁ ବିଡିଓ ସୁଚିସ୍ମିତା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୁପମାଝୀ, ସାନହୁମା ସିଆରସିସି ଅବନୀ ହରିଚନ୍ଦନ, ଏଲଏଲପୁର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଚୌଧୁରୀ, ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧାକର ତୁଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




ରାୟଗଡା ଜିଲାସ୍ତରୀୟ ପ୍ରତିଯୋଗିତାରେ ସୁନୀଲ ଅତିଥିଙ୍କଠାରୁ ପୁରସ୍କୃତ ହେଉଛନ୍ତି।


# ମାସେ ହେଲା ୧୦୮ ଆମ୍ବୁଲାନ୍ସ ଅଚଳ, ରୋଗୀ ହଇରାଣ

ବିଷମ କଟକ,୧୦।୧୧(ପ୍ରସନ୍ନ କୁମାର ପଣ୍ଡା)

**ପଡ଼ୋଶୀ ବ୍ଲକର ଆମ୍ବୁଲାନ୍ସ ଭରସା**

ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସହ ଜରୁରୀକାଳୀନ ରୋଗୀସେବା ଯୋଗାଇଦେବାକୁ ରାଜ୍ୟ ସରକାର ୧୦୮ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି । ହେଲେ ରାୟଗଡା ଜିଲା ବିଷମକଟକ ବ୍ଲକ୍‌ରେ ସ୍ୱାସ୍ଥ୍ୟ ବିଭାଗର ବିକଳ ବ୍ୟବସ୍ଥା ଦେଖିବାକୁ ମିଳିଛି। ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଗତ ଏକ ମାସ ହେଲା ଖରାପ ହୋଇଯାଇଥିଲେ ମଧ୍ୟ ମରାମତି ହୋଇପାରୁନାହିଁ। ଫଳରେ ଜରୁରୀକାଳୀନ ରୋଗୀ ମାଗଣା ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି । ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱ ବେସରକାରୀ ସଂସ୍ଥା ହାତରେ ନ୍ୟସ୍ତ ରହିଥିବାରୁ ଏପରି ଅବ୍ୟବସ୍ଥା ଦେଖାଦେଉଥିବା ଅଭିଯୋଗ ହେଉଛି।

ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ଚାଟିକୋଣା, ଚାଚଡାଗୁଡା, ଥୁଆପାଡି, ଝିଗିଡି, ହଜାରିଡାଙ୍ଗ ଓ କୁର୍ଲି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଗତ ଏକ ମାସ ତଳେ ହାଟମୁନିଗୁଡାରୁ ଏକ ରୋଗୀଙ୍କୁ ଆଣିବା ପାଇଁ ଯାଇଥିବା ୧୦୮ ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଏଯାବତ୍ ଗ୍ୟାରେଜରେ ପଡି ରହିଛି। ଅନ୍ୟପଟେ ଜରୁରୀକାଳିନ ପରିସ୍ଥିତିରେ ପଡୋଶୀ ବ୍ଲକ ଚନ୍ଦ୍ରପୁର, ମୁନିଗୁଡା ଏବଂ କୋଲନରା, ଦୁର୍ଗୀର ଆମ୍ବୁଲାନ୍ସ ଉପରେ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଛି । ଆଜିପର୍ଯ୍ୟନ୍ତ ତାହା ମରାମତି ହୋଇପାରିନାହିଁ । ଫଳରେ କୌଣସି ଦୁର୍ଘଟଣା ହେଲେ କିମ୍ବା ଜରୁରୀକାଳୀନ ରୋଗୀଙ୍କ ନିକଟରେ ଠିକଣା ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଅଧିକାଂଶ ସମୟରେ ଲୋକେ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଆମ୍ବୁଲାନ୍ସ ସାହାଯ୍ୟରେ ରୋଗୀଙ୍କୁ ମେଡିକାଲକୁ ଆଣୁଛନ୍ତି। ଗରିବ ଶ୍ରେଣୀର ଲୋକେ ବିଳମ୍ବ ହେଉ ପଛେ ନିଜ ଭାଗ୍ୟକୁ ଆଦରି ମାଗଣା ଆମ୍ବୁଲାନ୍ସକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। କେଉଁ ପରିସ୍ଥିତିରେ ଆମ୍ବୁଲାନ୍ସ ମରାମତି ହେଉ ନାହିଁ ସେ ସମ୍ବନ୍ଧରେ ଆମ୍ବୁଲାନସ ସେବା କ୍ଲଷ୍ଟର ଲିଡର ରଜତ ନାରାୟଣ ମିଶ୍ରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ବିଷମ କଟକ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ତୁରନ୍ତ ଏଠାରେ ଆମ୍ବୁଲାନ୍ସ ସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି ।



ଅଚଳ ହୋଇପଡ଼ିଥିବା ଆମ୍ବୁଲାନ୍ସ।

# ତୁରୁ ସୁକୁସି ଶୁଖୁଆ କିଲୋ ୬ ହଜାର

ନବରଙ୍ଗପୁର,୧୦।୧୧(ସଦାଶିବ ପ୍ରହରାଜ)

■ ରୋଜଗାର ଯୋଗାଉଛି ଶୁଖୁଆ ବେପାର
■ ନିଆଁ ଧାସ, ଧୂଆଁରେ ଦେଶୀ ଉପାୟରେ ଶୁଖାଯାଏ



ଓଡ଼ିଆଙ୍କର ପଖାଳ ଓ ଶୁଖୁଆ ସହ ନିବିଡ଼ ସମ୍ପର୍କ ରହିଛି। ଲୁଣି, ତାମ୍ପଡ଼ା ଏମିତି ଅନେକ ଶୁଖୁଆ ଲୋକଙ୍କ ପସନ୍ଦ। ତେବେ ବିନା ସମୁଦ୍ର ମାଛରେ ପ୍ରସ୍ତୁତ ଆଦିବାସୀ ଇଲାକାର ସ୍ୱାଦିଷ୍ଟ ତୁରୁଞ୍ଜା ଶୁଖୁଆ ମଧ୍ୟ ଲୋକଙ୍କ ଅନ୍ୟତମ ପସନ୍ଦ। ଯାହାର ମୂଲ୍ୟ ସମୁଦ୍ର ଲୁଣି ଶୁଖୁଆ ଓ ଅନ୍ୟ ଶୁଖୁଆଠାରୁ ଢେର୍ ଅଧିକ। ଯାହାକୁ ନବରଙ୍ଗପୁର ଜିଲାର ସ୍ଥାନୀୟ ଭାଷାରେ ତୁରୁ ସୁକୁସି ବୋଲି ମଧ୍ୟ କୁହାଯାଏ । ବଜାରରେ ଏହାର ଦାମ କିଲୋ ପିଛା ୫ ରୁ ୬ ହଜାର ଟଙ୍କା। ଦାମ ଆକାଶଛୁଆଁ ହେଲେ ମଧ୍ୟ ଚାହିଦା ଢ଼େର୍ ରହିଛି। ଏହାର ନିଆରା ସ୍ୱାଦ ପାଇଁ ଲୋକେ କିଣି ନେଉଛନ୍ତି। ଯାହାକି ନବରଙ୍ଗପୁର ଜିଲାର ଆଦିବାସୀ ମହିଳାଙ୍କୁ ରୋଜଗାର ମଧ୍ୟ ଯୋଗାଉଛି।

ତୁରୁଞ୍ଜା ଶୁଖୁଆ ମୁଖ୍ୟତଃ ଗାଁ ଗହଳି ଏବଂ ସାପ୍ତାହିକ ହାଟରେ ଦେଖିବାକୁ ମିଳିଥାଏ । ବର୍ଷା ସମୟରେ ତୁରୁଞ୍ଜା ମାଛ ନା ରୁ ଧାନ ଜମି କୁ ଆସନ୍ତି ଓ ସେହିଠାରେ ବଂଶ ବିସ୍ତାର କରନ୍ତି। ବର୍ଷା ପରେ ନାଳ କିମ୍ବା ଜମିରେ ବିଭିନ୍ନ ଉପାୟରେ ମାଛ ଧରାଯାଏ। ସ୍ଥାନୀୟ ଭାଷାରେ ବିଇଁରି, ଦାନ୍ଦର୍, ଥାପା, ଜାଲ ମାଧ୍ୟମରେ କଞ୍ଚା ମାଛ ସଂଗ୍ରହ କରି ଘରକୁ ଅଣାଯାଏ। ସଫା କରି ଚୁଲି ଉପରେ ବାଉଁଶ ତାଟି (ଝାଞ୍ଜି) ନିଆଁ ଧାସ ଓ ଧୂଆଁରେ ଶୁଖେଇଲା ପରେ ଏହା ସୁକସି (ଶୁଖୁଆ)ର ରୂପ ନେଇଥାଏ। ଧୂଆଁ ହିଁ ଏହାକୁ ଏକ ନିଆରା ସ୍ୱାଦ ଦେଇଥାଏ। ଥରେ ଖାଇବା ପରେ ଏହାର ସ୍ୱାଦ ଭୁଲି ହେବ ନାହିଁ ବୋଲି ଖାଇଥିବା ଲୋକେ ମତଦେଇଛନ୍ତି। ଏଣୁ ନବରଙ୍ଗପୁରରୁ ପ୍ରତିବର୍ଷ ଜିଲା ତଥା ରାଜ୍ୟ ବାହାର ଲୋକେ ଏହିଠାରୁ ସୁକୁସି କିଣିନିଅନ୍ତି। ବଜାରରେ ମିଳୁଥିବା ଶୁଖୁଆରେ କେମିକାଲ ବୋଳା ହୋଇ ଆସୁଥିବା ଯୋଗୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ସୁକୁସି ସମ୍ପୂର୍ଣ୍ଣ ଦେଶୀ ଉପାୟରେ ନିଆଁ ଧାସ ଓ ଧୂଆଁରେ ଶୁଖାଯାଉଛି। ତେଣୁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ନୁହେଁ ବୋଲି ଶୁଖୁଆ ସଂଗ୍ରହକାରୀ ଧନମତି ଭତ୍ରା ଓ ସୁକୁସି ବିକ୍ରୀ କରୁଥିବା ମଙ୍ଗରି ମାଝୀ କହିଛନ୍ତି। ଛୋଟ ମାଛ ଓ ଶୁଖୁଆରେ ଅଧିକ ଭିଟାମିନ ମୀନରାଲ ରହିଥିବା କାରଣରୁ ଶରୀର ପାଇଁ ଭଲ। ତେଣୁ ତୁରୁ ସୁକୁସିର ଚାହିଦା ଟିକେ ଅଧିକ। ଏହି ତୁରୁଞ୍ଜା ସୁକୁସିରେ ଔଷଧୀୟ ଗୁଣ ଥିବା କିଛି ସ୍ଥାନୀୟ ବାସିନ୍ଦା କହିଛନ୍ତି।



ମହିଳାମାନେ ଶୁଖୁଆ ବିକ୍ରି କରୁଛନ୍ତି।

# ସଚେତନ ହେଲେ ବାଲ୍ୟ ବିବାହମୁକ୍ତ ସମାଜ ଗଠନ ସମ୍ଭବ



ଜିଲାପାଳ ସମସ୍ତଙ୍କୁ ବାଲ୍ୟ ବିବାହମୁକ୍ତ ସମାଜ ଗଠନ ନେଇ ଶପଥପାଠ କରାଉଛନ୍ତି।

ନନ୍ଦାହାଣ୍ଡି, ୧୦।୧୧ (ପ୍ରତୀପ କୁମାର ଦାଶ)

## ଜିଲାପାଳଙ୍କ ପ୍ରଚେଷ୍ଟାରେ ଆରମ୍ଭ ହେଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ତଥ୍ୟ ଅନୁଯାୟୀ ୨୦.୫% ମହିଳା କହିଛନ୍ତି ସେମାନେ ୧୮ ବର୍ଷ ବା ତାଠାରୁ କମ୍ ବୟସରେ ବିବାହ କରିଛନ୍ତି। ନବରଙ୍ଗପୁର ଜିଲାରେ ଏହାର ହାର ୩୯. ୪%, ଯାହା ରାଜ୍ୟ ହାରଠାରୁ ଯଥେଷ୍ଟ ଅଧିକ। ସେହିଭଳି ରାଜ୍ୟରେ ୭. ୬% ମହିଳା ୧୫ରୁ ୧୯ ବର୍ଷ ବୟସରେ ଗର୍ଭବତୀ ବା ମା' ହୋଇଛନ୍ତି। ନବରଙ୍ଗପୁର ଜିଲାରେ ଏହାର ହାର ୮. ୩ %। ସାରା ରାଜ୍ୟରେ ୩୩% ମହିଳା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ସମାପ୍ତ କରିଥିବା ବେଳେ ନବରଙ୍ଗପୁର ଜିଲାରେ ଏହା ମାତ୍ର ୧୫. ୫%। ଜିଲାରେ ୧୫ରୁ ୪୯ ବର୍ଷ ମହିଳାମାନଙ୍କ ଭିତରୁ ୭୦. ୮ % ରକ୍ତ ହୀନତାର ଶିକାର ହୋଇଛନ୍ତି। ଏହାର ମୁଖ୍ୟ କାରଣ ବାଲ୍ୟ ବିବାହ। ନବରଙ୍ଗପୁର ଜିଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ବାଲ୍ୟବିବାହ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ବାଲ୍ୟ ବିବାହର ଅନେକ କୁପରିଣତି ଥିବାରୁ ଏହାକୁ ରୋକିବାକୁ ବିଭିନ୍ନ ଯୋଜନା ମାଧ୍ୟମରେ ଚେଷ୍ଟା କରାଯାଉଛି। ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଏ ଦିଗରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ସୋମବାର ଯେଉଁଠି ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଥିବ ସେହି ବ୍ଲକର ଗୋଟିଏ ଗ୍ରାମରେ ବାଲ୍ୟ ବିବାହ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ। ଲୋକଙ୍କୁ ବାଲ୍ୟ ବିବାହର କୁପରିଣାମ ଓ ବାଲ୍ୟ ବିବାହ କଲେ ଆଇନଗତ ଦଣ୍ଡ ବିଧାନ କଣ ରହିଛି ତାହା ବୁଝାଯିବ। ସୋମବାର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ସିନ୍ଧିଗୁଡ଼ା ପଞ୍ଚାୟତ ଅଧୀନ ଦଳେଇଗୁଡ଼ା ଗ୍ରାମରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି।

ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲ୍ୟବିବାହ ନିଷେଧ ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଏହା ସିଡିଏମ୍ଓ ଡା. ସନ୍ତୋଷ କୁମାର ପଣ୍ଡା ବାଲ୍ୟ ବିବାହ ପରର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ଅଙ୍ଗନୱାଡି କର୍ମୀ ବାଲ୍ୟ ବିବାହ ଉପରେ ଏକ ସୁନ୍ଦର କବିତା ଲେଖି ଗୀତ ଆକାରରେ ପରିବେଷଣ କରିଥିଲେ। ଦଳେଇଗୁଡ଼ା ସ୍କୁଲ ଛାତ୍ରୀମାନେ ସଚେତନତା ଗୀତରେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ, ସିଡିଓ, ସିଡିଏମ୍ଓ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ନନ୍ଦାହାଣ୍ଡି ବିଡିଓ, ତହସିଲଦାର ଯୋଗଦେଇଥିଲେ। ସିଡିପିଓ ସସ୍ମିତାବାଳା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଲ୍ୟ ବିବାହ ବନ୍ଦ କରିବା ଦିଗରେ ସମସ୍ତେ ସହାୟକ ହେବେ ବୋଲି ଶପଥ ନେଇଥିଲେ। କେବଳ ଜନ ସଚେତନତା ଦ୍ୱାରା ହିଁ ବାଲ୍ୟ ବିବାହମୁକ୍ତ ସମାଜ ଗଠନ କରିହେବ। ଏବେ ଏହି ପ୍ରଚେଷ୍ଟା କରାଯାଇଛି ଯାହା ନିଶ୍ଚୟ ସଫଳ ହେବ ବୋଲି ଜିଲାପାଳ କହିଛନ୍ତି।

# ୨୩ ସମସ୍ୟାରୁ ୧୦ର ତୁରନ୍ତ ସମାଧାନ

ନନ୍ଦାହାଣ୍ଡି, ୧୦।୧୧ (ପ୍ରତୀପ କୁମାର ଦାଶ)

## ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୨୩ଟି ଆବେଦନପତ୍ର ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ୧୭ ବ୍ୟକ୍ତିଗତ ଓ ୬ ଟି ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୧୦ଟି ସମସ୍ୟାର ସମାଧାନ ତୁରନ୍ତ କରାଯାଇଥିଲା। ଅନ୍ୟ ସମସ୍ୟାଗୁଡିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି। ଏହା ସହ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ ଜଣ ବିଧବା, ଜଣେ ସ୍ୱାମୀ ପରିତ୍ୟକ୍ତା, ୪ ଜଣ ବରିଷ୍ଠ ଓ ୨ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ଓ ଭତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ସଂକ୍ଷେପରେ

## ସାଇବର ଠକେଇର ଶିକାର ହେଲେ ବ୍ୟବସାୟୀ

ଉମରକୋଟ, ୧୦।୧୧(ସନ୍ତୋଷ ଶତପଥୀ)

ଉମରକୋଟର ଜଣେ ବ୍ୟବସାୟୀ ସାଇବର ଠକେଇର ଶିକାର ହୋଇଛନ୍ତି। କେହି ଜଣେ ଉମରକୋଟ ଲକ୍ଷ୍ମୀ ମେଡିକାଲ ଷ୍ଟୋର ନାମରେ ନକଲି ଆଇଡି ଖୋଲି କମ୍ ମୂଲ୍ୟରେ ଟିଭି, ଫ୍ରିଜ୍ ଓ ଏସି ଯୋଗେଇ ଦିଆଯିବ ବୋଲି ବିଭିନ୍ନ ଲୋକଙ୍କୁ ଫୋନ କରି ଟଙ୍କା ମାଗୁଥିବା ଜଣା ପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉମରକୋଟର ଜଣେ ବ୍ୟବସାୟୀ ଏହି ସାଇବର ଠକର ଶିକାର ହୋଇ ୧୪ ହଜାର ଟଙ୍କା ହରାଇଥିବା ଜଣାପଡ଼ିଛି। ଏହା ଜାଣିବା ପରେ ଲକ୍ଷ୍ମୀ ମେଡିକାଲ ଷ୍ଟୋର ମାଲିକ ସୁଶାନ୍ତ ପଣ୍ଡା ଏହା ସମ୍ପୂର୍ଣ୍ଣ ମିଥ୍ୟା, ଏଥିରେ କୌଣସି ସତ୍ୟତା ନାହିଁ । ତେଣୁ କେହି ସାଇବର ଠକର ଶିକାର ନ ହୋଇ ଟଙ୍କା ନ ଦେବା ପାଇଁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଲୋକଙ୍କୁ ଜଣାଇଛନ୍ତି। ଅନ୍ୟପଟେ ଘଟଣାକୁ ନେଇ ଉମରକୋଟ ଥାନା ଅଧିକାରୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଥାନାଧିକାରୀ ରମାକାନ୍ତ ସାଏ ଦୁଃଖ ପ୍ରକାଶ କରିବା ସହ ସାଇବର ଠକାମିର ଶିକାର ନ ହେବା କହିଛନ୍ତି। ସରକାର ଓ ପ୍ରଶାସନ ଅନେକ ସଚେତନତା ସୃଷ୍ଟି କରୁଛନ୍ତି ତଥାପି ଲୋକେ ସଚେତନ ନ ହୋଇ ଲୋଭର ଶିକାର ହୋଇ ଠକାମିର ଶିକାର ହେଉଛନ୍ତି ଯାହାକି ଦୁଃଖଦାୟକ ବୋଲି ସେ କହିଛନ୍ତି। ୧୪ ହଜାର ଠକେଇ ଘଟଣା ସମ୍ପର୍କରେ ସାଇବର ଥାନାରେ ସୂଚନା ଦିଆଯିବା ସହ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଚୋରି ଘଟଣାରେ ଜଣେ ଗିରଫ



ନବରଙ୍ଗପୁର,୧୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବଡ଼ହରିଜନ ସାହିରୁ ହୋଇଥିବା ଏକ ଚୋରି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମେଦ୍ରି ସାହିର ଶିବା ହରିଜନ (୨୭)। ପୋଲିସ ସୂଚନାନୁଯାୟୀ, ଗତ ୬ ତାରିଖ ବିଳମ୍ବିତ ରାତି ପ୍ରାୟ ୨ଟାରେ ବାବୁଲା ହରିଜନଙ୍କ ଫଳଦୋକାନ ତାଲା ଭାଙ୍ଗି ୧୦ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। କେସ୍ ନମ୍ବର ୪୩୬/୨୫ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଥିଲା। ମେଦ୍ରି ସାହିର ଶିବା ହରିଜନଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୪୫୦୦ ଟଙ୍କା ପୋଲିସ ଜବତ କରିଛି। ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ସବିର ଅହମ୍ମଦ ସୂଚନା ଦେଇଛନ୍ତି।

# ୨୦ ଗାଁରେ ଚାଲିଛି ପରୀକ୍ଷାମୂଳକ ଜନଗଣନା

- ସାମିଲ ହୋଇଛନ୍ତି ୬୬ ଜନଗଣନାକାରୀ, ୧୧ ସୁପରଭାଇଜର
- ୩୦ ଯାଏ ଚାଲିବ ଏହି ସର୍ଭେ

ନବରଙ୍ଗପୁର,୧୦।୧୧ (ସଦାଶିବ ପ୍ରହରାଜ)


ଏକ ଗାଁରେ ଜନଗଣନାକାରୀମାନେ ସର୍ଭେ କରୁଛନ୍ତି।

ରାଜ୍ୟର ୩ଟି ସ୍ଥାନରେ ଡିଜିଟାଲ ମାଧ୍ୟମରେ ଜନଗଣନା କରାଯାଉଛି। ଏଥିରେ ନବରଙ୍ଗପୁର ଜିଲାର ତେନ୍ତୁଳିଖୁଣ୍ଟି ବ୍ଲକକୁ ମଧ୍ୟ ପରୀକ୍ଷାମୂଳକଭାବେ ଏହି ଜନଗଣନାରେ ସାମିଲ କରାଯାଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ୨୦ ଗ୍ରାମରେ ଚାଲିଛି ଡିଜିଟାଲ ସର୍ଭେ କାର୍ଯ୍ୟକ୍ରମ। ଏଥିପାଇଁ ପୂର୍ବରୁ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ତେନ୍ତୁଳିଖୁଣ୍ଟି ତହସିଲର କୁକୁଡ଼ାବାଇ, କଣ୍ଟାଗାଁ, ଝରିଗୁମ୍ମା , ଅଞ୍ଚଳଗୁମ୍ମା ରେଭିନ୍ୟୁ ସର୍କଲ ଅଧୀନ ୨୦ଟି ଗ୍ରାମରେ ଏହି ଜନଗଣନା କରାଯାଉଛି। ଏଥିପାଇଁ ୬୬ ଜନଗଣନାକାରୀ ଓ ୧୧ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ ମାଧ୍ୟମରେ ଏହି ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ ରହିବ। ନଭେମ୍ବର ୧୦ରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ କରାଯିବ ବୋଲି ସୂଚନା ମିଳିଛି। ପୂର୍ବରୁ କାଗଜକଲମ ମାଧ୍ୟମରେ ଜନଗଣନା ହେଉଥିବାବେଳେ ପ୍ରଥମ ଥର ପାଇଁ ବିନା କାଗଜ କଲମରେ ମୋବାଇଲ ଆପ୍ ମାଧ୍ୟମରେ ଏହି ସର୍ଭେ କରାଯାଉଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖା ଦେଇଛି। ନିଜର ଏବଂ ନିଜ ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଆଗ୍ରହ ଦେଖାଇଛନ୍ତି। ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ କହିଛନ୍ତି, ବ୍ଲକ୍‌ରେ ୪ଟି ରାଜସ୍ୱ ସର୍କଲ କଣ୍ଟାଗାଁ, ଅଞ୍ଚଳଗୁମ୍ମା, ଝରିଗୁମ୍ମା ଓ କୁକୁଡ଼ାବାଇ ଅଞ୍ଚଳର ୨୦ଟି ଗାଁରେ ଚାଲିଛି। ଏନେଇ ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ମଧ୍ୟରାତ୍ରିରେ ନିଆଁ ଲାଗି ଜଳିଗଲା ଗ୍ୟାରେଜ

ଉମରକୋଟ, ୧୦।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର କଣ୍ଡାଗାଁ ରୋଡ୍‌ସ୍ଥିତ ଏକ ଗ୍ୟାରେଜ ରବିବାର ମଧ୍ୟରାତ୍ରିରେ ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିବା ଫଳରେ କାଠରେ ନିର୍ମିତ ଗ୍ୟାରେଜଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ନଷ୍ଟ ହୋଇଯାଇଛି।

ସୂଚନାନୁଯାୟୀ, ରବିବାର ରାତିରେ ମାଲିକ ବିଶ୍ୱଜିତ୍ ତରଫଦାର ଗ୍ୟାରେଜ ବନ୍ଦକରି ଯାଇଥିଲେ। କିନ୍ତୁ ମଧ୍ୟରାତିରେ ଗ୍ୟାରେଜରେ ନିଆଁ ଲାଗିଥିଲା। ଭିତରେ ରହିଥିବା କିଛି ପୋଡ଼ା ମୋବିଲ ଯୋଗୁ ନିଆଁର ମାତ୍ରା ଅଧିକ ହୋଇଯାଇଥିଲା। ନିଆଁ ଲାଗିବା ଯୋଗୁ ଗ୍ୟାରେଜରେ ଥିବା ବହୁ ଜିନିଷ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ନଷ୍ଟ ହୋଇଥିବା


ଗ୍ୟାରେଜରେ ଲାଗିଥିବା ନିଆଁ ଲିଭାଯାଉଛି।

ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା। ବିଳମ୍ବିତ ରାତିରେ ଅଗ୍ନିଶମ ବିଭାଗ ଖବରପାଇ ସେଠାରେ ପହଞ୍ଚିଥିଲା। ଅଗ୍ନିଶମ ଅଧିକାରୀ ଭାଗୀରଥି ବଣ୍ଡୁଆଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଉକ୍ତ ଗ୍ୟାରେଜରେ ବିଦ୍ୟୁତ୍ ସଂଯୋଗ ନ ଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥାଇପାରନ୍ତି ବୋଲି ଗ୍ୟାରେଜ ମାଲିକ ସନ୍ଦେହ କରିଛନ୍ତି।

# ଡାବୁଗାଁରେ ୬ ଆଇଏଏସ୍ ପ୍ରଶିକ୍ଷାର୍ଥୀ


ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀମାନେ ଗାଁ ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି।

ଡାବୁଗାଁ, ୧୦।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଉତ୍ତରାଖଣ୍ଡ ମସୁରି ତାଲିମ କେନ୍ଦ୍ରରୁ ନବରଙ୍ଗପୁର ଜିଲାକୁ ଆସିଥିବା ୧୨ ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ୬ ଜଣ ପ୍ରଶିକ୍ଷାର୍ଥୀ ଡାବୁଗାଁ ବ୍ଲକ ଘୋଡାଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପହଞ୍ଚିଥିଲେ। ବିଡିଓ ଶରତ ମାଝି ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଦିତା ବଂଶଲ, ଜାଭେଦ ମେଭ, କୌଶିକ ଭି, ସକ୍ଷମ ଭାଟିଆ, ମୁସ୍କାନ ଶର୍ମା ଓ ବିଶାଳ ମହରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଡିଓ ୧୨ ତାରିଖ ପର୍ଯ୍ୟନ୍ତର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଏଥି ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କ ରେ ଅବଗତ କରାଇଥିଲେ।

ନବରଙ୍ଗପୁର ଜିଲା ଡାବୁଗାଁ ଆକାଂକ୍ଷା ବ୍ଲକ ହୋଇଥିବାବେଳେ ଏଠାରେ କେନ୍ଦ୍ର ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସେ ନେଇ ପ୍ରଶିକ୍ଷାର୍ଥୀମାନେ ଦେଖିବେ। ଏହାଛଡ଼ା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କିପରି ଚାଲିଛି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ମିଶନ ଶକ୍ତି, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା ଯୋଜନା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବେ। ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ସିଡିପିଓ ମିନତୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ବିଇଓ ରଶ୍ମିତା ନେତାମ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ଦୀପକ ମିଶ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କିଶାନ, ଆକାଂକ୍ଷା ବ୍ଲକ ସହଭାଗୀ ମୋନଲ ପରିଡ଼ା, ସରପଞ୍ଚ ଲୀଳାଦେଇ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରିବେ ବୋଲି ସୂଚନା ମିଳିଛି।

# ଆକାଂକ୍ଷା ବ୍ଲକରେ ଉନ୍ନୟନ କାର୍ଯ୍ୟ ଦେଖିବେ ଟ୍ରେନି ଆଇଏଏସ୍

ତେନ୍ତୁଳିଖୁଣ୍ଟି, ୧୦।୧୧(ଚିଦାନନ୍ଦ ସାହୁ)

ଉତ୍ତରାଖଣ୍ଡ ମସୁରି ତାଲିମ କେନ୍ଦ୍ରରୁ ନବରଙ୍ଗପୁର ଜିଲାକୁ ଆସିଥିବା ୧୨ ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ୬ ଜଣ ପ୍ରଶିକ୍ଷାର୍ଥୀ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ନୋଡ଼ାଲ ହାଇସ୍କୁଲରେ ସୋମବାର ଆକାଶ ଗୁପ୍ତାଙ୍କ ନେତୃତ୍ୱରେ ପହଞ୍ଚି ଥିଲେ। ବିଡିଓ ମନୋଜ ପାଣିଗ୍ରାହୀ ପାରଗ ସାରସ୍ୱତ, ପାରସ କୁମାର, ଲକ୍ଷ୍ମୀ ମେନନ ଭି, ଶ୍ରୀଦେବୀ ମାଳାପ ପଲ, ବଟିଲା ସାଇ ବିନୋଦ କ୍ରିଷ୍ଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଡିଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ତେନ୍ତୁଳିଖୁଣ୍ଟି ଆକାଂକ୍ଷା ବ୍ଲକ ହୋଇଥିବାବେଳେ ଏଠାରେ କେନ୍ଦ୍ର ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କିପରି ଚାଲିଛି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ମିଶନ ଶକ୍ତି, ସାଧାରଣ ବଣ୍ଟନ , ସାମାଜିକ ସୁରକ୍ଷା ଯୋଜନା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବେ। ବ୍ଲକ ଅଧ୍ୟକ୍ଷ ନୀଳାଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କଅଁର, ବିଇଓ ସୁଦୀପ୍ତ ଦାସ, ସିଡିପିଓ ବିନିତା ଜେଠି, ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଧାକାନ୍ତ ରଣା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ବିପଣି ଅଧିକାରୀ ରୋହିତ ମାଝୀ, କିରଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବ୍ରଜବଲ୍ଲଭ ମହାକୁଡ଼, ଉମାକାନ୍ତ ସାହାଣୀ, କନିଷ୍ଠ ସହାୟକ ଗୌରୀ କରକରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ୩ଦିନ ସହଯୋଗ କରିବେ ବୋଲି ସୂଚନା ମିଳିଛି।

# ନାବାଳିକା ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୧୦।୧୧ (ସଦାଶିବ ପ୍ରହରାଜ)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ଆରତ ଛାତିଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ଜଜ୍ ବାସୁଦେବ ଆଚାର୍ଯ୍ୟ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ୨୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିଲେ।

୫ ମାସ ପୂର୍ବେ ନାବାଳିକା ଜଣକ ସନ୍ଧ୍ୟାରେ ଶୌଚହେବାକୁ ଯାଇଥିବାବେଳେ ଏକ ଆମ୍ବତୋଟାରେ ଆରତ ତାଙ୍କୁ ବଳାତ୍କାର କରିଥିଲେ। କିଛିଦିନ ପରେ ନାବାଳିକା ଜଣକ ଏ ନେଇ ତାଙ୍କ ପିଇସୀଙ୍କୁ ଜଣାଇଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଆରତଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଉ ନ ଥିଲେ। ଏନେଇ ନାବାଳିକାଙ୍କ ପରିବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। କେସ୍ ନମ୍ବର ୧୨୩/୧୫ରେ ଏକ ମାମଲା ରୁଜୁକରି ପୋଲିସ କୋର୍ଟକୁ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦନ ସ୍ୱାଇଁ ପରିଚାଳନା କରୁଥିଲେ।

# ଲେଖା, କବିତା ୨୫ ସୁଦ୍ଧା ପଠାଇବା ନେଇ ନିଷ୍ପତ୍ତି

ନବରଙ୍ଗପୁର,୧୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମଣ୍ଡେଇ ୨୦୨୫ର ସ୍ମରଣିକା ଓ କବିତା ପାଠୋତ୍ସବ କମିଟିର ପ୍ରଥମ ବୈଠକ ସୋମବାର ନବରଙ୍ଗପୁର ଜିଲା ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ୧୯ ଜଣ କମିଟି ସଦସ୍ୟଙ୍କ ମଧ୍ୟରୁ ୧୪ ଜଣ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ମୁନା ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଚଳିତ ବର୍ଷ ୨୦୨୫ ସ୍ମରଣିକା ପାଇଁ ଲେଖା ଓ କବିତା ପାଠୋତ୍ସବ ପାଇଁ କବିତାଗୁଡ଼ିକ ନଭେମ୍ବର ୨୫ ସୁଦ୍ଧା ଜିଲା ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଓ ଜିଲା ସଂସ୍କୃତି ଅଧିକାରୀଙ୍କ ପାଖରେ ଜମା କରିବାକୁ ହେବ। କବିତା ସଂକଳନ 'ନବ ନିର୍ଝର ୨' ପ୍ରକାଶ ପାଇବା ସହ ସ୍ମରଣିକାରେ ବହୁ ତଥ୍ୟମୂଳକ ଲେଖା ଦେବା ପାଇଁ ପ୍ରସ୍ତାବ ଆସିଥିଲା। ଜେନାମଣି ବିଷୋୟୀ, ଜଗଦୀଶ ତ୍ରିପାଠୀ, ବିଜୟ ଚୌଧୁରୀ, ନାରାୟଣ ପଣ୍ଡା, ପ୍ରଭାସିନୀ ମହାନ୍ତି, ସଂଯୁକ୍ତ ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସଙ୍ଗୀତା ତ୍ରିପାଠୀ, ହେମଲତା ମାଝୀ, ଆଶୁତୋଷ ପାତ୍ର, ରାମପ୍ରସାଦ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମଣ୍ଡେଇ ୨୦୨୫ର ସ୍ମରଣିକା ଓ କବିତା ପାଠୋତ୍ସବ କମିଟିର ପ୍ରଥମ ବୈଠକ


ବୈଠକରେ ଯୋଗଦେଇଥିବା କମିଟି ସଦସ୍ୟ ଓ ଅନ୍ୟମାନେ।

# ସ୍ୱାଦିଷ୍ଟ ତୁରୁ ସୁକୁସି: କିଲୋ ୬ ହଜାର

ନବରଙ୍ଗପୁର,୧୦।୧୧(ସଦାଶିବ ପ୍ରହରାଜ)

- ରୋଜଗାର ଯୋଗାଉଛି ଶୁଖୁଆ ବେପାର
- ନିଆଁ ଧାସ, ଧୂଆଁରେ ଦେଶୀ ଉପାୟରେ ଶୁଖାଯାଏ



ଓଡ଼ିଆଙ୍କର ପଖାଳ ଓ ଶୁଖୁଆ ସହ ନିବିଡ଼ ସମ୍ପର୍କ ରହିଛି। ଲୁଣି, ତାମ୍ପଡ଼ା ଏମିତି ଅନେକ ଶୁଖୁଆ ଲୋକଙ୍କ ପସନ୍ଦ। ତେବେ ବିନା ସମୁଦ୍ର ମାଛରେ ପ୍ରସ୍ତୁତ ଆଦିବାସୀ ଇଲାକାର ସ୍ୱାଦିଷ୍ଟ ତୁରୁଞ୍ଜା ଶୁଖୁଆ ମଧ୍ୟ ଲୋକଙ୍କ ଅନ୍ୟତମ ପସନ୍ଦ। ଯାହାର ମୂଲ୍ୟ ସମୁଦ୍ର ଲୁଣି ଶୁଖୁଆ ଓ ଅନ୍ୟ ଶୁଖୁଆଠାରୁ ଢେର୍ ଅଧିକ। ଯାହାକୁ ନବରଙ୍ଗପୁର ଜିଲାର ସ୍ଥାନୀୟ ଭାଷାରେ ତୁରୁ ସୁକୁସି ବୋଲି ମଧ୍ୟ କୁହାଯାଏ । ବଜାରରେ ଏହାର ଦାମ କିଲୋ ପିଛା ୫ ରୁ ୬ ହଜାର ଟଙ୍କା। ଦାମ ଆକାଶଛୁଆଁ ହେଲେ ମଧ୍ୟ ଚାହିଦା ଢ଼େର୍ ରହିଛି। ଏହାର ନିଆରା ସ୍ୱାଦ ପାଇଁ ଲୋକେ କିଣି ନେଉଛନ୍ତି। ଯାହାକି ନବରଙ୍ଗପୁର ଜିଲାର ଆଦିବାସୀ ମହିଳାଙ୍କୁ ରୋଜଗାର ମଧ୍ୟ ଯୋଗାଉଛି।

ତୁରୁଞ୍ଜା ଶୁଖୁଆ ମୁଖ୍ୟତଃ ଗାଁ ଗହଳି ଏବଂ ସାପ୍ତାହିକ ହାଟରେ ଦେଖିବାକୁ ମିଳିଥାଏ । ବର୍ଷା ସମୟରେ ତୁରୁଞ୍ଜା ମାଛ ନା ରୁ ଧାନ ଜମି କୁ ଆସନ୍ତି ଓ ସେହିଠାରେ ବଂଶ ବିସ୍ତାର କରନ୍ତି। ବର୍ଷା ପରେ ନାଳ କିମ୍ବା ଜମିରେ ବିଭିନ୍ନ ଉପାୟରେ ମାଛ ଧରାଯାଏ। ସ୍ଥାନୀୟ ଭାଷାରେ ବିଙ୍ଗିରି, ଦାନ୍ଦର୍, ଥାପା, ଜାଲ ମାଧ୍ୟମରେ କଞ୍ଚା ମାଛ ସଂଗ୍ରହ କରି ଘରକୁ ଅଣାଯାଏ। ସଫା କରି ଚୁଲି ଉପରେ ବାଉଁଶ ତାଟି (ଝାଞ୍ଜି) ନିଆଁ ଧାସ ଓ ଧୂଆଁରେ ଶୁଖେଇଲା ପରେ ଏହା ସୁକସି (ଶୁଖୁଆ)ର ରୂପ ନେଇଥାଏ। ଧୂଆଁ ହିଁ ଏହାକୁ ଏକ ନିଆରା ସ୍ୱାଦ ଦେଇଥାଏ। ଥରେ ଖାଇବା ପରେ ଏହାର ସ୍ୱାଦ ଭୁଲି ହେବ ନାହିଁ ବୋଲି ଖାଇଥିବା ଲୋକେ ମତଦେଇଛନ୍ତି। ଏଣୁ ନବରଙ୍ଗପୁରରୁ ପ୍ରତିବର୍ଷ ଜିଲା ତଥା ରାଜ୍ୟ ବାହାର ଲୋକେ ଏହିଠାରୁ ସୁକୁସି କିଣିନିଅନ୍ତି। ବଜାରରେ ମିଳୁଥିବା ଶୁଖୁଆରେ କେମିକାଲ ବୋଳା ହୋଇ ଆସୁଥିବା ଯୋଗୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ସୁକୁସି ସମ୍ପୂର୍ଣ୍ଣ ଦେଶୀ ଉପାୟରେ ନିଆଁ ଧାସ ଓ ଧୂଆଁରେ ଶୁଖାଯାଉଛି। ତେଣୁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ନୁହେଁ ବୋଲି ଶୁଖୁଆ ସଂଗ୍ରହକାରୀ ଧନମତି ଭତ୍ରା ଓ ସୁକୁସି ବିକ୍ରୀ କରୁଥିବା ମଙ୍ଗରି ମାଝୀ କହିଛନ୍ତି। ଛୋଟ ମାଛ ଓ ଶୁଖୁଆରେ ଅଧିକ ଭିଟାମିନ ମିନରାଲ ରହିଥିବା କାରଣରୁ ଶରୀର ପାଇଁ ଭଲ। ତେଣୁ ତୁରୁ ସୁକୁସିର ଚାହିଦା ଟିକେ ଅଧିକ। ଏହି ତୁରୁଞ୍ଜା ସୁକୁସିରେ ଔଷଧୀୟ ଗୁଣ ଥିବା କିଛି ସ୍ଥାନୀୟ ବାସିନ୍ଦା କହିଛନ୍ତି।


ମହିଳାମାନେ ଶୁଖୁଆ ବିକ୍ରି କରୁଛନ୍ତି।

# ଜନଶୁଣାଣି ବର୍ଜନ କଲେ ସରପଞ୍ଚ, ସମିତିସଭ୍ୟ

ନନ୍ଦପୁର, ୧୦।୧୧ (ତୁଷାର କାନ୍ତ ମହାନ୍ତି)


ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଥିବା ଜନ ପ୍ରତିନିଧିମାନେ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବାଡେଲ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରକୁ ପଞ୍ଚାୟତ ଲୋକ ପ୍ରତିନିଧିମାନେ ବର୍ଜନ କରିଥିବା ସୋମବାର ଦେଖିବାକୁ ମିଳିଛି। ପୂର୍ବ ଶିବିରରେ ପଞ୍ଜୀକୃତ ଅଭିଯୋଗର ସମାଧାନ ହୋଇ ନ ଥିବାରୁ ସରପଞ୍ଚ ତୁଳା ହଂସା, ସମିତିସଭ୍ୟ ରାଧିକା ଖେମୁଣ୍ଡୁ ଓ ସମସ୍ତ ୱାର୍ଡସଭ୍ୟ ପ୍ରମୁଖ କାର୍ଯ୍ୟାଳୟ ବାହାରେ ରହିଥିଲେ। ପୂର୍ବ ପଞ୍ଜୀକୃତ ସମସ୍ୟା ସମାଧାନ ହୋଇ ନ ଥିବା ବେଳେ ଆଉ ନୂଆ ଜନଶୁଣାଣି କାହିଁକି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଶିବିର କକ୍ଷରେ ଅପେକ୍ଷାରତ ଅଧିକାରୀମାନେ ୨ ଅଭିଯୋଗ ପଞ୍ଜୀକୃତ କରି ଫେରିଥିବା ସୂଚନା ମିଳିଛି। ଶିବିରରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସିଡିପିଓ ମିନତି ବାଳା ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ଆଶା କର୍ମୀ, ଏଏନଏମ, ଅଙ୍ଗନୱାଡି କର୍ମୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। କିନ୍ତୁ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ୱାର୍ଡସଭ୍ୟମାନେ ବୈଠକ ଗୃହକୁ ପ୍ରବେଶ ନ କରି ବାହାରେ ରହିଥିଲେ। ପଞ୍ଚାୟତବାସୀ ମଧ୍ୟ ସେମାନଙ୍କ ସମର୍ଥନ କରିଥିଲେ। ଜଣେ ଅଙ୍ଗନୱାଡି କର୍ମୀ କେନ୍ଦ୍ରର ସୁରକ୍ଷା ପାଚେରୀ ନିର୍ମାଣ ନେଇ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ନ ଥିବା ନେଇ ଜଣେ ଶିକ୍ଷକ ସମସ୍ୟା ଜଣାଇଥିଲେ। ଏହାକୁ ପଞ୍ଜୀକରଣ କରାଯାଇଛି। ଆଗାମୀ ଦିନରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ଜନପ୍ରତିନିଧିଙ୍କ ଅଭିଯୋଗ ସମ୍ପର୍କରେ

### ପୂର୍ବ ସମସ୍ୟା ସମାଧାନ ହୋଇନଥିବା ଅଭିଯୋଗ

ବିଡିଓ ଦୋରାଙ୍କୁ ପଚାରିବାରୁ ପଞ୍ଜୀକୃତ ସମସ୍ୟାଗୁଡ଼ିକ ବିଭିନ୍ନ ବିଭାଗ ସହ ଜଡ଼ିତ। ଏହାର ସମାଧାନ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସେମାନଙ୍କ ପାଣ୍ଠିର ସ୍ଥିତି ଓ ମଞ୍ଜୁରୀ ପରେ ହୋଇଥାଏ। କିନ୍ତୁ ନିଜ ପଞ୍ଚାୟତ ପ୍ରତିନିଧି ବୈଠକରେ ଉପସ୍ଥିତ ରହିବେନି, ଅଭିଯୋଗର ସ୍ଥିତି ଜାଣିବାକୁ ଆଲୋଚନାରେ ଭାଗ ନେବେନି, ତାହେଲେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରଶାସନ କଣ ପଦକ୍ଷେପ ନେଇଛି ଓ ନେବାକୁ ଯାଉଛି ସମସ୍ତେ ଜାଣିବେ କେମିତି ବୋଲି ସେ କହିଛନ୍ତି।

# ଟ୍ୟୁରିଷ୍ଟ ବସ୍ ଓଲଟି ୧୦ରୁ ଊର୍ଦ୍ଧ୍ୱ ଆହତ

କୋରାପୁଟ, ୧୦।୧୧ (ଅମିତାଭ ବେହେରା)


ରାସ୍ତାକଡ଼କୁ ବସ୍ ଓଲଟି ପଡ଼ିଛି।

କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥରେ ଏକ ଟ୍ୟୁରିଷ୍ଟ ମିନି ବସ ଭାରସାମ୍ୟ ହରାଇ ସୋମବାର ଓଲଟି ପଡି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ସଦର ଥାନା ପୋଲିସ ପହଞ୍ଚି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାନୁଯାୟୀ, ସୋମବାର ଅପରାହ୍ନରେ ରାୟଗଡା ରୋଡରୁ କୋରାପୁଟ ଷ୍ଟେଶନକୁ ଆସୁଥିବା ଏକ ଘରୋଇ ଟ୍ୟୁରିଷ୍ଟ ମିନି ବସ୍ ଜାତୀୟ ରାଜପଥର ଅମିନଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ଥିବା ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଗୁରୁତର ହୋଇଥିବା ୫ ପର୍ଯ୍ୟଟକଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ବସରେ ୨୧ ଯାତ୍ରୀ ଥିବା ସୂଚନା ମିଳିଛି। ପର୍ଯ୍ୟଟକମାନେ ପ୍ରଥମେ ଦେଓମାଳି ଓ ପରେ ପୁଞ୍ଜିସିଲ ଯାଇଥିଲେ। ସେଠାରୁ କୋରାପୁଟ ଆସିବା ବେଳେ ବସ୍ ଭାରସାମ୍ୟ ହରାଇଥିଲା। ବେଗ କମ ଥିବାରୁ ବଡ ଦୁର୍ଘଟଣାରୁ ଯାତ୍ରୀ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସମସ୍ତ ଯାତ୍ରୀ ଭୁବନେଶ୍ୱର ଅଞ୍ଚଳର ବୋଲି ସୂଚନା ରହିଛି। ସମସ୍ତ ଗୁରୁତରଙ୍କ ଅବସ୍ଥା ସ୍ଥିର ରହିଛି।

# ମିଗ୍ ଇଞ୍ଜିନ ଗାଡ଼ିରେ ଘରୋଇ ମାଲ୍ ପରିବହନ ଅଭିଯୋଗ

ସୁନାବେଡା/ସେମିଳିଗୁଡ଼ା, ୧୦।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସୁନାବେଡା ହାଲ କାରଖାନାର ଇଞ୍ଜିନ ଯନ୍ତ୍ରାଂଶ ପରିବହନ କରୁଥିବା ଏକ ଗାଡ଼ି(ଏମ୍ଏଚ୍୧୫ଜେଡବ୍ଲ୍ୟୁ-୫୧୪୭)ରେ ଘରୋଇ ଜିନିଷ ପରିବହନ ହେଉଥିବା ଅଭିଯୋଗ ହୋଇଛି। ନାସିକରୁ ଗାଡ଼ିଟି ପ୍ରତିରକ୍ଷା ବିଭାଗ ସୁନାବେଡ଼ା ହାଲ କାରଖାନାକୁ ମିଗ୍ ବିମାନ ଇଞ୍ଜିନର ଯନ୍ତ୍ରାଂଶ ନେଇ ଆସିଥିଲା। ସେଥିରେ ବିଭିନ୍ନ ପ୍ରକାରର ଘରୋଇ ମାଲ ବୋଝେଇ ହୋଇ ଆସିଥିବା ଦେଖିବାକୁ ମିଳିଛି। ଗାଡ଼ିରୁ ସେମିଳିଗୁଡ଼ା ଭେଣ୍ଡିଂ ଜୋନ ନିକଟରେ ମାଲ୍ ଖାଲି କରାଯାଉଥିବା ବେଳେ ସୁନାବେଡ଼ା ଟ୍ରକ୍ ଟିପ୍ପର ଆସୋସିଏଶନ ସାଧାରଣ ସମ୍ପାଦକ ସଂଗ୍ରାମ ସାହୁ ଦେଖିଥିଲେ। ଏ ନେଇ ହାଲ ସୁରକ୍ଷା ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହା ପରେ ହାଲ୍ ସୁରକ୍ଷା ବାହିନୀ ଯାଇ ଜିନିଷର ଯାଞ୍ଚ କରିଥିବା ଦେଖିବାକୁ ମିଳିଛି। ଏକ ଗୁରୁତ୍ୱପୂର୍ଣ୍ଣ ଓ ସୁରକ୍ଷା ବିଭାଗ ଗାଡ଼ିରେ ସାଧାରଣ ମାଲ୍ ପରିବହନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଚଳିତବର୍ଷ ଜୁନ ୬ରେ ଟ୍ରକ୍(ଜିଜେ ୧୭ ଏକ୍ସଏକ୍ସ ୪୫୬୭)କୁ ଅବୈଧ ଆରସି ଓ କାଗଜପତ୍ର ପାଇଁ ୪୮୬୬ ଟଙ୍କା ଓ ୧୧ତାରିଖରେ ଅନ୍ୟ ଏକ ଗାଡିକୁ ୨୨୫୦୦ ଟଙ୍କା ଆଞ୍ଚଳିକ ପରିବହନ ବିଭାଗ ଜରିମାନା କରିଥିଲା। ଏଥିସହ ଅତୀତରେ ଇଞ୍ଜିନ ପରିବହନ ଗାଡ଼ିରେ ଗଞ୍ଜେଇ ଚାଲାଣର ନଜିର ମଧ୍ୟ ରହିଛି। ସୁରକ୍ଷା ଦୃଷ୍ଟିରୁ ଏହାର ବିଧିବଦ୍ଧ ତଦନ୍ତ ସହ ସମ୍ପୃକ୍ତ ଗାଡ଼ି ଓ ପରିବହନ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଆସୋସିଏଶନ ସଦସ୍ୟମାନେ ଦାବି କରିଛନ୍ତି।


ଗାଡିରେ ଆସିଥିବା ଜିନିଷ ଓହ୍ଲାଯାଉଛି।

# ବ୍ଲକ୍‌ବାସୀ ଏକତ୍ର ହୋଇ ପରବ ପାଳିବାକୁ ଆହ୍ୱାନ


ପରବ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

ପଟ୍ଟାଙ୍ଗି ୧୦।୧୧ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପରିସର ବ୍ଲକ୍ ସଭାଗୃହରେ ପରବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀଙ୍କ ଅଧ୍ୟକ୍ଷତାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ସାହୁ ପୂର୍ବବର୍ଷର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଆସନ୍ତା ୨୪ ଓ ୨୫ ତାରିଖରେ ବ୍ଲକସ୍ତରୀୟ ପରବ ପାଳନ କରାଯିବ ବୋଲି ସ୍ଥାନୀୟ ବିଡିଓ ରାମକ୍ରୀଷ୍ଣା ନାୟକ କହିଥିଲେ। ପ୍ରଥମ ଦିନ ଗାଙ୍ଗାମା ମନ୍ଦିରଠାରୁ ମିନି ଷ୍ଟାଡିୟମ ଯାଏ ମଶାଲ ଯାତ୍ରା ଅନୁଷ୍ଠିତ ହେବ। ପ୍ରତି ପଞ୍ଚାୟତରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି କହିଥିଲେ। ସମସ୍ତେ ଏକତ୍ର ହୋଇ ପାଣ୍ଠି ଦାନ କରି ପରବକୁ ଏକ ନମ୍ବର କରିବାକୁ ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡାମ କହିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ କୁମାର ପାଙ୍ଗୀ ସମସ୍ତେ ଏକତ୍ର ହୋଇ ଏହି ଭାଇଚାରାର ପର୍ବ ପାଳିବାକୁ କହିଥିଲେ। ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି କହିଥିଲେ କି ଆମ ବ୍ଲକର କୋଣ ଅନୁକୋଣରୁ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ଚଳିତବର୍ଷ ପଟ୍ଟାଙ୍ଗି ବ୍ଲକ୍ ଏକ ନମ୍ବର ରହିବା ନେଇ ଚେଷ୍ଟା କରିବାକୁ କହିଥିଲେ। ପଟ୍ଟାଙ୍ଗି ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପରବରେ ଯୋଗ ଦେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ତହସିଲଦାର ଦେବେନ୍ଦ୍ର ବହାଦୁର ସିଙ୍ଗ ଧାରୁଆ, ପୂର୍ବତନ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ପୂର୍ବତନ ଅଧ୍ୟକ୍ଷା ବିମଳା ପାଙ୍ଗୀ, ସରପଞ୍ଚ ଆଲମେ ଫୁଲ,ଚନ୍ଦକା ସରପଞ୍ଚ ଦେବକୀ ଗଣ୍ଡ,କୋଟିଆ ସରପଞ୍ଚ ଲିଉ ଗେମେଲ୍, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡନାଇକ, ପୁକାଲି ସରପଞ୍ଚ ତ୍ରିପତି ସାରା, ନୂଆଗାଁ ସରପଞ୍ଚ ସୁବାଷ ଖରା, ସମିତିସଭ୍ୟ ଶିବାନୀ ନାଇକ, କୋଟିଆ ସମିତିସଭ୍ୟ ଅମ୍ବିକା ପାଙ୍ଗୀ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ଆଇନ ସେବା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

ଦଶମନ୍ତପୁର, ୧୦।୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ କୋର୍ଟରେ ଜାତୀୟ ଆଇନ ସେବା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକା ଆଇନ ସେବା ପ୍ରାଧିକରଣ ତଥା ବିଚାରପତି ବିକାଶ କିରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଆଇନଜୀବୀ ଉମ୍ବରୁଧର ପଟ୍ଟନାୟକ, ଆଇନଜୀବୀ ଯମୁନା ମହାନନ୍ଦିଆ, ଜୁନିୟର କ୍ଲର୍କ ଗିରିଧର ମହାନ୍ତିଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ନେଇ ଅତିଥିମାନେ ଜନସାଧାରଣଙ୍କୁ ବୁଝାଇଥିଲେ। ନିରୀହ, ଗରିବ ଓ ଅସହାୟ ଲୋକେ ଆଇନ ସେବା ବିନା ମୂଲ୍ୟରେ ପାଇପାରିବା ପ୍ରତି ଧ୍ୟାନ ଓ ଗୁରୁତ୍ୱ ଦେବାକୁ ବିଚାରପତି ମିଶ୍ର କୋର୍ଟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମରାମତି ହେଲା ଜାତୀୟ ରାଜପଥ

ସୁନାବେଡା/ସେମିଳିଗୁଡା, ୧୦।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

### ଧରିତ୍ରୀ ପ୍ରଭାବ

ଜାତୀୟ ରାଜପଥ ସେମିଳିଗୁଡ଼ା ଟ୍ରାଫିକ ଛକରୁ ୱିଡା ଅଫିସ ଛକ ଯାଏ ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ ଗୁଡାଏ ପଟ୍ ହୋଲ୍ ରହିଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ରାଜପଥକୁ ପିଚୁ ପକାଇ ମରାମତି କରାଯିବ ବୋଲି ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟର୍ଜିନୀ ସେଠୀ କହିଥିଲେ। ସୋମବାର ରାସ୍ତାରେ ପିଚୁ ପକାଇ ମରାମତି ସହ ପଟ୍ ହୋଲ୍‌ଗୁଡିକ ମରାମତି କରାଯାଉଥିବା ଦେଖିବାକୁ ମିଳିଛି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

ପଡ଼ିଆ, ୧୦।୧୧ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକ୍ ସଦର କଲ୍ୟାଣ ମଣ୍ଡପ ପରିସରରେ ସୋମବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଦାମ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ପି. ଭେଙ୍କଟେଶ୍ୱର ରାଓ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଗଗନ ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ଜିଲା ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ର, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ବିଧାୟକ ପ୍ରତିନିଧି ମନଦୀପନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ସମେତ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ କରାଯିବା ସହ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ବିଷୟରେ ବିଶେଷଜ୍ଞଙ୍କ ଦ୍ୱାରା ସଚେତନତା କରାଯାଇଥିଲା। ମାଛ ଚାଷ ଏବଂ ଛେଳି, କୁକୁଡ଼ା ଗୋପାଳନ କରି ଉପକୃତ ହୋଇଥିବା ୭ ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଏମ୍‌ଭି-୬୧ଗ୍ରାମର କୁକୁଡ଼ା ଚାଷୀ ଶ୍ୟାମଲ ପାତ୍ରି, ମାଛ ଚାଷୀ ପଡିଆ ସନା କବାସୀ, ଛେଳି ଚାଷୀ ନିଲିଗୁଡା ଗ୍ରାମର ଚିତ୍ତରଞ୍ଜନ ପଡିଆମୀ, ଛେଳି ପାଳନ ପାଇଁ ପଡିଆର ଲକ୍ଷ୍ମୀବାଈ ମହିଳା ଗୋଷ୍ଠୀ, ମାଛ ଚାଷ ପାଇଁ ମା ମଙ୍ଗଳା ମହିଳା ଗୋଷ୍ଠୀ, ମାଛ ଚାଷ ପାଇଁ ଦେବେ ମାଡ଼ି, ଏମ୍‌ଭି ୫୮ଗ୍ରାମର ରାଖାଲ ବାରୋଇଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପୁରସ୍କୃତ କରାଯାଇଥିଲା। ମେଳାରେ ଚାଷୀମାନଙ୍କ ମନୋରଞ୍ଜନ ପାଇଁ ଆଦିବାସୀ ନୃତ୍ୟ ସହ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

# ଭଦ୍ରକରୁ ସାଇବର ଅପରାଧୀ ଗିରଫ

କୋରୁକୋଣ୍ଡା, ୧୦।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ପୋଲିସ ଭଦ୍ରକ ଜିଲାର ଜଣେ ସାଇବର ଠକଙ୍କୁ ଗିରଫ ସୋମବାର କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ଧାମରା ଥାନା ଅଞ୍ଚଳ ପାଇକସାହିର ଚନ୍ଦନ ଦାସ (୨୯)। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ, ଏଟିଏମ କାର୍ଡ ଏବଂ ନଗଦ ୫ ହଜାର ଟଙ୍କା ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧିନସ୍ଥ ଚିତାପାରି- ୩ ଗ୍ରାମ ନିକଟରେ ରହୁଥିବା କୃଷ୍ଣ ମୋହନ ମଲ୍ଲିକ ଗତ ୧ ତାରିଖରେ ସାଇବର ଠକେଇର ଶିକାର ହୋଇ ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଥିଲେ, ଅଭିଯୁକ୍ତ ଚନ୍ଦନ ତାଙ୍କୁ ଫୋନ କରି ସେ ତାର୍ଲାକୋଟାରେ ଥିବା କ୍ରସରରେ କାମ କରୁଛନ୍ତି। ଲିଟର ପିଛା ୬୦ ଟଙ୍କା ଦରରେ ୧୦୦୦ ଲିଟର ଡିଜେଲ ବିକ୍ରି କରିବେ ବୋଲି କହିଥିଲେ। ସେ କୋରୁକୋଣ୍ଡା ସଦରରେ ଥିବା ପେଟ୍ରୋଲ ଟାଙ୍କି ମାଲିକଙ୍କୁ ଏ ବିଷୟରେ ଫୋନ କରି କହିଦେଇଛନ୍ତି। ସେଠାରୁ ୧୦୦୦ ଲିଟର ପେଟ୍ରୋଲ ଆଣିବା ପାଇଁ ଗାଡି ସହ ବ୍ୟାରେଲ ପଠାଇବାକୁ କହିଥିଲେ। ଏଥିସହିତ ହ୍ୱାଟ୍ସଆପ ମାଧ୍ୟମରେ ଏକ ଫୋନ ପେ ନଂ ବାରକୋଡ ପଠାଇ ଏଥିରେ ୬୦ ହଜାର ଟଙ୍କା ପଠାଇବାକୁ କହିଥିଲେ। କୃଷ୍ଣ ମୋହନ ଉକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୬୦ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ଦେଇଥିଲେ। ଏହାପରେ କୃଷ୍ଣ ମୋହନ ତେଲ ଆଣିବା ପାଇଁ କୋରୁକୋଣ୍ଡା ପେଟ୍ରୋଲ ଟାଙ୍କିକୁ ଏକ ଗାଡ଼ିରେ ବ୍ୟାରେଲ ପଠାଇଥିଲେ। ଉକ୍ତ ଟାଙ୍କିରେ ଏକ ହଜାର ଲିଟର ଡିଜେଲ ଭରିବା ପରେ ପେଟ୍ରୋଲ ଟାଙ୍କି ମାଲିକ ଟଙ୍କା ମାଗିଥିଲେ। କୃଷ୍ଣ ଟଙ୍କା ଦେବାକୁ ମନା କରିବା ସହ ଚନ୍ଦନ ନାମକ ଯେଉଁ ବ୍ୟକ୍ତି ଆପଣଙ୍କୁ ତେଲ ଦେବାକୁ କହିଥିଲେ ମୁଁ ତାଙ୍କୁ ପେମେଣ୍ଟ ଦେଇସାରିଛି ବୋଲି କହିଥିଲେ। ଏହାପରେ ପେଟ୍ରୋଲ ଟାଙ୍କି ମାଲିକ ଏବଂ କୃଷ୍ଣ ଉଭୟ ଉକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ତାଙ୍କ ଫୋନ ସୁଇଚ ଅଫ୍ ରହିଥିଲା। ଏହାପରେ କୃଷ୍ଣ ନିରୁପାୟ ହୋଇ ଗତ ୧ ତାରିଖରେ ଓର୍କେଲ ଥାନାର ଦ୍ୱାରସ୍ଥ ହୋଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଓର୍କେଲ ପୋଲିସ ପକ୍ଷରୁ ଥାନାରେ କେସ୍ ନମ୍ବର ୨୧୯/୨୫ ରେ ଏକ ମାମଲା ରୁଜୁ କରାଯିବା ସହିତ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଥିଲେ। ଏସଆଇ ମିଳନ ବରିହାଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଭଦ୍ରକ ଜିଲା ଅଧିନସ୍ତ ଧାମରା ପାଇକସାହିରେ ପହଞ୍ଚି ଏହି ଘଟଣାରେ ସମ୍ପୃକ୍ତ ଥିବା ଚନ୍ଦନ ନାମକ ବ୍ୟକ୍ତିଙ୍କୁ ଗିରଫ କରି ଓର୍କେଲ ଥାନାକୁ ଆଣିଥିଲେ। ସୋମବାର ଅଭିଯୁକ୍ତ ଚନ୍ଦନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଶସ୍ତାରେ ଡିଜେଲ ଦେବା ନାଁରେ ଠକି ନେଇଥିଲେ ୬୦ ହଜାର ଟଙ୍କା


ଗିରଫ ଅଭିଯୁକ୍ତ।

# ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଦାବିପତ୍ର


ଶ୍ରମିକ ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାଲକାନଗିରି, ୧୦।୧୧ (ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ ଏବଂ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରେଡ ୟୁନିୟନ ଏବଂ ନିର୍ମାଣ ଶ୍ରମିକ ସଂଘର ଶତାଧିକ ସଦସ୍ୟ ଓ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟ ସମୟ ୮ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା ନିର୍ଦ୍ଦେଶ ଏବଂ ମହିଳା ଶ୍ରମିକ ଓ କର୍ମଚାରୀଙ୍କୁ ରାତିରେ କାମ କରିବାକୁ ରହିଥିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରାଯାଉ, ବିଭିନ୍ନ ସୁବିଧାକୁ ଉଚିତ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଆଦି ଦାବି ରହିଛି। ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ କର୍ମକର୍ତ୍ତାଙ୍କ ସମେତ ଅଙ୍ଗନୱାଡି କର୍ମୀ ସଂଘ, ପାଚିକା ସଂଘ, ନିର୍ମାଣ ଶ୍ରମିକ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ନାରାବାଜି କରିବା ସହ ଦାବିପତ୍ର ଦେଇଥିଲେ।

# ୮୪ ଅଭିଯୋଗ ଶୁଣିଲେ ଜିଲାପାଳ

ମାଲକାନଗିରି, ୧୦।୧୧ (ଦୁର୍ଯ୍ୟୋଧନ ପାତ୍ର)



ଜିଲାପାଳ ଏବଂ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ମାଥିଲି ବ୍ଲକ ଅନ୍ତର୍ଗତ ଭଣ୍ଡାରି ପାଙ୍ଗାମ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ମାଲକାନଗିରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି, ଉପଜିଲାପାଳ ଅସ୍ମି ଏ.ଏଲ୍. ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୮୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୩ଟି ବ୍ୟକ୍ତିଗତ, ୭୧ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିରେ ୧୨ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ଗୋଟିଏ ପେନ୍‌ସନ, ୫ଟି ନୂତନ ମଣ୍ଡି ସ୍ଥାପନ, ୬ଟି ଅଙ୍ଗନୱାଡି ଗୃହ ନିର୍ମାଣ ଦାବି, ୩ଟି ମୋ ପୋଖରୀ ଯୋଜନା, ଗୋଟିଏ ନଳକୂପ, ୬ଟି ନୂତନ ଟେଲିଫୋନ ଟାୱାର ପ୍ରତିଷ୍ଠା, ୩ଟି ବିଜୁଳି ସଂଯୋଗୀକରଣ, ୭ଟି ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ସେହିପରି ୪୦ଟି ରାସ୍ତା, ସେତୁ ଓ ଅନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା। ହିତାଧିକାରୀଙ୍କ ହାତପାଆନ୍ତରେ ବିଭିନ୍ନ ଯୋଜନାର ସେବା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଅଭିଯୋଗ ପରେ ଜିଲାପାଳ ଭଣ୍ଡାରିପାଙ୍ଗାମ ବିଦ୍ୟାଳୟ ପରିଦର୍ଶନକରି ମଧ୍ୟାହ୍ନଭୋଜନର ମାନ ପରଖିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

### ଭଣ୍ଡାରି ପାଙ୍ଗାମଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

# ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର

ଜୟପୁର, ୧୦।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ପକ୍ଷରୁ ଓଡ଼ିଶା ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଶଶୀଭୂଷଣ ଦାଶ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜଣେ ଶିକ୍ଷୟିତ୍ରୀ ଶିକ୍ଷକରେ ବିଦ୍ୟାଳୟ ଚାଲୁଥିବାରୁ ସେମାନେ ଚାପଗ୍ରସ୍ତ ରହୁଛନ୍ତି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରିବା, ଉପାନ୍ତ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନଙ୍କୁ ଉପଯୁକ୍ତ ସ୍ଥାନକୁ ବଦଳି କରି ଆଣିବା, ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଶିକ୍ଷକମାନଙ୍କୁ ବଦଳି କରି ଆଣିବା, କର୍ମାନ୍ତର ପ୍ରେରଣ ହୋଇ କାର୍ଯ୍ୟରତ ଶିକ୍ଷକଙ୍କୁ ବିଦ୍ୟାଳୟରେ ନିୟମିତ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅତିଶୀଘ୍ର ଜିଲାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ଦୂର ହେବା ନେଇ ନିର୍ଦ୍ଦେଶକ କହିଥିବା ସଭାପତି ଦାଶ ପ୍ରକାଶ କରିଛନ୍ତି।

HI-TECH MEDICAL COLLEGE & HOSPITAL

NOTICE

In pursuance of OJEE Notice No. OJEE/670 dated 09.11.2025, all the allotted candidates for MBBS/BDS Courses after the 3rd Round of Web-based counselling by OJEE for admission and reporting at Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar are hereby directed to report physically latest by 12.11.2025 (up to 5.00 PM) positively along with all their original documents at the respective institution, failing which this will be reported to the OJEE.

PRINCIPAL
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubanewar

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରିଷ୍ଣୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶିକ୍ଷାକ୍ଷେତ୍ରରେ ଏଆଇ ପ୍ରଚଳନ ପୂର୍ବରୁ ଭିତ୍ତିଭୂମି ସୁଦୃଢ଼ କରାଯାଉ

**ଆଜି ଜାତୀୟ ଶିକ୍ଷା ଦିବସ**

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)

ପ୍ରତ୍ୟେକ ମନୁଷ୍ୟର ମୌଳିକ ଅଧିକାର ହେଉଛି ଶିକ୍ଷା। ଶିକ୍ଷା ମାଧ୍ୟମରେ ଏକ ସଶକ୍ତ ତଥା ସଚେତନ ସମାଜ ଗଢ଼ିହୁଏ। ଏହା ଆମକୁ ଆମର ପରିବେଶ, ଜୀବନଜୀବିକା ଓ ସମାଜ ସମ୍ପର୍କରେ ସଜାଗ କରାଇଥାଏ। ଏଥିସହ ଆମକୁ ସଫଳତାର ମାର୍ଗରେ ଆଗେଇ ନେବାଲାଗି ଜ୍ଞାନ ଅର୍ଜନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଜଣେ ଶିକ୍ଷିତ ଓ ସଚେତନ ମଣିଷ ହିଁ ଦେଶରେ ଜଣେ ଆଦର୍ଶ ନାଗରିକ ହୋଇଥାଏ। ଜଣେ ଆଦର୍ଶ ନାଗରିକ ହିଁ ଦେଶ ଓ ବିଶ୍ୱର ଉନ୍ନତି ପାଇଁ ଚିନ୍ତା କରିଥାଏ। ଏହାକୁ ହୃଦୟଙ୍ଗମ କରିବା ପାଇଁ ୨୦୦୮ ମସିହାରୁ ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଚଳିତ



ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଏଆଇ ଏବଂ ଶିକ୍ଷା : ସ୍ୱୟଂଚାଳିତ ଜଗତରେ ମାନବ ଏଜେନ୍ସି ସଂରକ୍ଷଣ'। ବ୍ୟକ୍ତି ଓ ସମ୍ପ୍ରଦାୟଙ୍କୁ ପ୍ରଯୁକ୍ତି ବିଦ୍ୟା ପ୍ରଗତିକୁ ବୁଝେଇବା ସହିତ ଶିକ୍ଷାର ଶକ୍ତି ଉପରେ ପ୍ରତିଫଳନକୁ ଉତ୍ସାହିତ କରିଥାଏ।

ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସେକ୍ଟର-୬ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନାମଞ୍ଜରୀ ଦାସ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ପୂର୍ବ ଅପେକ୍ଷା ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ପିଲାଙ୍କ ପାଇଁ ପାଠପଢ଼ା ସରଳ, ସହଜ କରାଯାଇଛି ସତ ହେଲେ ଘରୋଇ ସ୍କୁଲ ଭଳି ପିଲାଙ୍କୁ ପଢ଼ା ଯାଇପାରୁନାହିଁ। ଶିକ୍ଷକମାନଙ୍କୁ ଶିକ୍ଷା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ପିଲାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବାକୁ ଶିକ୍ଷକଙ୍କ ମନୋବଳ ଭାଙ୍ଗିଯାଉଛି। ପିଲାଙ୍କ ଅନୁପାତ ଅନୁସାରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନାହାନ୍ତି। ଅନ୍ୟ ଦେଶମାନଙ୍କ ଭଳି ଆମ ଦେଶରେ ମଧ୍ୟ ପିଲାଙ୍କୁ ଗୋଟିଏ ଢାଞ୍ଚାରେ ପାଠ ପଢ଼ାଯାଉ। ବିଦ୍ୟାଳୟଗୁଡ଼ିକରେ ଏଆଇର ପ୍ରଚଳନ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାଙ୍କ ପାଠପଢ଼ା ଆହୁରି ବ୍ୟାପକ ହେବା ସହ ଉନ୍ନତ ଶିକ୍ଷାଦାନ ପାଇପାରିବେ। ହେଲେ ଏହା ପୂର୍ବରୁ ଶିକ୍ଷାକ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ। ସମସ୍ତ ବିଦ୍ୟାଳୟରେ ବିଦ୍ୟୁତ୍, କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ଶିକ୍ଷକ ରହିବା ଜରୁରୀ ବୋଲି ରତ୍ନାମଞ୍ଜରୀ କହିଛନ୍ତି।

ଦେଶର ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବାରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ଅକ୍ଲାନ୍ତ ପରିଶ୍ରମ ଯୋଗୁ ଦେଶରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି) ପରି ଆଧୁନିକ ଶିକ୍ଷା ସଂସ୍ଥା ସ୍ଥାପିତ ହୋଇପାରିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଥିଲା। ୧୮୮୮ ନଭେମ୍ବର ୧୧ରେ ଜନ୍ମିତ ମୌଲାନା ଆଜାଦଙ୍କୁ ମନେପକାଇବା ପାଇଁ ତାଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।

# ନୂଆପଡ଼ାକୁ ବାହାରୁ ଯାଇନାହିଁ ଗୋଟିଏ ବି ଇଭିଏମ୍: ସିଇଓ

**ବିଜେଡିର ଅଭିଯୋଗକୁ ଖଣ୍ଡନ**

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଲାଗି ଆବଶ୍ୟକ ସଂଖ୍ୟକ ଇଭିଏମ୍ ଜିଲା ଷ୍ଟ୍ରଙ୍ଗରୁମ୍ ଭିତରେ ମହଜୁଦ ରହିଛି। କୌଣସି ଜିଲାରୁ ଏବେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅଣାଯାଇନାହିଁ। ମାତ୍ର ଗଞ୍ଜାମରୁ ଏକ ଟ୍ରକଭର୍ତ୍ତି ଇଭିଏମ୍ ନୂଆପଡ଼ା ଅଣାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମରେ ଯେଉଁ ଖବର ପ୍ରସାର ହୋଇଛି ଏବଂ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଯେଉଁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି।

ସୋମବାର ପୂର୍ବାହ୍ନରେ ସିଇଓ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଛନ୍ତି, ୩୦ଜିଲାରେ ଇଭିଏମ୍ ପାଇଁ ଷ୍ଟ୍ରଙ୍ଗରୁମ୍ ରହିଛି। ତାହା ପୁଣି ପୋଲିସ ସୁରକ୍ଷା ବଳୟରେ ତଥା ୨୪ଘଣ୍ଟା ସିସିଟିଭି ନଜରରେ ରଖାଯାଇଛି। ବିଜେଡିର ଅଭିଯୋଗ ପାଇବା ପରେ ଏନେଇ ନିଜେ ଗଞ୍ଜାମସ୍ଥିତ ଷ୍ଟ୍ରଙ୍ଗରୁମ୍ ଅନୁସନ୍ଧାନ କରିବା ସହିତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ହେଲେ ମାସକ ମଧ୍ୟରେ କୌଣସି ଇଭିଏମ୍ ସ୍ଥାନାନ୍ତର ହୋଇନାହିଁ ବୋଲି ସିଇଓ କହିଛନ୍ତି।

ଏଥିସହ ସେ କହିଛନ୍ତି, ଏ ସଂକ୍ରାନ୍ତରେ ବିଜେଡିକୁ ତଥ୍ୟ ଦେବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ତଥ୍ୟ ପ୍ରମାଣ ପ୍ରଦାନ କରିନାହାନ୍ତି। ତେବେ ସେଠାରେ କେତେକ ସ୍ଥାନରେ ପଇସା ବଣ୍ଟନର ଭିଡିଓ ବୁଲୁଥିବା ଅଭିଯୋଗ ଆସିଛି, ତାହାକୁ ଯାଞ୍ଚ କରାଯାଉଛି। ଏପର୍ଯ୍ୟନ୍ତ କୌଣସି ପ୍ରମାଣର ସତ୍ୟାସତ୍ୟ ଜଣାପଡ଼ିନାହିଁ। ଅକ୍ଟୋବର ୯ରେ ନୂଆପଡ଼ା ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପ୍ୟୁଟର ଦ୍ୱାରା ବଛା ଯାଇଥିବା ୧୬୦% ଇଭିଏମ୍ ଓ ୧୭୦% ଭିଭିପିଏଟିରେ ତାଲିକା ରାଜନୈତିକ ଦଳଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଛି। ତେଣୁ ବିଜେଡି ଯେଉଁ ଅଭିଯୋଗ କରିଛି ତାହା ସମ୍ପୂର୍ଣ୍ଣ ଭାବେ ଅମୂଳକ। ଏହାକୁ ନୂଆପଡ଼ା ତଥା ରାଜ୍ୟବାସୀ କିଏ ହେଲେ ବି ବିଶ୍ୱାସ କରନ୍ତୁ ନାହିଁ ବୋଲି ସିଇଓ କହିଛନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ହେଲିକପ୍ଟରରେ ଯାଉଥିବା ପୋଲିଂ ଟିମ୍ ମଧ୍ୟରେ କୌଣସି ପ୍ରକାରେ ଯେପରି ଇଭିଏମ୍‌କୁ ନିଜ ଭିତରେ ମିଶ୍ରଣ କରି ନ ଦିଅନ୍ତି ସେନେଇ ଜିଲା ପର୍ଯ୍ୟବେକ୍ଷକଙ୍କ ସହିତ ସିଇଓ କଥା ହୋଇଥିବା କହିଛନ୍ତି।



ଧ-୭୬୮୭୩

# ୩୨ ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ: ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ନେଇ ବିଜେଡି ଚିନ୍ତାବ୍ୟକ୍ତ କରିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାରେ ହିଂସାକାଣ୍ଡ ହେବା ଆଶଙ୍କାରେ ସୁରକ୍ଷା ଯାଞ୍ଚ ଓ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ବିଜେଡି ପକ୍ଷରୁ ନିବେଦନ କରାଯାଇଛି। ବିଜେଡି ପକ୍ଷରୁ ଦାଖଲ ସ୍ମାରକପତ୍ରରେ କୁହାଯାଇଛି, ନୂଆପଡ଼ାରେ ୧୭ଟି ବୁଥ୍ ଏବଂ କୋମନା ବ୍ଲକ୍‌ରେ ୧୫ଟି ବୁଥ୍ ଅତି ସମ୍ବେଦନଶୀଳ। ନୂଆପଡ଼ା ନିର୍ବାଚନମଣ୍ଡଳୀର ଲୋକମାନେ ସରଳ ଓ ଶାନ୍ତିପ୍ରିୟ ହୋଇଥିବା ବେଳେ ଭାଜପା ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଅନ୍ୟ ନେତାଙ୍କ ନିର୍ଦ୍ଦେଶରେ ଏବେଠାରୁ ହିଂସାକାଣ୍ଡର ପଦଚିହ୍ନ ଦେଖିବାକୁ ମିଳିଲାଣି। ସାଇଲେଣ୍ଟ ପିରିୟଡରେ ମଧ୍ୟ ଶାସକ ଦଳ ଅନୈତିକ ଏବଂ ବେଆଇନ ଭାବେ ପ୍ରଚାର କାମ ଜାରି ରଖିଛି। ଏପରିସ୍ଥଳେ ଉକ୍ତ ୩୨ଟି ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ସିଇଓଙ୍କୁ ବିଜେଡି ନିବେଦନ କରିଛି।

# ଇଭିଏମ୍ ସ୍ଥାନାନ୍ତର ନେଇ ପୁଣିଥରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ଗୋଟିଏ ଟ୍ରକରେ ଇଭିଏମ୍ ମେସିନ ନୂଆପଡ଼ାକୁ ନିଆଯାଇଛି ବୋଲି ବିଜେଡି ତରଫରୁ କରାଯାଇଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରି ଇଭିଏମ୍‌ଗୁଡ଼ିକୁ ସ୍ଥାନିତ କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ଆଉଥରେ ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଶାସନିକ କଳର ଅପବ୍ୟବହାର କରି ଭାଜପା ଏହି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି। ତେବେ ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ କୁହାଯାଇଛି, ଗଞ୍ଜାମ ଜିଲାରେ ରଖାଯାଇଥିବା ଇଭିଏମ ମେସିନଗୁଡ଼ିକ ସିସି କ୍ୟାମେରା ନଜରରେ ରଖାଯାଇଛି। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସି ଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସି ଟିଭି ଅଛିର ଅର୍ଥ ଏହା ନୁହେଁ, ସିସି ଟିଭିର ଫୁଟେଜ ରହିଛି। ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ନିଆଯାଇଥିବା ଇଭିଏମ ମେସିନଗୁଡ଼ିକ ସ୍ଥାପିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଲେନିନ୍ ଅଭିଯୋଗ କରିଛନ୍ତି।

# ମିଳୁନାହାନ୍ତି ୪ ଦିନର ନବଜାତ ଶିଶୁ, ମା'

**ବ୍ରହ୍ମପୁର ଅଞ୍ଚଳରେ ବିକ୍ରି ହୋଇଥିବା ଚର୍ଚ୍ଚା**

ପାରାଦୀପ,୧୦।୧୧(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ ହସ୍ପିଟାଲରେ ନଭେମ୍ବର ୬ରେ ଜନ୍ମିତ ଶିଶୁପୁତ୍ର ଓ ତାଙ୍କ ମା'ଙ୍କ ପତ୍ତା ମିଳୁ ନ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ନବଜାତ ଶିଶୁପୁତ୍ରକୁ ୩୫ ହଜାର ଟଙ୍କାରେ ବ୍ରହ୍ମପୁର ଅଞ୍ଚଳରେ ବିକ୍ରି କରାଯାଇଛି ବୋଲି ଆଲୋଚନା ହେଉଛି। ଘଟଣା ପରଠାରୁ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଖୋଜୁଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ତଥ୍ୟ ମିଳିପାରିନାହିଁ। ଏନେଇ ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ ଆଲୋଚନା ଜୋର ଧରିଛି।

ସ୍ୱାସ୍ଥ୍ୟ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱାମୀ ପରିତ୍ୟକ୍ତା ମହିଳା ଜଣକ ଗର୍ଭବତୀ ଥିବା ସମୟରେ ଚିକିତ୍ସିତ ହେଉଥିଲେ। ନଭେମ୍ବର ୬ ସକାଳ ୬ଟା୨୦ରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଉକ୍ତଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚାଲିଯାଇଛନ୍ତି। ପରେ ମହିଳା ଦର୍ଶାଇଥିବା ଠିକଣାରେ ରହୁନାହାନ୍ତି ବୋଲି ସେହି ଅଞ୍ଚଳର ଆଶା କର୍ମୀ ରିପୋର୍ଟ ଦେଇଛନ୍ତି। ଏହି ଖବର ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯାଇ ତାଙ୍କ ପଡ଼ୋଶୀମାନଙ୍କଠାରୁ ଯେଉଁ ରିପୋର୍ଟ ସଂଗ୍ରହ କରିଛନ୍ତି ସେଥିରେ କୁହାଯାଇଛି ଶିଶୁପୁତ୍ର ବିକ୍ରି ହୋଇଯାଇଛି। ଯେଉଁ ନିଃସନ୍ତାନ ଦମ୍ପତି କିଣିଛନ୍ତି ସେ ମଧ୍ୟ ମା'ଙ୍କୁ କିଛି ଦିନ ପାଇଁ ସାଙ୍ଗରେ ନେଇଛନ୍ତି।

**Classified Everyday**
**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210


**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ -7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10




The massage felt totally professional! & comfortable at all times- 7978109255. D-211



**BUSINESS**

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 9437260818. D-2542

**LOST**

I, Sudhansu Sekhar Mohapatra, S/o.- Narasingh Mohapatra, have lost my sale deed (No.- 1280, dtd.- 28.05.2007, Mouza- Lahanga, Khata No.- 518/28, Plot No. 168, Area- Ac.0.225decimal, purchased from Kanchanbala Mishra) in-between Godipada chhaka on 10.11.2025 evening when I go to marketing. In spite of all my efforts I could not trace it out. D-2543

**AFFIDAVIT**

I, Raja Kishore Muduli, S/o.- Late Fakir Muduli, Resident of Plot No.- 672/4048/4739, Ekamra Villa, IRC Village, P.O.- IRC Village, P.S.- Nayapalli, Bhubaneswar, PIN-751015, Odisha declare by this affidavit No.- 70/3.11.25, dtd.- 3.11.25 that now onwards I shall be known as RAJAKISHOR MUDULI for all future purposes. D-2534

By virtue of an affidavit sworn, I, FARHA AHMED , D/o.- AHMED HUSSAIN, At/P.O.- Jatani, PIN- 752050, Dist.- Khurdha, State- Odisha declare that I have changed my name from Farha Ahmed to Anwesha Puri, W/o.- Avisekha Puri. Henceforth, I known as Anwesha puri for all purposes. D-2535

I, Manju Kumari Nayak, W/o.- Late Dambarudhara Naik, Resident of At/P.O.- Jhadabhumi, P.S.- Jagannathprasad, Dist.- Ganjam, Odisha , PIN- 761120 declared that I have changed my son's name from Sai Prasad Nayak to Om Sai Prasad Naik. Henceforth, he shall be known as Om Sai Prasad Naik for all purposes. D-2538

By virtue of an affidavit sworn before the Executive Magistrate, Sambalpur, No.- 3233, Dtd.- 10.11.25, I, KAILASH NAG, S/o.- Udaya Nag, R/o. At- Ward No.- 12, Kamlibazar, P.O./P.S.- Khetrajpur, Dist.- Sambalpur, PIN-768003, Odisha declare that I have changed my name from Kalakara Nag to Kailash Nag. Henceforth, I shall be known as Kailash Nag for all purposes.
Kailash Nag
D-2536

By virtue of an affidavit sworn before Executive Magistrate, Chhendipada, Vide No.- 1242, dated- 07.11.2025, I, Manoj Naik, Resident of Village- Sundarapal, P.O.- Nuapada, P.O.- Rengali, Dist.- Angul, PIN- 759124(Odisha) declare that I have changed my name from Palabh Naik to Manoj Naik. Henceforth, I shall be known as Manoj Naik for all purposes.
Manoj Naik.
D-2537

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ph.D. AWARDED TO MS KULUMINA DASH**



Ms. Kulumina Dash has been awarded Ph.D. degree in Public Health from KIIT University, Bhubaneswar for her research work "Assessment and Comparison of Cognitive Functions between Children Aged 6-8 Years Residing in Low and High Ambient Particulate Air Polluted Areas in Odisha." supervised by Dr. Pratap Jena, her study was examined by Prof. Dr. Jugal Kishore, Director-Professor at VMMC & Safdarjung Hospital, New Delhi. She expressed heartfelt gratitude to Dr. Jena, mentor Dr. Jigyansa Pattanaik, Dr. Sita Kantha Dash, Dr. Ramya, appreciate son Manbendra for timely support. She is the wife of Dr. Narendra Satapathy and daughter in law of Late Mr. Bhimasen Satapathy and Mrs Nalini Satapathy of Jajpur. Daughter of Er. Rama Chandra Dash and late Mrs Ashalata Dash, Cuttack. D-2540

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୌରାଙ୍ଗ ଦେବ ଦାସ**
ଅବସରପ୍ରାପ୍ତ ଓ.ଏଫ୍.ଏସ୍. ପ୍ରଶାସନିକ ଅଧିକାରୀ
ବଳରାମପୁର, ତଳସାହି, କୁଜଙ୍ଗ,ଜଗତ୍‌ସିଂହପୁର
ଆବିର୍ଭାବ- ୨୧.୦୨.୧୯୫୮
ତିରୋଧାନ- ୧୫.୧୧.୨୦୨୨
(କୃଷ୍ଣ ପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥାଆନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।
ଶୋକସନ୍ତପ୍ତ- ପତ୍ନୀ ସରୋଜିନୀ, ପୁତ୍ର ରାଜେଶ, ରାକେଶ, କନ୍ୟା ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୨୫୪୧

**ସପ୍ରେମ ଅଶ୍ରୁଳ ସାଇ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମାଧବୀ ଭଞ୍ଜ**
ଓଡ଼ଗାଁ, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୦୨ ଜାନୁୟାରୀ ୧୯୭୦
ତିରୋଧାନ: ୦୧ ନଭେମ୍ବର ୨୦୨୫
ସାଇରାମ ଭଗବାନ ଅମର ଆତ୍ମାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ, ତାଙ୍କ ଆତ୍ମା ହେଉ ଆନନ୍ଦମୟ। ଆମେ ରହିବୁ ସେହି ସ୍ନେହ, ସ୍ମୃତି, ପ୍ରେମ ଆଶୀର୍ବାଦ ସହିତ ସଦା। ସ୍ୱାମୀ- ପ୍ରସନ୍ନ ଭଞ୍ଜ, ପୁଅ, ପୁତୁରା, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାରବର୍ଗ।
ସୌଜନ୍ୟ- ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବା କେନ୍ଦ୍ର, ଓଡ଼ଗାଁ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟବୃନ୍ଦ।
ଧ-୨୫୩୩

**LEGAL NOTICE**

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021
Smt. Meera Mishra @ Dash
....Petitioner
Versus
Sri. Dadhibaban Dash
....Respondent
Summon Under Order 5 Rule 20 of C.P.C.

To,
The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1)(a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court.

Hence you are directed to appear before this Court on the 11th day of Dec. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 28th day of Oct. 2025.
Sd./- Judge, Family Court, Balangir
D-2004

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖର୍ଚ୍ଚ ନ ହେଉ ଦ୍ୱନ୍ଦ୍ୱର କାରଣ

**ଅନେକ ସମୟରେ ବିଭିନ୍ନ ଖର୍ଚ୍ଚ ନେଇ ପରସ୍ପରକୁ ଲୁଚାଇଥାଆନ୍ତି ପତ୍ନୀପତି। ଏହା ପରିବାର ନିମନ୍ତେ ଆବଶ୍ୟକ ହେଲେ ବି ଏଥିପାଇଁ ବେଳେବେଳେ ସୃଷ୍ଟିହୁଏ ଦ୍ୱନ୍ଦ୍ୱ ଓ ଅବିଶ୍ୱାସ, ଯାହା ସମ୍ପର୍କ ଭାଙ୍ଗିବାର କାରଣ ବି ହୁଏ। ଯଦି ଆର୍ଥିକ ବ୍ୟାପାରରେ ସ୍ୱଚ୍ଛତା ଥାଏ, ପରସ୍ପର ସହ ବୁଝାମଣା ରହେ, ତେବେ ସମ୍ପର୍କର ସମ୍ପତ୍ତି ବଢ଼ି ବଢ଼ି ଚାଲେ...**



ଦାମ୍ପତ୍ୟକୁ ହସଖୁସିରେ ଆଗେଇନେବା ପାଇଁ ଅର୍ଥର ଆବଶ୍ୟକତା ଅଛି। ହେଲେ ଅନେକ ସମୟରେ ପରସ୍ପରକୁ ଲୁଚାଇ ବିଭିନ୍ନ ପ୍ରକାର ଖର୍ଚ୍ଚ କରନ୍ତି ସ୍ତ୍ରୀସ୍ୱାମୀ। ବେଳେବେଳେ ଏଇ ଅର୍ଥ ବି ଅନର୍ଥର କାରଣ ହୋଇପାରେ। ସମ୍ପର୍କରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ କି ସନ୍ଦେହ ସୃଷ୍ଟିହେବ ନାହିଁ ସେଥିପାଇଁ ପରସ୍ପର ମଧ୍ୟରେ ଖୋଲା ଆଲୋଚନା ବି ଦରକାର। ଏହି ପରିସ୍ଥିତିରେ ଭୁଲ୍ ବୁଝାମଣା ହେବା ପୂର୍ବରୁ ନିଜ ଦୃଷ୍ଟିକୋଣ ବଦଳାଇବା ଜରୁରୀ। କାରଣ ସକାରାତ୍ମକ ମନୋଭାବରେ ପରସ୍ପରକୁ ଲୁଚାଇ କରାଯାଉଥିବା ଖର୍ଚ୍ଚ ସମ୍ପର୍କ ମଜଭୁତ କରିଥାଏ।

**ଖର୍ଚ୍ଚ କରିବାର କାରଣ**

ପାର୍ଟନରଙ୍କୁ ଲୁଚାଇ ଅନେକ ସମୟରେ ପଇସା ଖର୍ଚ୍ଚ କରିବାକୁ ହୁଏ। ସେଭଳି ହୁଏତ ପରିସ୍ଥିତି ଆସିପାରେ ଯେ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଏ। ଏଇ ଯେମିତି କୌଣସି ସ୍ଥାନକୁ ବୁଲିବାକୁ ଯାଇଛନ୍ତି ସେଠାରେ କିଛି ଜିନିଷ କିଣି ଆଣିଲେ ଅବା ଘରକୁ କେହି ସମ୍ପର୍କୀୟ ଆସିଛନ୍ତି ସେ ସମୟରେ ତାଙ୍କୁ ଜରୁରୀ ମନେକରି କିଛି ଅର୍ଥ ଦେଇଛନ୍ତି। ଏମିତିଭାବେ ଖର୍ଚ୍ଚ କରିବା ନେଇ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଇପାରେ। ହେଲେ ଏନେଇ ପରେ କଥାବାର୍ତ୍ତା ହୋଇପାରିବେ ଓ ଖର୍ଚ୍ଚ ସମ୍ପର୍କରେ ସବୁ ଜଣାଇପାରିବେ। କିନ୍ତୁ ପରସ୍ପରକୁ ନ ଜଣାଇ ଯଦି କିଛି ଖର୍ଚ୍ଚ କରୁଥାନ୍ତି, ତେବେ ଏଥିପାଇଁ ଅନେକ ସମୟରେ ସନ୍ଦେହ ସୃଷ୍ଟି ହୋଇପାରେ, ଯେଉଁଥିପାଇଁ ସମ୍ପର୍କ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**କେତେବେଳେ ଧୋକା**

କ'ଣ ଖର୍ଚ୍ଚ କରୁଛନ୍ତି ଅବା କାହାକୁ ଦେଉଛନ୍ତି, ସେନେଇ ସାଥୀଙ୍କୁ କିଛି ଲୁଚାନ୍ତୁ ନାହିଁ। ଯଦି କୌଣସି ସମୟରେ ସଙ୍ଗେ ସଙ୍ଗେ ଜଣାଇ ପାରିନାହାନ୍ତି ତେବେ ସୁଯୋଗ ପାଇଲେ ନିଶ୍ଚୟ ଜଣାନ୍ତୁ। ହେଲେ ସବୁ ସମୟରେ ପାର୍ଟନରଙ୍କ ପାଖରୁ ଲୁଚାଇ ଖର୍ଚ୍ଚ କରିବାକୁ ହୁଏତ ଧୋକା କୁହାଯାଇପାରେ। ସମ୍ପର୍କରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ପରସ୍ପର ଉପରେ ଭରସା ରହି ନ ଥାଏ। ତେଣୁ ପରସ୍ପର ବୁଝାମଣା ରଖି ଟଙ୍କା ଖର୍ଚ୍ଚ କରନ୍ତୁ। ଆଉ ଯେକୌଣସି ବଡ଼ ଖର୍ଚ୍ଚ କଲେ ପାର୍ଟନରଙ୍କୁ ନିଶ୍ଚୟ ଜଣାନ୍ତୁ।

**ସକାରାତ୍ମକ ପ୍ରଭାବ**

ବେଳେବେଳେ ପରସ୍ପରକୁ ନ ଜଣାଇ ହୋଇଥିବା ଖର୍ଚ୍ଚ ସମ୍ପର୍କକୁ ଦୃଢ଼ କରିଥାଏ। ମନେକର ଆପଣ ଯଦି ପାର୍ଟନରଙ୍କ ପାଇଁ ତାଙ୍କର କିଛି ଜରୁରୀ ସାମଗ୍ରୀ ତାଙ୍କୁ ନ ଜଣାଇ କିଣି ଦେଉଛନ୍ତି





ତେବେ ତାହା ତାଙ୍କୁ ଖୁସି ଦେଇପାରେ। ଠିକ୍ ଏହିପରି ପାର୍ଟନରଙ୍କ ସମ୍ପର୍କୀୟଙ୍କ ପାଇଁ ଯଦି ସେଭଳି କିଛି ଖର୍ଚ୍ଚ କରୁଛନ୍ତି ଆଉ ସେସମ୍ପର୍କରେ ପୂର୍ବରୁ କିଛି କହିନାହାନ୍ତି ତାହା ବି ଖୁସି ଦେଇଥାଏ। ହେଲେ ଏଭଳି ସ୍ଥିତିରେ ହୋଇଥିବା ଖର୍ଚ୍ଚ ପର ମୁହୂର୍ତ୍ତରେ ଜଣାନ୍ତୁ। ଏହା ବ୍ୟତୀତ ଯଦି କୌଣସି ଋଣ ନେଉଛନ୍ତି ତେବେ ମଧ୍ୟ ଜଣାନ୍ତୁ। ଏସବୁ କଥା ଲୁଚାଇବା ଫଳରେ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ ଓ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇପାରେ।

ଜଣା ପଡ଼ିଯାଇଥାଏ।

**ସଚେତନତା ବି ଜରୁରୀ**

ଖର୍ଚ୍ଚ କରିବା ନେଇ ସଙ୍କୋଚଭାବରେ ପରସ୍ପରକୁ ଜଣାନ୍ତୁ। ହୁଏତ କୌଣସି ସମୟରେ ଆପଣ ଖର୍ଚ୍ଚ ନେଇ କହି ନ ଥିବେ, କିନ୍ତୁ ପରେ ଜଣାଇଲେ ସେଭଳି କିଛି ଭିନ୍ନ ଭାବ ନ ଥିବ। ତେଣୁ ପୂର୍ବରୁ ନ ଜଣାଇ ଯାହା ବି ଖର୍ଚ୍ଚ କରିଛନ୍ତି ସେସମ୍ପର୍କରେ ଜଣାନ୍ତୁ। ଯଦି ଠିକ୍ ଭାବରେ ଖର୍ଚ୍ଚ କରିଛନ୍ତି ତେବେ ଆପଣଙ୍କୁ ସମର୍ଥନ କରିବେ।
ହଁ, ସବୁଠୁ ବଡ଼ କଥା ହେଉଛି ଆପଣ କେତେ ଖର୍ଚ୍ଚ କରିପାରିବେ ସେନେଇ ପାର୍ଟନରଙ୍କ କ୍ଷମତା ବିଷୟରେ ଜାଣନ୍ତୁ। ଉଭୟ ଏକାଠି ହୋଇ ସବୁ ପ୍ରକାର ଖର୍ଚ୍ଚ ନିମନ୍ତେ କେତେ ବଜେଟ ବାହାର କରିପାରିବେ ସେନେଇ ଚିନ୍ତା କରନ୍ତୁ। ଲୁଚାଇ ଯଦି କୌଣସି ପ୍ରକାର ବ୍ୟାଙ୍କ ଆକାଉଣ୍ଟ ଅବା କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି ତେବେ ନିଶ୍ଚୟ

## ଏମାନେ କ'ଣ କରନ୍ତି

### ସ୍ୱାଧୀନଭାବେ ଖର୍ଚ୍ଚ କରେ



ଆମର ପରସ୍ପର ଉପରେ ବିଶ୍ୱାସ ଅଛି। ତେଣୁ ଖର୍ଚ୍ଚ କରିବା ପାଇଁ ସେମିତି ସବୁବେଳେ ପଚାରିବାକୁ ପଡ଼ି ନ ଥାଏ କି ଲୁଚାଇବାକୁ ବି ପଡ଼ି ନ ଥାଏ। ଯଦି କିଛି ଆବଶ୍ୟକ ଅଛି, ତା'ହେଲେ ସ୍ୱାଧୀନଭାବେ ଖର୍ଚ୍ଚକରେ ଓ ଜିନିଷ କିଣେ କିମ୍ବା ଅନ୍ୟ କାହାକୁ କିଛି ଟଙ୍କା ବି ଦେଇଥାଏ। ହେଲେ ସବୁ କଥା ଜଣାଇବାକୁ ସମୟ ନ ଥାଏ। ସେଥିପାଇଁ ତ ସେ ମତେ ଆର୍ଥିକ ସ୍ୱାଧୀନତା ଦେଇଛନ୍ତି। ତା'ଛଡ଼ା ମୁଁ କିଛି ଅନାବଶ୍ୟକ ଖର୍ଚ୍ଚ ବି କରେନାହିଁ। ତେଣୁ ଏନେଇ ଆମ ଭିତରେ କୌଣସି ପ୍ରକାର ଭୁଲ୍ ବୁଝାମଣା ହୋଇ ନ ଥାଏ।

*– ମମତା ଜେନା,* ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର

### ବିଶ୍ୱାସ ଅଛି



ଯେତେବେଳେ ଯାହା ଇଚ୍ଛା ଖର୍ଚ୍ଚକରେ। ସେଥିପାଇଁ ସେ କେବେ ମତେ ପ୍ରଶ୍ନ କରନ୍ତି ନାହିଁ କି ମୋର ଦରମାକୁ ନେଇ କେବେ ହିସାବ ମଧ୍ୟ ମାଗନ୍ତି ନାହିଁ। ତାଙ୍କର ବିଶ୍ୱାସ ଅଛି ଯେ ମୁଁ କୌଣସି ପ୍ରକାର ଭୁଲ୍ ଖର୍ଚ୍ଚ କରିବି ନାହିଁ। ଠିକ୍ ସେମିତି ମୋର ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରହିଛି। କିନ୍ତୁ ଘରର କୌଣସି ବଡ଼ ଖର୍ଚ୍ଚ ସମୟରେ ଆମେ ପରସ୍ପର ଆଲୋଚନା କରୁ ଓ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ନେଇ ଉଭୟେ ଚେଷ୍ଟା କରୁ। କିନ୍ତୁ ଏନେଇ କେବେହେଲେ ଆମ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇନାହିଁ।

*– ମହାଶ୍ୱେତା ତ୍ରିପାଠୀ,* କର୍ମଜୀବୀ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର





# ଟିଭି ପାଖରେ ରଖନ୍ତୁ ନାହିଁ

**ପରିବାର ସହ ଏକାଠି ସମୟ କଟାଇବା ସହ ମନୋରଞ୍ଜନର ମାଧ୍ୟମ ଭାବରେ ପ୍ରାୟ ସମସ୍ତଙ୍କ ଘରେ ରହିଥାଏ ଟିଭି। ହେଲେ ଅଜାଣତରେ ବେଳେବେଳେ ଆମେ ଟିଭି ପାଖରେ ଏଭଳି କିଛି ଜିନିଷ ରଖିଦେଇଥାଉ, ଯାହା ଖରାପ ପ୍ରଭାବ ପକାଇଥାଏ। ତେଣୁ ଟିଭି ପାଖରେ କେଉଁ ସବୁ ଜିନିଷ ରଖିବେ ନାହିଁ ଜାଣିରଖନ୍ତୁ।**



➔ଟିଭି ପାଖରେ ପାଣି ବୋତଲ କିମ୍ବା କୌଣସି ତରଳ ପଦାର୍ଥ ଅଥବା ଫୁଲଦାନୀ ରଖନ୍ତୁ ନାହିଁ। ଟିଭି ସ୍କ୍ରିନ୍ ଓ ଏହା ପଛପଟରେ ଥିବା ସର୍କିଟ୍ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ। ଭୁଲ୍‌ରେ ବି ଏଥିରେ ପାଣି ପଡ଼ିଗଲେ ଟିଭିର ମଦରବୋର୍ଡ ଖରାପ ହୋଇଯାଇଥାଏ।

➔ମୋବାଇଲ ଚାର୍ଜର, ସେଟ୍-ଟପ୍-ବକ୍ସ, ସ୍ପିକର, ଇଲେକ୍ଟ୍ରିକ୍ ଖେଳନା ଆଦି ଟିଭି ପାଖରେ ରଖନ୍ତୁ ନାହିଁ। ଏହିସବୁ ଗ୍ୟାଜେଟ୍‌ରୁ ବାହାରୁଥିବା ଇଲେକ୍ଟ୍ରିକ୍ ସିଗ୍‌ନାଲ ଟିଭିର ଏଲ୍ଇଡି କିମ୍ବା ଏଲ୍‌ସିଡିକୁ ଖରାପ କରିଦେଇଥାଏ। ଟିଭିକୁ ସମ୍ପୂର୍ଣ୍ଣଭାବେ ଅଲଗାକରି ସଂଯୁକ୍ତ କରନ୍ତୁ। ସମସ୍ତ ବୈଦ୍ୟୁତିକ ଡିଭାଇସ୍ ଦୂରେଇ ରଖନ୍ତୁ।

➔ଏୟାର ଫ୍ରେଶନର କିମ୍ବା ପରଫ୍ୟୁମ ମଧ୍ୟ ଟିଭି ପାଖରେ ରଖନ୍ତୁ ନାହିଁ କି ସ୍ପ୍ରେ କରନ୍ତୁ ନାହିଁ। ଏଥିରେ ଥିବା କେମିକାଲ ସବୁ ଟିଭି ସ୍କ୍ରିନ୍ କିମ୍ବା ଭେଣ୍ଟିଲେଶନ ସ୍ଲଟ୍‌ରେ ଜମିଯାଏ। ଫଳରେ କିଛିଦିନ ପରେ ଟିଭିରେ ମଇଳା ଜମି ରଙ୍ଗ ଖରାପ ହୋଇଯାଏ।

➔ଉତ୍ସବ ସମୟରେ ଘର ସଜାଉଥିଲେ ଟିଭି ପାଖରେ କୌଣସି ଦୀପ କିମ୍ବା ମହମବତି ଲଗାନ୍ତୁ ନାହିଁ। ଏହାର ଉତ୍ତାପ ପ୍ରଭାବରେ ଟିଭି ସ୍କ୍ରିନ୍‌ରେ ମାଇକ୍ରୋ କ୍ରାକ୍ ଆସିପାରେ। ଉତ୍ତାପ ଅଧିକ ହେଲେ ଟିଭି ପୋଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ।

➔ଟିଭି ପାଖରେ କୌଣସି ଚୁମ୍ବକୀୟ ପଦାର୍ଥ ରହିଲେ ତାହା ଟିଭି ସ୍କ୍ରିନ୍‌ର ପିକ୍ସେଲକୁ ଖରାପ କରିଥାଏ। ଫଳରେ ରଙ୍ଗ ଖରାପ ହୋଇଥାଏ ଓ ସ୍କ୍ରିନ୍ ଉପରେ ଦାଗ ପଡ଼ିଯାଏ।

# ଶୀତରେ ପ୍ୟାକିଂ



**ଶୀତଦିନେ କୌଣସି ସ୍ଥାନକୁ ଯିବାର ଥିଲେ ସେଥିନିମନ୍ତେ କିଭଳି ପ୍ରସ୍ତୁତ ହେବେ ଜାଣନ୍ତୁ।**

❖ବାହାରକୁ ଯିବାର ଥିଲେ ପ୍ରଥମେ ନିଜର କ'ଣ ସବୁ ଆବଶ୍ୟକତା ରହିଛି ସେନେଇ ଏକ ତାଲିକା କରନ୍ତୁ। ଯଦି ସାଙ୍ଗରେ ଅନ୍ୟ କେହି ଯାଉଥାନ୍ତି ତେବେ ସେମାନଙ୍କର କ'ଣ ଦରକାର ସେସବୁର ତାଲିକା ବି କରନ୍ତୁ।

❖ଏଭଳି ଜିନିଷ ପ୍ୟାକିଂ କରନ୍ତୁ ଯେପରି ସେସବୁ ଷ୍ଟାଇଲିଶ୍ ହେବା ସହ ନେବା ସହଜ ହୋଇପାରିବ।

❖ କେବଳ ଆବଶ୍ୟକ ଜିନିଷ ହିଁ ନିଅନ୍ତୁ। ଫଳରେ ଓଭର ପ୍ୟାକିଂ ହେବ ନାହିଁ। ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାକାର ଜଳବାୟୁ ଅନୁସାରେ କେଉଁ ସାମଗ୍ରୀ ଜରୁରୀ ସେସମ୍ପର୍କରେ ଜାଣନ୍ତୁ।

❖ ଲୁକ୍ ବଦଳାଇବା ପାଇଁ ଅଧିକ ପୋଷାକ ନେବା ବଦଳରେ ମଲ୍‌ଟି ଫଙ୍କସନାଲ ଗାର୍ମେଣ୍ଟ ପ୍ୟାକ୍ କରନ୍ତୁ।

❖ସୁପର ଷ୍ଟାଇଲିଶ୍ ଦେଖାଯିବା ପାଇଁ ଟ୍ରେଣ୍ଡି ଫ୍ୟାଶନେବଲ ଆସେସରିଜ୍ ଯେମିତିକି କ୍ୟାପ୍, ଜ୍ୟାକେଟ୍, ମଫଲର ଇତ୍ୟାଦି ନିଅନ୍ତୁ।

❖ସବୁ ପ୍ୟାକିଂ ସରିବା ପରେ ପୁଣି ଥରେ ଶେଷକୁ ଯାଞ୍ଚ କରାଇନିଅନ୍ତୁ।

ଖାଦ୍ୟରୁଚି

# ସୁଜି କେକ୍

**ଆବଶ୍ୟକ ସାମଗ୍ରୀ–**
ସୁଜି– ଦେଢ଼ କପ୍, ଚିନି– ଅଧାକପ୍, ତେଲ କିମ୍ବା ଘିଅ– ଅଧା କପ୍, କ୍ଷୀର– ଦେଢ଼ କପ୍, ବେକିଂ ପାଉଡର– ୧ ଚାମଚ, ଆବଶ୍ୟକ ଅନୁସାରେ ପାଣି ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ:–**
ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ଲୁଣ ଓ ଗୁଜୁରାତିକୁ ଏଥିରେ ପକାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖିଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାଇଁ ଥିବା ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହେବା ପରେ କେକ୍ ପାତ୍ରକୁ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସଲ୍ ବାହାରକରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣୀ ବାହାରକରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।



ସୌନ୍ଦର୍ଯ୍ୟ

# ହେୟାର କେୟାର

**କେଶ ଝଡ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଯାଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



❖କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

❖ ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂରହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆ ତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



❖କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋଭେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।

❖କେଶ ଯଦି ବହୁତ ଝଡୁଥାଏ ତେବେ କେମିକାଲ ଥିବା ପ୍ରଡକ୍ଟ ବେଶି ବ୍ୟବହାର କରନ୍ତୁ ନାହିଁ। ଏହା ସହ କେଶକୁ ଧୂଳି ଓ ପ୍ରଦୂଷଣରୁ ରକ୍ଷାକରନ୍ତୁ। ନିୟମିତ କେଶରେ ତେଲ ମାଲିସ କରନ୍ତୁ।

## ଅଠା ଛଡ଼ାଇବେ କେମିତି

➔ବେଳେବେଳେ କୌଣସି ଜିନିଷରେ ଫେବିକ୍ୱିକ୍ ଲଗାଇବା ସମୟରେ ତାହା ହାତରେ ଲାଗିଯାଇଥାଏ, ଯାହା ଛଡ଼ାଇବା କଷ୍ଟକର ହୋଇଥାଏ। ତେବେ ଏହି ଅଠା ଲାଗିଥିବା ସ୍ଥାନରେ କିଛି ଲୁଣ ଲଗାଇ ରଗଡ଼ନ୍ତୁ, କିଛି ସମୟ ପରେ ଛାଡ଼ିଯିବ।

➔ଫେବିକ୍ୱିକ୍ ଲାଗି ଆଙ୍ଗୁଠି ଲାଖିଯାଇଥିଲେ ସେହି ସ୍ଥାନରେ କିଛି ନେଲ୍ ରିମୁଭର ଲଗାଇ ୫ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛି ଦିଅନ୍ତୁ।

➔ତ୍ୱଚାର କୌଣସି ସ୍ଥାନରେ ଏହା ଲାଗିଥିଲେ ସେହି ସ୍ଥାନରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ଘଷି ଛଡ଼ାଇ ଦିଅନ୍ତୁ। ଏହା ବ୍ୟତୀତ ସାବୁନ ଲଗାଇ ଉଷୁମପାଣିରେ ଧୋଇଦିଅନ୍ତୁ। ସହଜରେ ଛାଡ଼ିଯିବ।

➔ବେକିଂ ସୋଡ଼ା ଓ ଭିନେଗାର ସହ ଲିକୁଇଡ୍ ଡିସ୍ ୱାଶ୍ ମିଶାଇ ରୋଷେଇଘରର ସ୍ଲାବ୍‌କୁ ସଫା କରନ୍ତୁ।

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

## ଜୁନିୟର ମହିଳା ହକି ବିଶ୍ୱକପ୍

ନୂଆଦିଲ୍ଲୀ, ୧୦।୧୧

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏଥର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା ମଧ୍ୟରେ ୧୮ ଖେଳାଳି ଓ ୨ ଅଲଟରନେଟ୍ସ ସାମିଲ। ଜ୍ୟୋତି ସିଂ ଅଧିନାୟିକାଭାବେ ଅପରିବର୍ତ୍ତିତ ରହିଛନ୍ତି। ତୁଷାର ଖାଣ୍ଡକର ମୁଖ୍ୟ କୋଚ୍ ରହିଛନ୍ତି। ଭାରତ ପୁଲ୍ ‘ସି’ରେ ଜର୍ମାନୀ, ଆୟର୍ଲାଣ୍ଡ ଓ ନାମ୍ବିୟା ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ନାମ୍ବିୟା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୩ରେ ଜର୍ମାନୀ ଏବଂ ୫ ତାରିଖରେ ଆୟର୍ଲାଣ୍ଡକୁ ଭେଟିବ। ପ୍ରତି ପୁଲ୍‌ର ଶୀର୍ଷ ଦଳଗୁଡ଼ିକ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୭ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର କହିଛନ୍ତି ଯେ, ଦଳ ଚୟନ ଏବଂ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ। ହକିରେ ଶୃଙ୍ଖଳା ରକ୍ଷା କରାଯିବା ନୀତିରେ ମୁଁ ବିଶ୍ୱାସ କରେ। ଦଳ ଗଠନ ସମୟରେ ମୁଁ ଏହାକୁ ଲକ୍ଷ୍ୟରେ ରଖିଛି। ଟ୍ରେନିଂ ସମୟରେ ରକ୍ଷଣଭାଗ ଏବଂ ବିପକ୍ଷ ଦଳର ସ୍କୋରିଂ ଅଞ୍ଚଳ ନିକଟରେ ଫିନିସିଂ ଉପରେ ଆମେ କଠିନ ପରିଶ୍ରମ କରିଛୁ। ଗତ କିଛି ମାସ ମଧ୍ୟରେ ଆମ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ଲକ୍ଷ୍ୟ।

**ଭାରତୀୟ ଦଳ:** ଗୋଲକିପର୍ସ: ନିଧି, ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଡିଫେଣ୍ଡର୍ସ: ମନୀଷା, ଲାଲଥାନଲୁଆଲାଙ୍ଗି, ସାକ୍ଷୀ ଶୁକ୍ଲା, ପୂଜା ସାହୁ, ନନ୍ଦିନୀ। ମିଡ୍‌ଫିଲ୍ଡର୍ସ: ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ, ଖଇଦେମ ଶିଲେଇମା ଚାନୁ, ବିନିମା ଧନ। ଫରୱାର୍ଡ୍ସ: ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ, ହିନା ବାନୋ, ସୁଖବୀର କୌର। ଅଲ୍ଟରନେଟ ପ୍ଲେୟର୍ସ: ପ୍ରିୟଙ୍କା ଯାଦବ, ପାର୍ବତୀ ଟପ୍ପୋ।


ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ



ପୂଜା ସାହୁ



ସୁନେଲିତା ଟପ୍ପୋ

# ଓଡ଼ିଶା ସମ୍ମୁଖରେ ୩୪୫ ବିଜୟ ଲକ୍ଷ୍ୟ

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ନାଗପୁରରେ ଚାଲିଥିବା ରଣ୍‌ଜୀ ଟ୍ରଫି ଏଲିଟ ଗ୍ରୁପ୍ ‘ଏ’ ମ୍ୟାଚରେ ବିଦର୍ଭ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୪ ରନ ସଂଗ୍ରହ କରିଛି। ଅର୍ଥାତ୍ ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ମଙ୍ଗଳବାର ଅନ୍ତିମ ଦିବସରେ ଓଡ଼ିଶା ବିଜୟ ପାଇଁ ଆଉ ୩୦୧ ରନ ଆବଶ୍ୟକ କରୁଛି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଓଡ଼ିଶା ଦଳର ପ୍ରଦର୍ଶନ ଦୃଷ୍ଟିରୁ ଏହା କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ଅସମ୍ଭବ ନୁହେଁ। ଅନ୍ତିମ ଦିବସରେ ସେସନ ଭିତ୍ତିରେ କିଭଳି ଖେଳିବାକୁ ହେବ ସେଥିନେଇ ଟିମ୍ ମ୍ୟାନେଜମେଣ୍ଟକୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଟାର୍ଗେଟ ଚେଜ୍ କରି ନ ପାରିଲେ ମଧ୍ୟ ଓଡ଼ିଶା ଯଦି ଦିନସାରା ଖେଳିପାରିବ ତେବେ ମ୍ୟାଚକୁ ଡ୍ର ରଖି ୧ ପଏଣ୍ଟ ପାଇପାରିବ। ଅପରାଜିତ ଥିବା ଦୁଇ ଓପନର ସ୍ୱସ୍ତିକ ସାମଲ (୨୫ ରନ) ଓ ଗୌରବ ଚୌଧୁରୀ (୧୭)ଙ୍କୁ ବଡ଼ ପାର୍ଟନରଶିପ୍ ଗଢ଼ିବାକୁ ହେବ। ପ୍ରଥମ ଇନିଂସରେ ବିଦର୍ଭ ୨୮୬ ରନ କରିଥିବାବେଳେ ଓଡ଼ିଶା ୧୬୦ ରନରେ ଅଲ୍‌ଆଉଟ ହୋଇଛି। ବିଦର୍ଭ ଏହାର ଦ୍ୱିତୀୟ ଇନିଂସକୁ ୨୧୮/୨ରେ ଘୋଷଣା କରିଛି।

### ବିଦର୍ଭ ଇନିଂସ ଅଗ୍ରଣୀ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୩୮ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ସମ୍ବିତ ବରାଳ ୨୯ରନ କରିଥିବାବେଳେ ଅନ୍ୟ କୌଣସି ଶେଷଭାଗ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ପକ୍ଷରୁ ଗୌରବ ଫର୍ଦେ ୪ଟି, ପାର୍ଥ ରେଖାଦେ ୩ଟି ଏବଂ ନଚିକେତ ଭୁତେ, ପ୍ରଫୁଲ ହିଙ୍ଗେ ଓ ଯଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ବିଦର୍ଭ ପ୍ରଥମ ଇନିଂସରେ ୧୨୬ ରନରେ ଅଗ୍ରଣୀଲାଭ କରିଥିଲା।

### ଅମନ ଓ ଧ୍ରୁବଙ୍କ ଶତକ

ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଅଥର୍ବ ତାଇଦେ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଅମନ ମୋଖାଦେ ଓ ଧ୍ରୁବ ଶୋରେ ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ୧୯୯ ରନର ଭାଗୀଦାରି ଗଢ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଧ୍ରୁବ ୧୦୧ ରନକରି ଆଉଟ ହୋଇଥିବାବେଳେ ଅମନ ୧୦୧ ରନରେ ଅପରାଜିତ ରହିଥିବାବେଳେ ଅଧିନାୟକ ଅକ୍ଷୟ ୱାଦକର ଇନିଂସ ଘୋଷଣା କରିଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦/ଅଲଆଉଟ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୪/୨୮, ପାର୍ଥ ରେଖାଦେ-୩/୩୧, ନଚିକେତ ଭୁତେ-୧/୩୨, ପ୍ରଫୁଲ୍ଲ ହିଙ୍ଗେ-୧/୩୭, ଯଶ କଦମ-୧/୨୬)। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨/ଘୋଷଣା (ଅକ୍ଷୟ ମୋଖାଦେ-୧୦୧*, ଧ୍ରୁବ ଶୋରେ-୧୦୧, ବାଦଲ ବିଶ୍ୱାଳ-୨/୮୩)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୪/୦।

# କ୍ୟାରମ, ଚେସ୍, ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଭଲ ପ୍ରଦର୍ଶନ



ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ମିଟ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଇପିଏଫ୍‌ଓ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ଆନୁକୂଲ୍ୟରେ ଭବିଷ୍ୟନିଧି ଜୋନାଲ ଇନ୍‌ଡୋର ଟୁର୍ଣ୍ଣାମେଣ୍ଟ ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ହଲ୍‌ରେ ଉଦ୍‌ଯାପିତ ହୋଇଛି। ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କ୍ୟାରମ ଓ ଚେସ୍ ଆଦି ୪ କ୍ରୀଡ଼ାର ସର୍ବଭାରତୀୟ ଯୋଗ୍ୟତା ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବାଞ୍ଚଳ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରିଜିଓନାଲ ପିଏଫ୍ କମିଶନର-୧ ବିଜୟ କୁମାର ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଇପିଏଫ୍‌ଓର ଅନ୍ୟ ସିନିୟର ଅଫିସରମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପିଏଫ୍ କମିଶନର-୧ ରାଜର୍ଷି ଚକ୍ରମା ଓଡ଼ିଶା ରିଜିଓନାଲ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ବିବରଣୀ ପାଠ କରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରନଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧିକାଂଶ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଥିଲେ। ମହିଳା ଚେସ୍‌ରେ ଅଲକା ସିହ୍ନା, କ୍ୟାରମ ସିଙ୍ଗଲ୍ସରେ ଆଶାଲତା ସାହାଣି, କ୍ୟାରମ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ରଥ, ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସରେ ଆଶାଲତା ସାହାଣୀ, ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ଟ୍ରଫି ହାସଲ ସହ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ପୁଣେରେ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ। ଅନ୍ୟ ଅତିଥିଙ୍କ ମଧ୍ୟରେ ରିଜିଓନାଲ ପିଏଫ୍ କମିଶନର ସୁର୍ଜିତ କୁମାର, ଦାଶରଥି ନାଗ ଓ ଆବେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଉଦ୍‌ଯାପନୀ ଉତ୍ସବକୁ ସଂଯୋଜନା କରିଥିଲେ।

# ଡୋପ୍ ଟେଷ୍ଟ ନୋଟିସ ପରେ ଆଥଲେଟ୍ ପାଳନ କରିବାକୁ ବାଧ୍ୟ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.):** ଟ୍ରାକ ଓ ଫିଲ୍ଡର ଆଣ୍ଟି-ଡୋପିଂ ୱାଚଡଗ୍ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ସୋମବାର ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର ବର୍ଷା ଟେକାମଙ୍କୁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିବା ଘଟଣାର ପୁନଃ ସମୀକ୍ଷା କରିଛି। ଏଥିସହିତ ଯଦି କୌଣସି ଆଥଲେଟ୍‌ଙ୍କୁ ଡୋପିଂ ଟେଷ୍ଟ ଲାଗି ସୂଚିତ କରାଯାଏ, ତେବେ ତାଙ୍କୁ ପାଳନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଗତ ବର୍ଷ ପୁଣେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିଥିବା ବର୍ଷାଙ୍କୁ ଏକ ଡୋପ ଟେଷ୍ଟରୁ ପଳାୟନ କାରଣରୁ ଗତ ଜୁନ ୫ ତାରିଖରେ ଏଆଇୟୁ ପକ୍ଷରୁ ୩ ବର୍ଷ ଲାଗି ବ୍ୟାନ କରାଯାଇଥିଲା। ବର୍ଷା ଗତ ବର୍ଷ ଡିସେମ୍ବର ୧୫ରେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ତାଙ୍କୁ ଟେଷ୍ଟିଂ ଲାଗି ଚୟନ କରାଯାଇଥିବା ଜଣେ ଡୋପିଂ କଣ୍ଟ୍ରୋଲ ଅଫିସର (ଡିସିଓ) ଜଣାଇଥିଲେ। ବିଜୟ ଉତ୍ସବ ଲାଗି ଅପେକ୍ଷା କରୁଥିବା ବେଳେ ପାଣି ଆଣିବାକୁ ଯାଉଥିବା କହି ବର୍ଷା ଦର୍ଶକଙ୍କ ମଧ୍ୟକୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ।

# ଢାକା ଯିବାକୁ ମନାକଲେ ମୁଖ୍ୟ କୋଚ୍

## ପାକିସ୍ତାନ ହକିରେ ବିବାଦ

କରାଚୀ, ୧୦।୧୧ (ପି.ଟି.)

ପାକିସ୍ତାନ ହକିରେ ବିବାଦ ଦେଖାଦେଇଛି। ପୁରୁଷ ହକି କୋଚ୍ ତାହିର ଜମାନ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜ ଲାଗି ଢାକା ନ ଯିବା ଲାଗି ରୋକ୍‌ଠୋକ୍ ମନାକରି ଦେଇଛନ୍ତି। ଖେଳାଳି ଚୟନ କ୍ଷେତ୍ରରେ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ର ହସ୍ତକ୍ଷେପକୁ ନାପସନ୍ଦ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ଦଳ ଅନ୍ୟତମ ସେଲିବ୍ରିଟି ତଥା ପୂର୍ବତନ ଅଲିମ୍ପିଆନଙ୍କୁ ସାଥିରେ ନ ନେଇ ରବିବାର ଟୁର୍ଣ୍ଣାମେଣ୍ଟ ଅଭିମୁଖେ ଗସ୍ତ କରିଛନ୍ତି। ପାକିସ୍ତାନ ହକି ଦଳରେ ଶେଷ ମୁହୂର୍ତ୍ତରେ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ତାହିରଙ୍କ ଦ୍ୱାରା ଏହା ଗୃହୀତ ହୋଇ ନ ଥିଲା। ପାକିସ୍ତାନ ହକି ମହାସଂଘ ସମ୍ପାଦକ ରାଣା ମୁଜାହିଦ କହିଛନ୍ତି, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାର ସମାଧାନ ଖୁବ୍‌ଶୀଘ୍ର ହେବ। ତାହିରଙ୍କ କହିବାର କଥା ହେଲା, ଇସ୍‌ଲାମାବାଦରେ ଆୟୋଜିତ ତାଲିମ ଶିବିରକୁ ରାଣା ୱାହିଦ ଓ ହମାଦ ଅଞ୍ଜୁମ ନାମକ ଖେଳାଳି ବିଳମ୍ବରେ ଆସିଥିବାରୁ ଖେଳାଳିଙ୍କୁ ଜାତୀୟ ଦଳରେ ସ୍ଥାନ ଦିଆଯିବା ଉଚିତ ନୁହେଁ। ରାଣା କହିଛନ୍ତି, ତାହିର ଶେଷ ମୁହୂର୍ତ୍ତରେ ଦଳ ସହିତ ଢାକା ନ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ପାକିସ୍ତାନକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ସୁଯୋଗ ଦେବା ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତରଫରୁ ଢାକାରେ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜର ଆୟୋଜନ କରାଯାଇଛି। ଅଗଷ୍ଟ-ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ଏସିଆ କପ ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଥିଲା। ମାତ୍ର ପାକିସ୍ତାନ ଭାରତକୁ ଏହାର ଦଳ ପଠାଇ ନ ଥିଲା। ତାହିରଙ୍କ ନିକଟତମ ମହଲରୁ ପ୍ରକାଶ ଯେ, ଦଳ ବ୍ୟାପାରରେ କୋଚ୍ ହିଁ ସର୍ବେସର୍ବା ଏକଥା ଯେପର୍ଯ୍ୟନ୍ତ ଖେଳାଳିମାନଙ୍କ ମନରେ ଧାରଣା ସୃଷ୍ଟି ନ ହୋଇଛି ସେ ପର୍ଯ୍ୟନ୍ତ ଦଳର ପ୍ରଦର୍ଶନରେ ଉନ୍ନତି ସମ୍ଭବ ନୁହେଁ ବୋଲି ଅଲିମ୍ପିଆନ ଜଣକ ମନେକରନ୍ତି। ରାଣା କହିଛନ୍ତି, ପୂର୍ବ ପ୍ରତିଶ୍ରୁତି ଅନୁସାରେ ଅତି କମ୍‌ରେ ୧୦ଜଣ ଖେଳାଳି ବିଳମ୍ବରେ କ୍ୟାମ୍ପରେ ଯୋଗଦେଇଥିଲେ। ପିଏଚ୍‌ଏଫ୍ ସେମାନଙ୍କୁ ଆର୍ଥିକ ଜରିମାନାରେ ଦଣ୍ଡିତ ପାଇଁ ରାଜି ହୋଇଯାଇଥିଲା। ପିଏଚ୍‌ଏଫ୍ ସମ୍ପାଦକ ଏକଥା ମଧ୍ୟ କହିଛନ୍ତି ଯେ, ଦଳର ମ୍ୟାନେଜର ମହମ୍ମଦ ଉସ୍‌ମାନ ବାଂଲାଦେଶରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇପାରିବାର ସାମର୍ଥ୍ୟ ରହିଛି। ରାଣା ଆହୁରି କହିଛନ୍ତି, ତାହିରଙ୍କ ସହିତ ଏହି ମାମଲାର ଯଦି ସମାଧାନ ନ ହୁଏ ତେବେ ମହାସଂଘ ବିଦେଶୀ କୋଚ୍ ଆଣିବା ଲାଗି ଚେଷ୍ଟା କରିବ।



ତାହିର ଜମାନ

# ଦକ୍ଷିଣ ଆଫ୍ରିକା ଦଳରେ ଯୋଗଦେଲେ ବଭୁମା

କୋଲକାତା, ୧୦।୧୧ (ପି.ଟି.)

ଇଡେନଗାର୍ଡେନ୍ସଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ସୋମବାର ସକାଳେ ଶେଷ ଖେଳାଳି ଭାବେ ତାଙ୍କ ଦଳ ସହିତ ଯୋଗଦେଇଛନ୍ତି। ବଭୁମା ବେଙ୍ଗାଲୁରୁରେ ତାଙ୍କ ଦେଶର ‘ଏ’ ଦଳ ସହିତ ଭାରତ ‘ଏ’ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ ଖେଳୁଥିଲେ। ଦକ୍ଷିଣ ଆଫ୍ରିକା ଦଳର ପ୍ରଥମ ବ୍ୟାଚ ଏଠାରେ ରବିବାର ସକାଳେ ଆସି ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ମୁଖ୍ୟ କୋଚ୍ ସୁକ୍ରି କୋନାର୍ଡଙ୍କ ସମେତ ଦୁଇ ପେସ୍ ବୋଲର କାଗିସୋ ରାବାଡା ଓ ମାର୍କୋ ଜାନସେନ ଅନ୍ୟତମ। ଏମାନେ ପାକିସ୍ତାନ ବିପକ୍ଷ ହ୍ୱାଇଟ ବଲ୍ ସିରିଜ ଖେଳୁଥିଲେ। ବଭୁମା ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନ ଥିଲେ। ତେବେ ବେଙ୍ଗାଲୁରୁଠାରେ ଭାରତ ‘ଏ’ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟରେ ସେ ଖେଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ରିଚା ଘୋଷ୍‌ଙ୍କ ନାମରେ ହେବ ଷ୍ଟାଡିୟମ

**କୋଲକାତା, ୧୦।୧୧:** ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ରିଚା ଘୋଷଙ୍କ ନାମରେ ଷ୍ଟାଡିୟମ ନିର୍ମାଣ କରାଯିବ। ରାଜ୍ୟ ସରକାର ସିଲିଗୁଡ଼ିରେ ଏହି ଷ୍ଟାଡିୟମ ନିର୍ମାଣ କରିବେ ଏବଂ ଷ୍ଟାଡିୟମର ନାମ ରିଚା କ୍ରିକେଟ୍ ଷ୍ଟାଡିୟମ ରଖାଯିବ। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମବାର ଘୋଷଣା କରିଛନ୍ତି। ଉତ୍ତର ବେଙ୍ଗଲସ୍ଥିତ ସିଲିଗୁଡ଼ିରେ ୨୨ ବର୍ଷୀୟା ରିଚାଙ୍କ ଘର।

‘ଚାନ୍ଦମନି ଟି ଇଷ୍ଟେଟରେ ୨୭ ଏକର ଜମିରେ ରିଚା କ୍ରିକେଟ ଷ୍ଟାଡିୟମ୍ ନିର୍ମାଣ କରାଯିବ। ରିଚାଙ୍କୁ ସମ୍ମାନିତ କରିବାର ଏହା ଏକ ଉପାୟ। ରିଚା ବେଙ୍ଗଲର ଚମକୁ ଥିବା କ୍ରୀଡ଼ା ପ୍ରତିଭା ଓ ସେ ଉତ୍ତର ବେଙ୍ଗଲରୁ ଆସୁଥିବା ଅନେକ ଯୁବା କ୍ରିକେଟର୍ସଙ୍କୁ ପ୍ରେରଣା ଦେଇଛନ୍ତି’ ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି। ଏଥିପୂର୍ବରୁ ରିଚାଙ୍କୁ ଶନିବାର ବଂଗ ଭୂଷଣ ସମ୍ମାନରେ ସମ୍ମାନିତ କରାଯିବା ଡିଏସ୍‌ପି ପଦବୀ ଦିଆଯାଇଥିଲା।

# ଏଆଇପିଏନ୍‌ବିଓଏର ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ



ଉଦ୍‌ଯାପନୀରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର, ୧୦।୧୧(ଅନାଦି କର)

ବାଲେଶ୍ୱରସ୍ଥିତ ଏଫ୍‌ଏମ୍ ୟୁନିଭର୍ସିଟି ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇପିଏନ୍‌ବିଓଏ)ର ଓଡ଼ିଶା ଜୋନର ଷଷ୍ଠ ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୫ଟି ସର୍କଲର କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ୟାଙ୍କର ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଭୁଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସର୍କଲର ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, କଟକ ସର୍କଲର ମୁଖ୍ୟ ସୁଜିତ ନେଗି, ବାଲେଶ୍ୱର ସର୍କଲର ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ ଓ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ ବୈରୀଗଞ୍ଜନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇପିଏନ୍‌ବିଓଏର ସାଧାରଣ ସମ୍ପାଦକ ତଥା ଏଆଇବିଓସିର ରାଜ୍ୟ ସଭାପତି ବୈଲୋଚନ ସାହୁଙ୍କ ସମେତ ସମସ୍ତ ୫ଟି ସର୍କଲର ସମ୍ପାଦକ, ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆବୁଧାବିରେ ହୋଇପାରେ ଆଇପିଏଲ ମିନି ଅକ୍ସନ

**ନୂଆଦିଲ୍ଲୀ, ୧୦।୧୧:** ଆଗାମୀ ଆଇପିଏଲ ଲାଗି ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିଠାରେ ମିନି ଅକ୍ସନ ହୋଇପାରେ। ଏହି ଇଭେଣ୍ଟ ଲାଗି ବିସିସିଆଇ ପକ୍ଷରୁ ଡିସେମ୍ବର ୧୫ ଓ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଗତ ଦୁଇ ବର୍ଷ ହେଲା ମିନି ଅକ୍ସନ ବିଦେଶରେ ଆୟୋଜିତ ହେଉଛି। ଚଳିତବର୍ଷ ସୌଦି ଆରବର ଜେଦ୍ଦାଠାରେ ହୋଇଥିଲା। ଆସନ୍ତା ୧୫ ସୁଦ୍ଧା ଆଇପିଏଲ୍‌ର ସମସ୍ତ ଫ୍ରାଞ୍ଚାଇଜ ରିଟେନଶନ ତାଲିକା ଦେବେ।

# ହର୍ଷିତ୍, ନିନିଶା, ସୌମ୍ୟଜିତଙ୍କୁ ଏକାଧିକ ଟାଇଟଲ

## ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ସବ୍‌ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ହୋଇଛି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଥିବା ବେଳେ ଏହି ବୟସ ବର୍ଗର ବାଳିକା ବିଭାଗରେ ନିମିଶା ଓଝାଙ୍କୁ ଦ୍ୱିମୁକୁଟ ମିଳିଛି। କଟକର ହର୍ଷିତ ସମ୍ବଲପୁରର ଅୟଙ୍କ କୁମାର ସାହୁଙ୍କୁ ସିଙ୍ଗଲ୍ସ ଫାଇନାଲରେ ୨୧-୧୧, ୧୬-୨୧ ଓ ୨୧-୧୬ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଠିକ୍ ସେହିପରି ଡବଲ୍ସ ବିଭାଗରେ ହର୍ଷିତ ନିଜ ସାଥୀ ଖେଳାଳି ଅୟଙ୍କ କୁମାର ସାହୁ କୋରାପୁଟ-ବଲାଙ୍ଗୀର ଯୋଡ଼ି ନିତେଶ ପଟ୍ଟନାୟକ ଏବଂ ସାଇ ଚନ୍ଦନ ମହାନ୍ତି ଯୋଡ଼ିଙ୍କୁ ୨୩-୨୫, ୨୧-୧୬ ଓ ୨୧-୧୩ରେ ହରାଇଛନ୍ତି। ମିକ୍ସଡ୍ ଡବଲ୍ସ ବିଭାଗରେ ମଧ୍ୟ ଆଦ୍ୟାଶା ମହନ୍ତଙ୍କୁ ସାଥୀ କରି ହର୍ଷିତ ସମ୍ବଲପୁର-ନୂଆପଡ଼ା ଯୋଡ଼ି ଅୟଙ୍କ ସାହୁ ଓ ମୁସ୍କାନ ପଣ୍ଡାଙ୍କୁ ୨୧-୧୫, ୧୮-୨୧, ୨୧-୧୬ ସେଟରେ ହରାଇ ୩ ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗିଲ୍ସରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ନିଜ ଜିଲାର ବାପୁନ ରାଉତଙ୍କୁ ୨୧-୧୩, ୨୧-୧୭ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସୌମ୍ୟଜିତ ଭଦ୍ରକର ଜେସିକା ସାହୁଙ୍କୁ ସାଥୀ କରି କଟକ ଓ ସୁନ୍ଦରଗଡ଼ ଯୋଡି ଅଂଶୁମାନ ସିଂ ଓ ଅଂଶିକା ବିରୋକଙ୍କୁ ୨୧-୧୮, ୨୧-୧୪ରେ ହରାଇଛନ୍ତି। ଖୋର୍ଦ୍ଧା ଖେଳାଳି ନିମିଶା ଓଝା ୧୫ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକ ଖେଳାଳି ସ୍ୱାତୀ ନାୟକଙ୍କୁ ୨୧-୧୬, ୧୮-୨୧ ଓ ୨୧-୧୫ ରେ ପରାସ୍ତ କରିଛନ୍ତ। ବାଳିକା ଫାଇନାଲରେ ମଧ୍ୟ ନିମିଶା ଓ ସ୍ୱାତୀ ନାୟକ ଯୋଡ଼ି ଭଦ୍ରକ ଓ ଯାଜପୁର ଯୋଡ଼ି ବୁଢୁପୁ ଲକ୍ଷ୍ମୀ ରେଣ୍ଡୀ ଓ ରିତିକା ଦାଶଙ୍କୁ ୨୧-୪ ଓ ୨୧-୯ରେ ହରାଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ୨୧-୧୭, ୧୮-୨୧ ଓ ୨୧-୮ରେ ପରାସ୍ତ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ଖୋର୍ଦ୍ଧା-ସମ୍ବଲପୁର ଯୋଡ଼ି ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ ଖୋର୍ଦ୍ଧା-ଢେଙ୍କାନାଳ ଯୋଡ଼ି ସୌମ୍ୟଜିତ ସାହୁ ଓ ବିଭୁଦତ୍ତ ବିଶ୍ୱାଳଙ୍କୁ ୨୧-୧୮, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ନଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ ଓ ଅଜିତ ମହାନ୍ତି, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଶିଭମ୍ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଶୁଭମ୍ ନାୟକ, ମୁଖ୍ୟ ରେଫରି ରୀତା ଦାଶ, ସଂଯୋଜକ ଜୟ ପ୍ରକାଶ ଜେନା ଓ ତାରାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନରେ ପୁରସ୍କାର ଲାଭ କରିଥିବା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ